


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-182 ◆SUNDAY ◆28 DECEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୮୨ ◆ରବିବାର ◆୨୮ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଚୀନ୍‌ରେ ବିଶ୍ୱର ସବୁଠାରୁ ଲମ୍ବା ଏକ୍ସପ୍ରେସ୍‌ୱେ ସୁଡ଼ଙ୍ଗ ଲୋକାର୍ପିତ

■ ବେଜିଂ, ୨୭ ।୧୨(ଏଜେନ୍ସି): ଚୀନ ବିଶ୍ୱର ସବୁଠାରୁ ଲମ୍ବା ଏକ୍ସପ୍ରେସୱେ ସୁଡଙ୍ଗ ଉଦଘାଟନ କରିଛି । ଜିନଜିଆଙ୍ଗର ଉଇଗୁର ସ୍ୱୟଂ ଶାସିତ ଅଞ୍ଚଳରେ ୨୨.୧୩ କିମି ଲମ୍ବା ଏକ୍ସପ୍ରେସୱେ ସୁଡଙ୍ଗ ଖୋଲିଛି । ଏହାକୁ ବିଶ୍ୱର ସବୁଠାରୁ ଲମ୍ବା ସୁଡଙ୍ଗ ବୋଲି କୁହାଯାଇଛି । ଏହା ଦ୍ୱାରା ଦୁର୍ଗମ ତିଆନଶାହା ପର୍ବତମାଳାରେ ଯାତ୍ରା ସମୟକୁ ଯଥେଷ୍ଟ ହ୍ରାସ କରିଛି । ଏହି ସୁଡଙ୍ଗ ନର୍ମାଣରେ ବିଶ୍ୱସ୍ତରୀୟ ମାନଦଣ୍ଡକୁ ଅନୁସରଣ କରାଯାଇଛି ବୋଲି ଚୀନର ଯୋଗାଯୋଗ ନିର୍ମାଣ କମ୍ପାନୀର ଅଧ୍ୟକ୍ଷ ସୋଙ୍ଗ ହାଇଲିଆଙ୍ଗ କହିଛନ୍ତି । ଏହା ଶୁକ୍ରବାର ଦିନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇଛି । ଉତ୍ତର ଓ ଦକ୍ଷିଣ ଜିନ୍‌ଜିଆଙ୍ଗ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକୁ ଏହି ସୁଡଙ୍ଗ ଯୋଗ କରୁଛି । ଏହା ଏକ ପ୍ରମୁଖ ଧମନୀ ଭାବେ କାର୍ଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି । ତିଆନଶାନ ପର୍ବତମାଳକ



କେନ୍ଦ୍ରୀୟ ଜିନଜିଆଙ୍ଗରେ ପ୍ରାୟ ୨, ୫୦୦ କିମି ପର୍ଯ୍ୟନ୍ତ ବ୍ୟାପୀଛି । ଏହି ନୂଆ ଏକ୍ସପ୍ରେସୱେ ସୁଡଙ୍ଗ ଖୋଲିବା ସହ ଉରୁମକି ଓ କୋରଲା ମଧ୍ୟରେ ଯାତ୍ରା ପ୍ରାୟ ୭ ଘଣ୍ଟାରୁ ୩ ଘଣ୍ଟାକୁ ହ୍ରାସ ପାଇଛି ।

## ବିଶ୍ୱର ସବୁଠାରୁ ଧନୀ ଭାରତୀୟ ବଂଶୋଦ୍ଭବ ସିଇଓ ଜୟଶ୍ରୀ ଉଲ୍ଲାଲ୍

■ ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି): ଦିନକୁ ଦିନ ବିଦେଶରେ ଭାରତୀୟ ବଂଶୋଦ୍ଭବଙ୍କ ଦବଦବା ବଢ଼ିବାରେ ଲାଗିଛି । ଭାରତୀୟ ବଂଶୋଦ୍ଭବ ସିଇଓଙ୍କ ମଧ୍ୟରେ ସର୍ବପ୍ରଥମେ ମନକୁ ଆସେ ଆଲ୍‌ଫାବେଟ୍ ଇଙ୍କ୍‌ର ସୁନ୍ଦର ପିଚାଇ ଏବଂ ମାଇକ୍ରୋସଫ୍ଟର ସତ୍ୟ ନାଡେଲାଙ୍କ ନାମ । ଏକଥା ସତ ଯେ, ଏହି ଦୁଇ ବ୍ୟକ୍ତି ଦୁନିଆର ଦୁଇଟି ଶକ୍ତିଶାଳୀ କମ୍ପାନିକୁ ଚଳାଉଛନ୍ତି । କିନ୍ତୁ ଏହି ତାଲିକାରେ ସୁନ୍ଦର ପିଚାଇ ଏବଂ ସତ୍ୟ ନାଡେଲାଙ୍କୁ ଟପିଯାଇଛନ୍ତି ଆଉ ଜଣେ ଭାରତୀୟ ବଂଶୋଦ୍ଭବ ସିଇଓ ଜୟଶ୍ରୀ ଉଲ୍ଲାଲ୍ ।

### ପଛରେ ରହିଗଲେ ସତ୍ୟ ନାଡେଲା, ସୁନ୍ଦର ପିଚାଇ

### ସମ୍ପତ୍ତି ୫୦,୧୭୦ କୋଟି ଟଙ୍କା

ଶ୍ରୀମତୀ ଉଲ୍ଲାଲ୍ ହେଉଛନ୍ତି ଆରିଷ୍ଟା ନେଟୱାର୍କସର ସଭାପତି ଏବଂ ସିଇଓ । ହୁରୁନ୍ ରିପୋର୍ଟ ଅନୁଯାୟୀ, ଜୟଶ୍ରୀ ଉଲ୍ଲାଲଙ୍କ ମୋଟ ସମ୍ପତ୍ତି ୫୦,୧୭୦ କୋଟି ଟଙ୍କାରେ ପହଞ୍ଚିଛି । ସତ୍ୟ ନାଡେଲା ▶ପୃଷ୍ଠା-୭



### 'ଫ୍ଲୋ-ମିଟର' ବିନା ମନଇଚ୍ଛା ଜଳ ଶୋଷୁଛନ୍ତି ଶିଳ୍ପ ସଂସ୍ଥା

# ୭ ନଦୀରୁ ମାତ୍ରାଧିକ ପାଣିଚୋରି

■ ଭୁବନେଶ୍ୱର, ୨୭।୧୨ (ସମିସ): ରାଜ୍ୟ ସରକାର ଶିଳ୍ପ ସଂସ୍ଥାମାନଙ୍କୁ ସେମାନଙ୍କ ଚାହିଦା ମୁତାବକ ଜଳ ନେବାକୁ ଅନୁମତି ଦେଇଥାନ୍ତି । ଏହା ମଧ୍ୟ ଜଳସମ୍ପଦ ବିଭାଗର ଧାର୍ଯ୍ୟ ନିୟମ ଅନୁଯାୟୀ, ଚୁକ୍ତିନାମା ଦ୍ୱାରା ଅନୁମୋଦିତ ହୋଇଥାଏ । କିନ୍ତୁ ରାଜ୍ୟରେ ଶିଳ୍ପ ସଂସ୍ଥାମାନେ ଜଳକର ପୈଠ କରୁ ନ ଥିବା ବେଳେ ଚୁକ୍ତିନାମାଠାରୁ ବହୁମାତ୍ରାରେ ମନଇଚ୍ଛା ନଦୀ ଅବବାହିକାରୁ ଜଳ ଉଠାଉଛନ୍ତି । ଜଳ ଉଠାଣର ହିସାବ ପାଇଁ ଶିଳ୍ପ ସଂସ୍ଥାମାନଙ୍କ ପାଇଁ ଚୁକ୍ତିନାମା ଅନୁଯାୟୀ 'ଫ୍ଲୋ ମିଟର୍' ବାଧ୍ୟତାମୂଳକ ଥିବା ବେଳେ ଏହି ନିୟମକୁ ମଧ୍ୟ ସଂସ୍ଥାମାନେ ମାନୁନାହାନ୍ତି ।

ବ୍ରାହ୍ମଣୀ ଓ ମହାନଦୀ ମୁଖ୍ୟତଃ ରାଜ୍ୟର ପ୍ରମୁଖ ଶିଳ୍ପାଞ୍ଚଳଗୁଡ଼ିକୁ ଜଳ ଯୋଗାଣରେ ପ୍ରମୁଖ ଭୂମିକା ରଖୁଥିବା ବେଳେ ଏବେ ଏହି ଦୁଇ ନଦୀ ସମେତ ରାଜ୍ୟର ୭ ନଦୀ ଜଳଚୋରିର ସର୍ବାଧିକ ଶିକାର ହୋଇଛନ୍ତି । ଜଳବାୟୁ ପରିବର୍ତ୍ତନ ଓ ନିଅଣ୍ଟିଆ ବର୍ଷା ଯୋଗୁଁ ଏହି ନଦୀଗୁଡ଼ିକରେ ଜଳ ପ୍ରବାହ କମୁଛି । ଏପରିସ୍ଥଳେ ବିନା 'ଫ୍ଲୋ ମିଟର୍'ର ବ୍ୟବହାରରେ ମାତ୍ରାଧିକ ଜଳ ଉତ୍ତୋଳନ ଆଗାମୀ ଦିନରେ ଜଳକଷ୍ଟ ସହ ପରିବେଶୀୟ ସଙ୍କଟ ଆଶଙ୍କାକୁ ଉଜ୍ଜିବୀତ କରିବା ସହ ପରିବେଶବିତ୍‌ମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ।



### ୩୧ ଡିଭିଜନକୁ ଚିଠି ଲେଖିଲା ଜଳସମ୍ପଦ ବିଭାଗ

### ୩ ମାସରେ ଫ୍ଲୋ-ମିଟର ନ ଲଗାଇଲେ ୬ ଗୁଣ ଜରିମାନା

### ୫୮ ୯୦ କୋଟିର ଜଳକର ବକେୟା ଆଦାୟ କେବେ

ମାତ୍ରାଧିକ ଜଳ ଉତ୍ତୋଳନ ଓ ଜଳଚୋରିକୁ ନେଇ ବିଭିନ୍ନ ମହଲରେ ଏକାଧିକବାର ଅଭିଯୋଗ, ଉଦବେଗ ପ୍ରକାଶ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଛି । ରାଜ୍ୟବ୍ୟାପୀ ଏହି ସାଂଘାତିକ ଜଳଚୋରି ସମ୍ପର୍କରେ ଅବଗତ ହେବା ପରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ୩୧ଟି ଜଳସମ୍ପଦ ଡିଭିଜନକୁ ଚିଠି ଲେଖିଛନ୍ତି । ଯେଉଁମାନେ ଏପରି ଜଳଚୋରି କାର୍ଯ୍ୟରେ ଲିପ୍ତ ଅଛନ୍ତି ଏବଂ ଚୁକ୍ତିନାମାର ଅନୁପାଳନ କରୁ ନାହାନ୍ତି ଅର୍ଥାତ୍ 'ଫ୍ଲୋ ମିଟର' ଲଗାଉନାହାନ୍ତି, ସେମାନଙ୍କଠାରୁ ୬ ଗୁଣ ଜରିମାନା ଆଦାୟ କରାଯିବ ବୋଲି ଚରମବାଣୀ ଶୁଣାଇଛନ୍ତି । ଗୋଟିଏ ପଟେ ବିଭିନ୍ନ ଶିଳ୍ପ ସଂସ୍ଥା ଉପରେ ରାଜ୍ୟ ସରକରଙ୍କର ପ୍ରାୟ ୫୮ ୯୦ କୋଟି ଟଙ୍କାର ଜଳକର ବକେୟା ରହିଛି । ଯାହାକୁ ସରକାର ଆଦାୟ କରିବାରେ ବିଫଳ ହୋଇଛନ୍ତି । ସମାନ ସମୟରେ ନଦୀ ଅବବାହିକା ଗୁଡ଼ିକରୁ ଏପରି ମନଇଚ୍ଛା ଜଳ ଉଠାଣ ଭବିଷ୍ୟତରେ ପରିବେଶ ଉପରେ ବିରାଟ କୁପ୍ରଭାବ ସୃଷ୍ଟି କରିବ ବୋଲି ପରିବେଶବିତ୍ ମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ, ଓଡ଼ିଶା ଜଳସେଚନ ଆଇନ ଏବଂ ନିୟମ, ୧୯୫୯ ଏବଂ ଓଡ଼ିଶା ଜଳସମ୍ପଦ ନିୟମ, ୧୯୬୧ ଅନୁଯାୟୀ ଶିଳ୍ପ ସଂସ୍ଥାମାନଙ୍କୁ ଚୁକ୍ତି (ଆବଣ୍ଟନ) ଅନୁଯାୟୀ ଜଳ ନେବାକୁ ଅନୁମତି ଦିଆଯାଏ । ଚୁକ୍ତି ଅନୁଯାୟୀ ଶିଳ୍ପ ସଂସ୍ଥାମାନେ ଜଳଉଠାଣ ପୂର୍ବରୁ ଉଠାଣ ସ୍ଥାନରେ 'ଫ୍ଲୋ ମିଟର' ଲଗାଇବାକୁ ବାଧ୍ୟ ଅଟନ୍ତି । ଏହି 'ଫ୍ଲୋ ମିଟର' ଲାଗିବା ଦ୍ୱାରା ଉକ୍ତ ସଂସ୍ଥା ଚୁକ୍ତି ମାତ୍ରା ଅନୁଯାୟୀ ଜଳ ଉଠାଉଛନ୍ତି କି ନାହିଁ, ତାହା ▶ପୃଷ୍ଠା-୭

### ଆର୍ଥିକ ସଙ୍କଟ, ବେକାରୀ ସହ ଯୁଝୁଛି ବାଂଲାଦେଶ

## ଜିଡିପି ଅଭିବୃଦ୍ଧି ୭ରୁ ୪%କୁ ହ୍ରାସ

■ ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି):ବାଂଲାଦେଶ ବର୍ତ୍ତମାନ ସବୁଠାରୁ କଷ୍ଟକର ଆର୍ଥିକ ସମୟ ଦେଇ ଗତି କରୁଛି । କିଛି ଦିନ ପୂର୍ବରୁ ଏସିଆର ଉଦୀୟମାନ ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବରେ ବିବେଚିତ ଏହି ଦେଶ ଏବେ ଗମ୍ଭୀର ଅନିଶ୍ଚିତତା ଏବଂ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛି । ରାଜନୈତିକ ଅସ୍ଥିରତା, ବର୍ଦ୍ଧିତ ବେକାରି ଏବଂ ଦୁର୍ବଳ ହେଉଥିବା ଅର୍ଥନୀତି ସେଠାରେ ସାଧାରଣ ଲୋକଙ୍କ ଜୀବନ କଷ୍ଟକର କରିଦେଇଛି । ରାଜନୈତିକ ପରିବର୍ତ୍ତନ ପରେ ଅନ୍ତରୀଣ ସରକାର ସ୍ଥିରତା ଏବଂ ସଂସ୍କାର ଆଣିବା ଆଶା କରାଯାଉଥିଲା । ହେଲେ ସେଠାର ବର୍ତ୍ତମାନ ପରିସ୍ଥିତି ଭିନ୍ନ । ନିରନ୍ତର ପ୍ରତିବାଦ, ହିଂସା ଏବଂ ଅନିଶ୍ଚିତ ନିଷ୍ପତ୍ତି ବାଂଲାଦେଶର ଅର୍ଥନୀତିକୁ ପଙ୍ଗୁ କରିଦେଇଛି । ନିବେଶକଙ୍କ ବିଶ୍ୱାସ ଦୁର୍ବଳ ହୋଇଛି ଏବଂ ଅନେକ କମ୍ପାନୀ ଦେଶ ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି ।



### ଦେଶ ଛାଡିବେ ଅନେକ କମ୍ପାନୀ

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଅନୁଯାୟୀ, ବାଂଲାଦେଶର ଆର୍ଥିକ ଅଭିବୃଦ୍ଧି ହାର ଦ୍ରୁତ ହ୍ରାସ ପାଇଛି । ପୂର୍ବରୁ ୭ ପ୍ରତିଶତ ପାଖାପାଖି ରହୁଥିବା ଦେଶର ଜିଡିପି ଅଭିବୃଦ୍ଧି ଏବେ ୪ ପ୍ରତିଶତ ତଳକୁ ଖସିଆସିଛି । ଉତ୍ପାଦନରେ ବିଳମ୍ବ, କଠୋର ନୀତି ଏବଂ ରାଜନୈତିକ ଅନିଶ୍ଚିତତା ଏହାର ମୁଖ୍ୟ କାରଣ ବୋଲି ବିବେଚନା କରାଯାଉଛି । ଯଦିଓ ବର୍ତ୍ତମାନ ପୂର୍ବ ସମୟ ତୁଳନାରେ ମୁଦ୍ରାସ୍ଫୀତି କିଛି ମାତ୍ରାରେ ହ୍ରାସ ପାଇଛି, ତଥାପି ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ମହଙ୍ଗା ରହିଛି । ଏହା ସିଧାସଳଖ ସାଧାରଣ ପରିବାରଗୁଡିକର କ୍ରୟ ଶକ୍ତିକୁ ପ୍ରଭାବିତ କରୁଛି । ଯେତେବେଳେ ଖର୍ଚ୍ଚ ବୃଦ୍ଧି ପାଏ ଏବଂ ଆୟ ହ୍ରାସ ପାଏ, ଘରୋଇ ଚାହିଦା ଦୁର୍ବଳ ହେବା ନିଶ୍ଚିତ । ସରକାରୀ ତଥ୍ୟ ଅନୁଯାୟୀ, ଦେଶରେ ବେକାରି ହାର ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି । ନିଯୁକ୍ତି ହ୍ରାସ ପାଉଛି, ଯାହା ବିଶେଷକରି ଯୁବପିଢ଼ି ଏବଂ ଶ୍ରମିକ ▶ପୃଷ୍ଠା-୭

## ଦୋକାନ ସହ ଦୋକାନୀଙ୍କୁ ଜାଳିଦେଲେ



ବାରେଣୀ ବଜାରରେ ଉତ୍ତେଜନା

■ କେନ୍ଦ୍ରାପଡ଼ା, ୨୭ ।୧୨ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ବାରେଣୀ ବଜାରରେ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଥିବା ଏକ ହୃଦୟବିଦାରକ ଘଟଣା ସାରା ଅଞ୍ଚଳକୁ ସ୍ତବ୍ଧ କରିଦେଇଛି । ଦୋକାନ ଭିତରେ ଶୋଇଥିବା ବେଳେ ନିଆଁରେ ପୋଡ଼ି ଜଣେ ପରିବା ବ୍ୟବସାୟୀଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ମୃତ ବ୍ୟବସାୟୀ ହେଉଛନ୍ତି, ଗରଦପୁର ବ୍ଲକ୍ କଳାବୁଦା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ସୁବାସ ମଳିକ (୪୬) । ବାରେଣୀ ବଜାରରେ ଥିବା ଏକ ଆଜବେଷ୍ଟସ ଘରେ ସେ ଭେରାଇଟି ଷ୍ଟୋରରେ ସମସ୍ତ ପ୍ରକାରର ଡ୍ରେସ, ପରିବା ଓ ତେଜରାତି ବ୍ୟବସାୟ କରୁଥିଲେ । ଶୁକ୍ରବାର ରାତିରେ ସୁବାସ କଳାବୁଦା ନିକଟ ଏକ ମଣ୍ଡପରେ ଭୋଜି ଖାଇ ପ୍ରାୟ ସାଢ଼େ ୧୧ଟାରେ ଘରକୁ ଫେରିଥିଲେ । ଘରେ କିଛି ଖାଦ୍ୟ ଦେବା ପରେ ସେ ଦୋକାନକୁ ଶୋଇବାକୁ ଯାଇଥିଲେ । କିନ୍ତୁ ଭୋର ପ୍ରାୟ ୪ଟାରେ ମନ୍ଦିର ପୂଜକ ନଳିନୀକାନ୍ତ ପଣ୍ଡା ଦୋକାନରୁ ନିଆଁ ଓ ଧୂଆଁ ଉଠୁଥିବା ଦେଖି ସୁବାସଙ୍କ ବାପା ଅରକ୍ଷିତ ମଲ୍ଲିକଙ୍କୁ ଖବର ଦେଇଥିଲେ । ପରିବାରଲୋକେ ପହଞ୍ଚି ସୁବାସ ନିଆଁରେ ସମ୍ପୂର୍ଣ୍ଣ ଜଳିଯାଇଥିବା ଦେଖିବାକୁ ପାଇଥିଲେ । ଆଶ୍ଚର୍ଯ୍ୟଜନକ ଭାବେ ଦୋକାନ କବାଟ ବାହାରପଟୁ ବନ୍ଦ ଥିଲା । ଲୁହା ଗ୍ରୀଲ୍ ଭାଙ୍ଗି ପରିବାର ଲୋକ ଭିତରକୁ ପଶିଥିଲେ । ତେଣୁ ଏହା କୌଣସି ଦୁର୍ଘଟଣା ନୁହେଁ, ବରଂ ଯୋଜନାବଦ୍ଧ ହତ୍ୟା ବୋଲି ସନ୍ଦେହ ଉପୁଜିଛି ।

ଘଟଣାକୁ କେନ୍ଦ୍ର କରି ବାରେଣୀ ବଜାରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ବ୍ୟବସାୟୀ ସଂଘ ଓ ସ୍ଥାନୀୟ ଲୋକେ ଏହାକୁ ହତ୍ୟା ବୋଲି ଅଭିଯୋଗ କରି ଗରଦପୁର-କୋରୁଆ ମୁଖ୍ୟ ରାସ୍ତାରେ ଟାୟାର ଜାଳି ଦୀର୍ଘ ସମୟ ଧରି ରାସ୍ତା ▶ପୃଷ୍ଠା-୭

## ନିତିନ ନବୀନ ହେବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ

■ ନୂଆଦିଲ୍ଲୀ, ୨୭ ।୧୨ (ଏଜେନ୍ସି): ବିଜେପିର କାର୍ଯ୍ୟକାରୀ ଅଧ୍ୟକ୍ଷ ନିତିନ ନବୀନ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବା ସମ୍ଭାବନା ରହିଛି । ମିଳିଥିବା ସୂଚନା ଅନୁଯାୟୀ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଜାନୁଆରୀ ୧୮ରୁ ଆରମ୍ଭ ହୋଇ ୨୦ ସୁଦ୍ଧା ସଂପନ୍ନ ହେବ । ନିର୍ବାଚନରେ ନବୀନ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେବାର ସମ୍ଭାବନା ରହିଛି । ଏହାହେଲେ ନବୀନ ବିଜେପିର ସବୁଠାରୁ କନିଷ୍ଠ ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବେ । ୨୦୨୯ ପର୍ଯ୍ୟନ୍ତ ସେ ଏହି ଗୁରୁଦାୟିତ୍ୱ ବହନ କରିବେ ।

### ୧୮ରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ, ୨୦ରେ ଘୋଷଣା

୨୦୨୯ରେ ଲୋକସଭା ନିର୍ବାଚନ ହେବା ପର୍ଯ୍ୟନ୍ତ ସେ ଅଧ୍ୟକ୍ଷ ପଦରେ ରହିବେ । ଜାନୁଆରୀ ୧୫ ପରେ ପାର୍ଟିର ସବୁ ରାଜ୍ୟ ସଭାପତିଙ୍କୁ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଡକାଇବ । ଦେଶର ଅର୍ଦ୍ଧାଧିକ ରାଜ୍ୟରେ ରାଜ୍ୟ ସଭାପତିଙ୍କୁ ନିର୍ବାଚିତ କରାଯାଇଛି । ୩୭ଟି ରାଜ୍ୟ ୟୁନିଟରୁ ୨୯ଟିରେ ଅନ୍ତରୀଣ ନିର୍ବାଚନ ଶେଷ ହୋଇସାରିଛି । ନିତିନ ଏକମାତ୍ର ▶ପୃଷ୍ଠା-୭

## କଂଗ୍ରେସର ଅଡୁଆ ବଢ଼ାଇଲେ ଦିଗ୍‌ବିଜୟ

■ ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି): ଆଜି ଏଠାରେ କଂଗ୍ରେସର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ସିଡବ୍ଲ୍ୟୁସିର ବୈଠକ ଚାଲିଥିବା ବେଳେ ଦଳର ବରିଷ୍ଠ ନେତା ଦିଗବିଜୟ ସିଂହ ବିଜେପି ଏବଂ ଆରଏସଏସକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ନାରନ୍ଦ୍ର ମୋଦୀଙ୍କ ଫଟୋ ପୋଷ୍ଟ କରିଛନ୍ତି । ଏହାକୁ ନେଇ କଂଗ୍ରେସ ଆଜି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଛି । କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ମଧ୍ୟ ଦିଗବିଜୟ ଆଜି ଏହି ପ୍ରସଙ୍ଗ ଉଠାଇବାକୁ ଉଦ୍ୟମ କରିଥିଲେ । କିନ୍ତୁ ଦଳୀୟ ସଭାପତି ଖଡ଼ଗେ ଏବଂ ଅନ୍ୟ ନେତାମାନେ ତାଙ୍କୁ ଅଟକାଇଥିଲେ । ପୂର୍ବରୁ ମୋଦୀଙ୍କୁ ପ୍ରଶଂସା କରି କଂଗ୍ରେସ ସାଂସଦ ଶଶୀ ଥରୁର ତାଙ୍କ ଦଳକୁ ଅଡୁଆରେ ପକାଇଥିବା ବେଳେ ସାମାଜିକ ଗଣମାଧ୍ୟମରେ ଦିଗବିଜୟଙ୍କ ଏଭଳି ପୋଷ୍ଟିଂ କଂଗ୍ରେସ ଭିତରେ ଚାଲିଥିବା ଆଭ୍ୟନ୍ତରୀଣ କନ୍ଦଳକୁ ପଦାରେ ପକାଇଦେଇଛି ।



### ବିଜେପି-ଆର୍‌ଏସ୍‌ଏସ୍‌କୁ ପ୍ରଶଂସା କରି ସିଡବ୍ଲ୍ୟୁସି ବୈଠକରେ ଅପଦସ୍ଥ

କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ଚାଲିଥିବା ବେଳେ ଦିଗବିଜୟ ସିଂହ ଆଜି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୋଦୀଙ୍କ ଏକ ଫଟୋ ପୋଷ୍ଟ କରିବା ସହିତ ବିଜେପି ଏବଂ ଆର୍‌ଏସ୍‌ଏସ୍‌ର ସାଂଗଠନିକ ଦକ୍ଷତାର ପ୍ରଶଂସା କରିଥିଲେ । ୧୯୯୬ରେ ନିଆଯାଇଥିବା ଏହି ଫଟୋରେ ବିଜେପି ନେତା ଆଡ଼ଭାନୀ ଚୌକିରେ ବସିଥିବା ବେଳେ ତାଙ୍କ ସାମନାରେ ତଳେ ବସିଛନ୍ତି ମୋଦୀ । ଶଙ୍କର ସିଂହ ବାଘେଲା ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଉତ୍ସବର ଥିଲା ଏହି ଫେଟୋ । ଏହି ଫଟୋକୁ ଚମତ୍କାର ଦର୍ଶାଇ ଦିଗବିଜୟ ଲେଖିଛନ୍ତି ଯେ ବିଜେପି ଓ ସଂଘର ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ଯିଏକି ଆଡ଼ଭାନୀଙ୍କ ପାଦ ପାଖରେ ବସିଥିଲେ, ଆଜି ସେ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି । ଏହା ହେଉଛି ସଂଗଠନର ଶକ୍ତି । ଏହାକୁ ପୋଷ୍ଟ କରିବା ସହିତ ଏଥିରେ କଂଗ୍ରେସ ସଭାପତି ଖଡ଼ଗେ, ସୋନିଆ ଏବଂ ରାହୁଲ ଗାନ୍ଧୀଙ୍କୁ ଟାଗ୍ କରିଛନ୍ତି ଦିଗବିଜୟ । ତାଙ୍କର ଏହି ପୋଷ୍ଟ କଂଗ୍ରେସ ରାଜନୀତିରେ କଂପନ ସୃଷ୍ଟି କରିଛି । ଏହାକୁ ନେଇ କଂଗ୍ରେସ ନେତାମାନେ ନିରବ ରହିଥିବା ବେଳେ ବିଜେପି କଂଗ୍ରେସ ନେତା ▶ପୃଷ୍ଠା-୭

### ସୀମାନ୍ତରେ ମାଓବାଦୀଙ୍କ ବର୍ବର କାଣ୍ଡ

## ଆତ୍ମସମର୍ପଣକାରୀ ମାଓବାଦୀଙ୍କୁ ହତ୍ୟା

■ ମାଲକାନଗିରି, ୨୭ ।୧୨ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓବାଦୀଙ୍କ ପୁଣି ବର୍ବରକାଣ୍ଡ ଦେଖିବାକୁ ମିଳିଛି । ଜଣେ ଆତ୍ମସମର୍ପଣ କରିଥିବା ପୂର୍ବତନ ମାଓବାଦୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଛନ୍ତି ମାଓବାଦୀ । ଯୁବକଙ୍କ ମୁଣ୍ଡ, ମୁହଁ ଏବଂ ଆଖିରେ ଗଭୀର ଆଘାତ ଲାଗିଥିବା ବେଳେ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଘଟଣାଟି ପାମେଡ ଥାନା ଅଞ୍ଚଳରେ ଘଟିଛି । ମୃତକ ହେଲେ, ପୁନେମ ବୁଦରା । ସେ ୨୦୨୨ମସିହାରେ ମାଓ ସଂଗଠନ ଛାଡି ସୁକୁମା ଜିଲ୍ଲା ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ । ତେବେ ଏହାପରେ ସେ ପାମେଡ ଥାନା ଅଞ୍ଚଳରେ ନିଜ ଘରେ ରହିଆସୁଥିଲେ । ନିଜ ଘରେ ଶୋଇଥିବା ବେଳେ କିଛି ସଶସ୍ତ୍ର ମାଓବାଦୀ ଆସି ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିଲେ । ପୁନେମ ପୁଲିସ ସୂଚନାଦାତା ଭାବେ



କାର୍ଯ୍ୟ କରୁଥିବା ଅଭିଯୋଗ କରି ମାଓବାଦୀମାନେ ଏହି ହତ୍ୟା କାଣ୍ଡ କରିଥିବା ଜଣାପଡ଼ିଛି । ଏହାପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି । ଅଞ୍ଚଳରେ ପୁଲିସ ପକ୍ଷରୁ ତଲାସି ଅଭିଯାନ ଆରମ୍ଭ କରାଯାଇଛି । ପୁଲିସ ଘଟଣାର ତଦନ୍ତ ଜାରି ରଖିଛି । ପ୍ରକାଶ ଯେ, ଏହି ଘଟଣାକୁ ମିଶାଇ ଗତ ଏକ ସପ୍ତାହ ମଧ୍ୟରେ ଦୁଇଜଣଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି ।

## ସଶକ୍ତ ସଂଗଠନ ପାଇଁ ନବୀନ ଆଙ୍କିଲେ ରୋଡ୍‌ମ୍ୟାପ୍

### ପ୍ରଥମ ପର୍ଯ୍ୟାୟରେ ବିଜେଡିର ୧୧ ଜିଲ୍ଲା କମିଟି ପୁନର୍ଗଠିତ

■ ଭୁବନେଶ୍ୱର, ୨୭।୧୨ (ସମିସ): ଦଳର ପ୍ରତିଷ୍ଠା ଦିବସ ଉଦ୍‌ବୋଧନରେ ସଂଗଠନକୁ ନେଇ ବଡ଼ ସଙ୍କେତ ଦେଇଥିଲେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଆଜି କିମ୍ବା କାଲି ନୁହେଁ; ଆସନ୍ତା ୧୦୦ ବର୍ଷ ଯାଏଁ ବିଜେଡିର ପ୍ରତିଟି କାର୍ଯ୍ୟକର୍ତ୍ତା ଓଡ଼ିଶାବାସୀଙ୍କ ସ୍ୱର ହୋଇ ରାଜ୍ୟର ସ୍ୱାର୍ଥ ପାଇଁ କାମ କରିବେ ବୋଲି ନବୀନ ଦମ୍ଭୋକ୍ତି ପ୍ରକାଶ କରିଥିଲେ । ନବୀନଙ୍କ ଗତକାଲିର ଭାଷଣରୁ ଦଳର ସାଂଗଠନିକ ବିନ୍ୟାସ ତଥା ସଂସ୍କାରକୁ ନେଇ ସ୍ପଷ୍ଟ ସୂଚନା ମିଳିଥିବା ବେଳେ ମାତ୍ର ଗୋଟିଏ ଦିନ ମଧ୍ୟରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି । ତୃଣମୂଳ ସ୍ତରରେ ସଂଗଠନକୁ ମଜଭୁତ କରି ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଦଳକୁ ପୁଣିଥରେ ଏକ ନମ୍ବର କରିବା ପାଇଁ ନବୀନ ନିଜେ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି ।

ଶନିବାର ନବୀନ ପ୍ରାଥମିକ ପର୍ଯ୍ୟାୟରେ ୧୧ଟି ଜିଲ୍ଲାରେ ନୂଆ ଜିଲ୍ଲା କମିଟି ଗଠନ କରିଛନ୍ତି । ଦଳର କାର୍ଯ୍ୟକ୍ରମ, ସରକାରଙ୍କ ବିଫଳତାକୁ ତୃମମୂଳ ସ୍ତରରେ ପ୍ରତିଟି ଲୋକଙ୍କ ପାଖରେ ଏହି ନୂଆ କମିଟିର ସଦସ୍ୟମାନେ ପହଞ୍ଚାଇବେ ବୋଲି ଦଳ ପକ୍ଷରୁ କୁହାଯାଇଛି । ତୃଣମୂଳସ୍ତରରେ ସାଂଗଠନିକ ପୁନର୍ବିନ୍ୟାସ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ପଞ୍ଚାୟତରୁ ଶଙ୍ଖ ଭବନ ଯାଏଁ ଏକାଧିକ ନୂଆ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଦଳର ବରିଷ୍ଠ ନେତାଙ୍କ ପକ୍ଷରୁ ସୂଚନା ମିଳିଛି ।

ଶନିବାର ଯେଉଁ ୧୧ଟି ଜିଲ୍ଲାରେ ଜିଲ୍ଲା କମିଟିଗୁଡ଼ିକର ପୁନର୍ଗଠନ କରାଯାଇଛି, ସେଗୁଡ଼ିକ ମଧ୍ୟରେ ବୌଦ୍ଧ, କନ୍ଧମାଳ, ଦେବଗଡ, ଗଜପତି, କେନ୍ଦୁଝର, ଅନୁଗୋଳ, ମାଲକାନଗିରି, ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି ଓ ସୋନପୁର ଅନ୍ୟତମ । ଏହି ଜିଲ୍ଲା କମିଟିଗୁଡ଼ିକରେ ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ନବୀନ ନୂଆକରି ନିଯୁକ୍ତି ପ୍ରଦାନ କରିଛନ୍ତି । ଖୁବ୍‌ଶୀଘ୍ର ଅବଶିଷ୍ଟ ଜିଲ୍ଲାରେ କମିଟିର ପୁନର୍ଗଠନ କରାଯିବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି ।

### ଆଗକୁ ବ୍ଲକ ଓ ପଞ୍ଚାୟତ ସଂଗଠନର ପାଳି

### ନଜରରେ ରହିବ ପୌର ଓ ପଞ୍ଚାୟତ ନିର୍ବାଚନ



ପ୍ରତିଷ୍ଠା ଦିବସ ଅଭିଭାଷଣରେ ନବୀନ ମୁଖ୍ୟତଃ ୩ଟି ଦିଗକୁ ଇଙ୍ଗିତ କରିଥିଲେ । ଦୃଢ଼ ସଂଗଠନ ମାଧ୍ୟମରେ ବିରୋଧୀଙ୍କ ପ୍ରତିଟି 'ନେରେଟିଭ୍'ର ଉପଯୁକ୍ତ ମୁକାବିଲା ଏବଂ ରାଜ୍ୟ ସରକାରଙ୍କ ବିଫଳତାକୁ ଲୋକଲୋଚନକୁ ▶ପୃଷ୍ଠା-୭

## ଆସାମରେ ୧୦.୫୬ ଲକ୍ଷ ଭୋଟରଙ୍କ ନାମ କଟିଲା

ଗୌହାଟୀ, ୨୭ ।୧୨(ଏଜେନ୍ସି): ଆସାମରେ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା (ଏସଆଇଆର) ଶେଷ ହୋଇଛି । ଭୋଟର ତାଲିକାରୁ ୧୦, ୫୬, ୨୯୧ ଜଣଙ୍କ ନାମ ବାଦ୍ ଦିଆଯାଇଛି । ନିର୍ବାଚନ କମିଶନ ସ୍ୱତନ୍ତ୍ର ସଂଶୋଧନ ନାମରେ ଆସାମରେ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ। ଶନିବାର ପ୍ରକାଶିତ ଡ୍ରାଫ୍ଟ ତାଲିକା ଅନୁଯାୟୀ ଆସାମରେ ମୋଟ୍ ୨ କୋଟି ୫୧ ଲକ୍ଷ ୯ ହଜାର ୭୫୪ ଭୋଟର ଅଛନ୍ତି । ତେବେ ବାଦ୍ ପଡ଼ିଥିବା ଭୋଟରଙ୍କ ମଧ୍ୟରେ ୯୩ହଜାରରୁ ଅଧିକ ଡି ଭୋଟର ଅର୍ଥାତ ସନ୍ଦିଗ୍ଧ ଭୋଟର ଏଥିରେ ଅନ୍ତର୍ଭୁକ୍ତ ନୁହନ୍ତି । ମୃତ୍ୟୁ, ସ୍ଥାନାନ୍ତର ଓ ନକଲି ଏଣ୍ଟ୍ରି ପାଇଁ ୧୦.୫୬ ଲୋକଙ୍କ ଭୋଟରଙ୍କୁ ତାଲିକାରୁ ହଟାଯାଇଛି । ଆସାମରେ ଏହି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ନଭେମ୍ବର ୨୨ରୁ ଡିସେମ୍ବର ୨୦ ମଧ୍ୟରେ କରାଯାଇଥିଲା । ଏହି ଅବସରରେ ଘରେ ଘରେ ଯାଇ ଯାଞ୍ଚ କରାଯାଇଥିଲା ଓ ଏହାପରେ ଡ୍ରାଫ୍ଟ ଭୋଟର ତାଲିକା ଜାରି କରାଯାଇଛି । ଜାନୁଆରୀ ୨୨ ପର୍ଯ୍ୟନ୍ତ ଭୋଟର ନିଜର ଦାବି ଓ ଆପତ୍ତି ଦାଖଲ କରିପାରିବେ । ଚୂଡାନ୍ତ ଭୋଟର ତାଲିକା ଫେବୃଆରୀ ୧୦ରେ ପ୍ରକାଶିତ ହେବ । ଉଲ୍ଲେଖଥାଉ କି, ଯେଉଁମାନଙ୍କ ନାଗରିକାତା ଉପରେ ସନ୍ଦେହ ଥାଏ, ସେମାନଙ୍କୁ ଡି- ଭୋଟର କୁହାଯାଇଥାଏ ଓ ଏମାନଙ୍କ ଉପରେ ସରକାର ସନ୍ଦେହ ପ୍ରକଟ କରିଥାନ୍ତି ଓ ଏମାନଙ୍କୁ ଭୋଟ୍ ଦେବାକୁ ଅନୁମତି ଦିଆଯାଏ ନାହିଁ ।

## ଟ୍ରମ୍ପ- ଜେଲେଁସ୍କି ବୈଠକ ପୂର୍ବରୁ କିଭ୍‌ରେ ରୁଷିଆର ଆକ୍ରମଣ

କିଭ୍, ୨୭ ।୧୨(ଏଜେନ୍ସି): ରୁଷିଆ- ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ୪ ବର୍ଷ ପୂରଣ କରିଥିଲେ ମଧ୍ୟ ବନ୍ଦ ହେବାର ନାମ ନେଉନାହିଁ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେଁସ୍କିଙ୍କ ବୈଠକର ଠିକ୍ ପୂର୍ବରୁ ହିଁ ରୁଷିଆ ୟୁକ୍ରେନ ରାଜଧାନୀ କିଭ୍ ଉପରେ ଆକ୍ରମଣ କରିଛି । ରବିବାର ଫ୍ଲୋରିଡାରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଏହି ବୈଠକରେ ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହି ଯୁଦ୍ଧ ସବୁଠାରୁ ଘାତକ ସାବ୍ୟସ୍ତ ହୋଇଛି । ରୁଷିଆ ଶନିବାର ସକାଳେ ୫୦୦ ଡ୍ରୋନ୍ ଓ ୪୦ ବାଲାଷ୍ଟିକ ମିସାଇଲ ସହ ଆକ୍ରମଣ କରିବା ସହ ଶକ୍ତି ଓ ନାଗରିକ ଭିତ୍ତିଭୂମିକୁ ଟାର୍ଗେଟ କରିଛି ବୋଲି ଜେଲେଁସ୍କି କହିଛନ୍ତି । ଯଦି ରୁଷିଆ ଖ୍ରୀଷ୍ଟମାସ୍ ଓ ନୂଆବର୍ଷର ସମୟରେ ଆକ୍ରମଣ କରି ଘର ଓ ଆପାର୍ଟମେଣ୍ଟଗୁଡ଼ିକୁ ଧ୍ୱଂସ କରେ ତେବେ ଏହାର ଦୃଢ ଜବାବ ଦିଆଯିବ ବୋଲି ସେ କହିଛନ୍ତି । ରୁଷିଆର ଏହି ଆକ୍ରମଣରେ ୮ ଜଣ ଲୋକ ଆହତ ହୋଇଛନ୍ତି । କିଭ୍‌ରେ ହୋଇଥିବା ଆକ୍ରମଣରେ କେହି ମୃତାହତ ହୋଇ ନଥିଲେ ମଧ୍ୟ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି । ୧୮ ମହଲା କୋଠାରେ ନିଆଁ ଲାଗିଯାଇଛଇ ।

## ଜାନୁଆରୀ ୧ ନୂଆ ବର୍ଷକୁ ଛୁଟି ଘୋଷଣା କଲା ବାହାରିନ୍

ମାନାମା, ୨୭ ।୧୨(ଏଜେନ୍ସି): ପଶ୍ଚିମ ଏସିଆର ଦୀପ ଦେଶ ବାହାରିନ୍ ନୂଆ ବର୍ଷ ୨୦୨୬ ଜାନୁଆରୀ ପହିଲାକୁ ଛୁଟି ଘୋଷଣା କରିଛି । ଫଳରେ ଦେଶରେ ସବୁ ସରକାରୀ ବିଭାଗର କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ସେଦିନ ବନ୍ଦ ରହିବା ସ୍ପଷ୍ଟ ହୋଇଛି । ରାଜକୁମାର ସଲମାନ ବିନ୍ ହମାଦ ଅଲ ଖଲିଫା ଓ ପ୍ରଧାନମନ୍ତ୍ରୀ ଏ ନେଇ ଆନୁଷ୍ଠାନିକ ଭାବେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି ନିର୍ଦ୍ଦେଶନାମା ଅନୁଯାୟୀ ଦେଶର ସବୁ ମନ୍ତ୍ରଣାଳୟ, ରାଜ୍ୟ ବିଭାଗ ଏବଂ ସାର୍ବଜନୀନ ପ୍ରତିଷ୍ଠାନଗୁଡିକ ଜାନୁଆରୀ ପହିଲାରେ ବନ୍ଦ ରହିବ ବୋଲି କୁହାଯାଇଛି । ଫଳରେ ସରକାରୀ କର୍ମଚାରୀ ଓ ନାଗରିକମାନେ ନୂଆବର୍ଷରେ ନିଜର ଯୋଜନା ଅନୁଯାୟୀ ଉତ୍ସବ ପାଳନ କରିପାରିବେ । ବାହରିନର ପରମ୍ପରା ସହିତ ଏହି ଛୁଟି ଘୋଷଣା ମେଳ ଖାଉଛି । ଛୁଟିଦିନ ସହ ନୂଆବର୍ଷ ଆରମ୍ଭ ହେବ ଓ ସମସ୍ତେ ନୂଆବର୍ଷକୁ ନୂତନ ଉଲ୍ଲାସ ଓ ଉତ୍ସାହର ସହ କାମ କରିବେ ।

## ଅସ୍ତ୍ରବିରତି ପାଇଁ ରାଜିହେଲେ ଥାଇଲାଣ୍ଡ- କାମ୍ବୋଡିଆ

ବ୍ୟାଙ୍କକ୍, ୨୭ ।୧୨(ଏଜେନ୍ସି): ଗତ କେତେ ସପ୍ତାହ ଧରି ସଂଘର୍ଷରେ ଲିପ୍ତ ଥିବା ଦୁଇ ଦକ୍ଷିଣପୂର୍ବ ଏସୀୟ ଦେଶ ଥାଇଲାଣ୍ଡ ଓ କାମ୍ବୋଡିଆ ଶେଷରେ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି । ଅବଶ୍ୟ ଦୁଇଦେଶ ମଧ୍ୟରେ ବର୍ଷ ବର୍ଷ ଧରି ଚାଲି ଆସୁଥିବା ଏହି ଯୁଦ୍ଧରେ ଲଢୁଆ ଜେଟ୍, ରକେଟ, ଗୁଳି ବିନିମୟ ଓ ତୋପ ମାଡ ଦେଖିବାକୁ ମିଳିଥିଲା । ଦୁଇ ଦେଶ ବର୍ତ୍ତମାନର ସୈନ୍ୟ ମୁତୟନକୁ ବଜାୟ ରଖିବାକୁ ଓ ଆଉ ଅଧିକ ଗତିବିଧି ନ କରିବାକୁ ରାଜି ହୋଇଛନ୍ତି । ଏ ନେଇ ଦୁଇ ଦେଶର ପ୍ରତିରକ୍ଷା ମନ୍ତ୍ରୀମାନେ ଯୁଦ୍ଧବିରତି ଉପରେ ଏକ ମିଳିତ ବିବୃତ୍ତି ଦେଇଛନ୍ତି । ଉଲ୍ଲେଖଥାଉ କି, ଚଳିତ ଡିସେମ୍ବର ଆରମ୍ଭରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ପୂର୍ବରୁ ହୋଇଥିବା ଯୁଦ୍ଧକୁ ବନ୍ଦ କରିବାକୁ ମଧ୍ୟସ୍ଥତା କରିଥିଲେ ଓ ଅସ୍ତ୍ରବିରତି ହୋଇଥିଲା । କିନ୍ତୁ ଏହାପରେ ପୁଣି ଯୁଦ୍ଧ ଆରମ୍ଭ ହୋଇଥିଲା । ପ୍ରାୟ ଏକ ଶତାବ୍ଦୀରୁ ଅଧିକ ସମୟ ହେବ ଏହି ଦୁଇ ଦେଶ ମଧ୍ୟରେ ୮୧୭ କିମି ବିଶିଷ୍ଟ ସ୍ଥଳ ସୀମା ନେଇ ଏକାଧିକ ସଂଘର୍ଷର ସୂତ୍ରପାତ ହୋଇଛି ।

## ୫ ବର୍ଷ ପରେ ମ୍ୟାଁମାରରେ ହେବ ସାଧାରଣ ନିର୍ବାଚନ

ନେପିଡ, ୨୭ ।୧୨(ଏଜେନ୍ସି): ଗୃହଯୁଦ୍ଧ ଜର୍ଜରିତ ମ୍ୟାଁମାରରେ ଡିସେମ୍ବର ୨୮ ରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି । ପାଖାପାଖି ୫ ବର୍ଷ ପରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି । ଏହାପରେ ଜାନୁଆରୀ ୧୧ ଓ ୨୫ରେ ବାକି ଆଗାମୀ ପର୍ଯ୍ୟାୟରେ ମତଦାନ ହେବ । ୨୮ ଓ ୧୧ ତାରିଖ ନିର୍ବାଚନରେ ୨୦୨ ଆସନରେ ମତଦାନ ହେବ । ସେହିପରି ୨୫ ତାରିଖରେ ହେବାକୁ ଥିବା ଚୂଡାନ୍ତ ପର୍ଯ୍ୟାୟରେ ୬୩ ଟାଉନସିପ୍‌ରେ ମତଦାନ ହେବ ବୋଲି ସାମରିକ ସରକାରଙ୍କ ତରଫରୁ ସୂଚନା ଦିଆଯାଇଛି । ମୋଟ୍ ଉପରେ ୫୭ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀଙ୍କୁ ଛିଡ଼ା କରିବେ । କିନ୍ତୁ ଅଧିକାଂଶ ଦଳ ନିଜର ଘରୋଇ ରାଜ୍ୟରେ ହିଁ ପ୍ରାର୍ଥୀ ଦେବେ । ତେବେ ୬ଟି ଦଳ ଦେଶ ବ୍ୟାପୀ ନିର୍ବାଚନରେ ଅବତୀର୍ଣ୍ଣ ହେବେ । ଭୋଟ ଗଣନା ଓ ନିର୍ବଚନ ଫଳାଫଳର ତାରିଖ ଘୋଷଣା କରାଯାଇନାହିଁ । ଏଥର ସେନା ସମର୍ଥକ ୟୁଏସଡିପି ପାର୍ଟି ହିଁ ସରକାର ଗଠନ କରବାର ସମ୍ଭାବନା ଅଧିକ ରହିଛି । ୧, ୧୦୦ ଆସନ ପାଇଁ ୫, ୦୦୦ ପ୍ରାର୍ଥୀ ନିର୍ବାଚନରେ ଅବତୀର୍ଣ୍ଣ ହେବେ । କିନ୍ତୁ ଦେଶର ପ୍ରମୁଖ ରାଜେନୈତିକ ନେତା ଆଙ୍ଗ ସା ସୁକି ଓ ତାଙ୍କ ଦଳ ନିର୍ବାଚନରେ ଭାଗ ନେବେ ନାହିଁ । ସୁକି ଏବେ ୨୭ ବର୍ଷର ଜେଲଦଣ୍ଡ ଭୋଗୁଛନ୍ତି ।

## ଆମେରିକାରେ ତୁଷାରଝଡ଼

# ଡେଭିଲ୍ ସାଜିଲା 'ଡେଭିନ୍'





- ୧୮୦୨ ବିମାନ ବାତିଲ
- ୨୨ ହଜାର ବିଳମ୍ବିତ
- ବହୁ ଏୟାରଲାଇନ୍ସ ଠପ୍

ନ୍ୟୁୟର୍କ, ୨୭ ।୧୨(ଏଜେନ୍ସି): ଆମେରିକାରେ ଶୀତକାଳୀନ ତୁଷାର ଝଡ଼ ଡେଭିନ୍ ନାହିଁ ନଥିବା ସ୍ଥିତି ସୃଷ୍ଟିକରିଛି । ଫଳରେ ଖ୍ରୀଷ୍ଟମାସ ଓ ନୂଆବର୍ଷର ଛୁଟିଦିନର ଯାତ୍ରାକୁ ଏହି ଝଡ଼ ସାଂଘାତିକ ଭାବେ ବାଧାପ୍ରାପ୍ତ କରିଛି । ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଫ୍ଲାଇଟ୍ ଆୱେର ଅନୁସାରେ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ୧, ୮୦୨ ବିମାନ ବାତିଲ କରାଯାଇଥିଲା ଓ ୨୨, ୩୪୯ଟି ବିମାନ ବିଳମ୍ବିତ ହୋଇଥିଲା । କେବଳ ନ୍ୟୁୟର୍କ ବିମାନ ବନ୍ଦରରେ ୭୮୫ ବିମାନ ବାତିଲ ହୋଇଛି । ଏହି ସମୟ ହେଉଛି ଛୁଟିଦିନର ସବୁଠାରୁ ବଡ଼ ଋତୁ । ପାର୍ବଣର ଏହି ଋତୁରେ ରେକର୍ଡ ସଂଖ୍ୟକ ଆମେରିକୀୟ ଘରକୁ ଓ ବିଦେଶ ମଧ୍ୟ ଯାତ୍ରା କରିଥାନ୍ତି । ଏଥିପାଇଁ ଏକାଧିକ ଏୟାର ଲାଇନ୍ସ ପ୍ରଭାବିତ ଯାତ୍ରୀଙ୍କ ପାଇଁ ପରିବର୍ତ୍ତନ ଶୁଳ୍କ ଛାଡ଼ କରିଛନ୍ତି ଓ ପୁନଃ ବୁକିଂ ସହାୟତା ପ୍ରଦାନ କରୁଛନ୍ତି । ଯାତ୍ରୀମାନଙ୍କୁ ବିମାନ ସ୍ଥିତି ଯାଞ୍ଚ୍ କରିବାକୁ ଓ ଅତିରିକ୍ତ ସମୟ ଦେବାକୁ କୁହାଯାଇଛି । ଏହି ଝଡ଼ ଡେଭିନ୍ ଯୋଗୁଁ ରାସ୍ତା ଓ ସଡ଼କ ଯାତ୍ରା ବିପଦପୂର୍ଣ୍ଣ ହୋଇଛି । ଅନେକ ଅଞ୍ଚଳରେ ବାଣିଜ୍ୟିକ ଓ ଯାନବାହାନ ଉପରେ କଟକଣା ଲାଗୁ କରାଯାଇଛି । ଝଡ଼ ଆହୁରି ତୀବ୍ର ହେବା ଆଶଙ୍କା କରାଯାଉଛି । ଜାତୀୟ ପାଣିପାଗ ସେବା ଶୀତକାଳୀନ ଝଡ଼ ଡେଭିନ୍ ନେଇ ଚେତାବନୀ ଜାରି କରିଛି । ଆଗକୁ ଗ୍ରେଟ ହ୍ରଦ, ଉତ୍ତର- ମଧ୍ୟ ଆଟଲାଣ୍ଟିକ ଓ ଦକ୍ଷିଣ ନ୍ୟୁ ଇଂଲଣ୍ଡରେ ଯାତ୍ରା ବିପଦପୂର୍ଣ୍ଣ ହେବ ବୋଲି କୁହାଯାଇଛି ।

**କୁହୁଡି ଯୋଗୁଁ ଜାପାନରେ ସିରିଜ୍ ଦୁର୍ଘଟଣା**

ଟୋକିଓ: ଜାପାନର ଗୁମ୍ନା ରାଜ୍ୟର ମିନାକାମୀ ସହରରେ କାନ୍-ଏତସୁ ଏକ୍ସପ୍ରେସ ୱେରେ ଶୁକ୍ରବାର ବିଳମ୍ବିତ ରାତିରେ ତୁଷାରପାତ ଓ ଘନ କୁହୁଡି ଯୋଗୁଁ ବଡ଼ ସଡ଼କ ଦୁର୍ଘଟଣା ଘଟିଛି । ଦୃଶ୍ୟମାନ କମ୍ ହେବା କାରଣରୁ ଦୁଇଟି ଟ୍ରକ୍ ପରସ୍ପରକୁ ଧକ୍କା ଦେଇଥିଲେ । ଫଳରେ ଏକ୍ସପ୍ରେସ ୱେର ଏକ ଅଂଶକୁ ଏହି ଦୁର୍ଘଟଣା ଅବରୋଧ କରିଥିଲା । କିନ୍ତୁ ସଡ଼କରେ ବରଫ ପଡ଼ିଥିବା କାରଣରୁ ପଛରୁ ଆସୁଥିବା ଗାଡିଗୁଡିକ ଠିକ୍ ସମୟରେ ବ୍ରେକ୍ ଲଗାଇପାରି ନଥିଲେ । ଫଳରେ ୫୦ରୁ ଅଧିକ ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ ଓ ସିରିଜ ଦୁର୍ଘଟଣା ହୋଇଥିଲା । ଏହି କାରଣରୁ କେତୋଟି ଗାଡ଼ିରେ ନିଆଁ ଲାଗିଯାଇଥିଲା । ଏଥିରେ ଜଣେ ୭୭ ବର୍ଷୀୟା ମହିଳା ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୨୬ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣା ସମୟରେ ବର୍ଷ ଶେଷ ଓ ନୂଆବର୍ଷ ଛୁଟି କାରଣରୁ ପ୍ରବଳ ଟ୍ରାଫିକ ଜାମ୍ ଦେଖିବାକୁ ମିଳିଥିଲା । ଏଥିରେ ଡଜନେରୁ ଅଧିକ ସଂଖ୍ୟକ ଗାଡ଼ି ଜଳି ପାଉଁଶ ହୋଇଯାଇଛି ।

# ନୂଆବର୍ଷ ପୂର୍ବରୁ ଦିଲ୍ଲୀରେ ଚଢ଼ଉ

## ଅସ୍ତ୍ରଶସ୍ତ୍ର, ଡ୍ରଗ୍ସ, ମଦ ଜବତ; ୬୦୦ ଗିରଫ



ନୂଆଦିଲ୍ଲୀ, ୨୭ ।୧୨(ଏଜେନ୍ସି): ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଦିଲ୍ଲୀ ପୁଲିସର ଦକ୍ଷିଣପୂର୍ବ ଜିଲ୍ଲା ଟିମ୍ 'ଅପରେସନ ଆଘାତ ୩.୦' ଆରମ୍ଭ କରି ଶୁକ୍ରବାର ବିଳମ୍ବିତ ରାତିରେ ୬୦୦ ଜଣ ଅପରାଧୀଙ୍କୁ ଗିରଫ କରିଛି । ଏକ୍ସାଇଜ୍ ଆଇନ୍, ଏନ୍‌ପିଏସ୍ ଆଇନ୍ ଓ ଜୁଆ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଡେପୁଟି କମିଶନର ଅଫ ପୁଲିସ (ଡିସିପି) ହେମନ୍ତ ତିୱାରୀ କହିଛନ୍ତି । ଏହି ଗିରଫଦାରୀ ବ୍ୟତୀତ ୫୦୪ ଜଣଙ୍କ ବିରୋଧରେ ପ୍ରତିରୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ଆଉ ୧୧୬ ଜଣ ଅପରାଧୀଙ୍କୁ ଗିରଫ କରାଯାଇଛି । ଏହି କାର୍ଯ୍ୟାନୁଷ୍ଠାନରେ ୧୦ ଜଣ ପ୍ରପର୍ଟି ଅଫେଣ୍ଡର ଓ ୫ ଜଣ ଅଟୋ ଲିଫ୍ଟରଙ୍କୁ ମଧ୍ୟ ଗିରଫ କରାଯାଇଛି । ପୁଲିସ ଏହିକ୍ରମରେ ୨୧ଟି ଦେଶୀ ପିସ୍ତଲ, ୨୦ଟି ଜୀବନ୍ତ ଗୁଳି, ୨୭ଟି ଛୁରୀ ଜବତ କରିଛି । ସେହିପରି ୧୨,୨୮୫ ଲିଟର ବେଆଇନ୍ ମଦ, ୬.୦୧ ଗଞ୍ଜେଇ ଓ ୨,୩୦,୯୯୦ ନଗଦ ଟଙ୍କା ମଧ୍ୟ ଜବତ କରାଯାଇଛି । ଏଥିସହ ୩୧୦ ମୋବାଇଲ ଫୋନ, ୨୩୧ ଦୁଇଚକିଆ ଯାନ, ଗୋଟିଏ ୪ ଚକିଆ ଯାନ ମଧ୍ୟ ଅପରେସନରେ ଜବତ ହୋଇଛି । ୧,୩୦୬ ଜଣଙ୍କୁ ମଧ୍ୟ ପଚରାଉଚରା କରାଯାଇଛି । ଉଲ୍ଲେଖଥାଉ କି, ଅପରେସନ ଆଘାତ ହେଉଛି ଦିଲ୍ଲୀ ପୁଲିସ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ସ୍ୱତନ୍ତ୍ର ପ୍ରବର୍ତ୍ତନ ଅଭିଯାନ । ଏହାର ମୂଳ ଲକ୍ଷ୍ୟ ହେଉଛି, ଦକ୍ଷିଣପୂର୍ବ ଦିଲ୍ଲୀରେ ସଂଗଠିତ ଅପରାଧ ଓ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା । ଏହି ଅଭିଯାନ ନିଶା କାରବାର, ବେଆଇନ ମଦ ବ୍ୟବସାୟ, ଜୁଆ ନେଟୱର୍କ, ଅସ୍ତ୍ରଶସ୍ତ୍ର ବହନ କରୁଥିବା ଅପରାଧୀଙ୍କୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି ।

## ବାଂଲାଦେଶ ସ୍କୁଲ ସଙ୍ଗୀତ କାର୍ଯ୍ୟକ୍ରମ ।।ରେ ଆକ୍ରମଣ

ଢାକା, ୨୭ ।୧୨(ଏଜେନ୍ସି): ବାଂଲାଦେଶର ଫରିଦପୁର ଜିଲ୍ଲାରେ ଶୁକ୍ରବାର ରାତିରେ ସ୍କୁଲର ୧୮୫ତମ ବାର୍ଷିକ ଉତ୍ସବ ପାଳନ କରାଯାଉଥିବା ବେଳେ ହିଂସାକାଣ୍ଡ ଘଟିଛି । ପ୍ରସିଦ୍ଧ ଗାୟକ ଜେମ୍ସ (ନାଗର ବାଉଲ)ଙ୍କ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ କେତେକ ମୌଳବାଦୀ ଟେକାପଥର ମାଡ଼ କରିଥିଲେ । ରାତି ପ୍ରାୟ ୯.୩୦ରେ ଜେମ୍ସ ମଞ୍ଚ ଉପରକୁ ଯାଉଥିବା ସମୟରେ ହିଁ ଏହି ଆକ୍ରମଣ ହୋଇଥିଲା । ଆୟୋଜକଙ୍କ ଅନୁଯାୟୀ କିଛି ବାହାର ଲୋକ ଜୋରଜବରସ୍ତ ସଭା ସ୍ଥଳରେ ପଶିବାକୁ ଚେଷ୍ଟା କରିଥିଲେ । ସେମାନଙ୍କୁ ଅଟକାଇବାକୁ ପ୍ରୟାସ କରାଯାଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ସେମାନେ ଇଟା, ପଥର, ଚେୟାର ଫିଙ୍ଗିବା ସହ ମଞ୍ଚ ଆଡକୁ ମାଡିଯାଇଥିଲେ । ଏହାପରେ ପ୍ରଶାସନର ନିର୍ଦ୍ଦେଶକ୍ରମେ ଏହି ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା । ଏହି ଘଟଣାରେ ୨୦ଜଣ ଆହତ ହୋଇଥିଲେ ଓ ସେମାନଙ୍କ ମଧ୍ୟରେ ଅଧିକାଂଶ ଛାତ୍ର ଥିଲେ । ଘଟଣାସ୍ଥଳରେ ଉପସ୍ଥିତ ଛାତ୍ର ଓ ସ୍ୱେଚ୍ଛାସେବୀମାନେ ସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଆକ୍ରମଣକାରୀ ପଛକୁ ହଟି ନଥିଲେ । ବ୍ରିଟିଶ ଶାସନ ବେଳେ ଏହି ସ୍କୁଲର ସ୍ଥାପନ ହୋଇଥିଲା ।

## ବ୍ରହ୍ମୋସର ନୂଆ ସଂସ୍କରଣ ବିକଶିତ କରୁଛି ଭାରତ

ନୂଆଦିଲ୍ଲୀ, ୨୭ ।୧୨(ଏଜେନ୍ସି): ଅପରେସନସିନ୍ଦୂରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ଅନ୍ତର୍ଜାତୀୟସ୍ତରରେ ଦୃଷ୍ଟି ଆକର୍ଷଣ କରିଥିବା ଭାରତୀୟ କ୍ଷେପଣାସ୍ତ୍ର ବ୍ରହ୍ମୋସ ଆହୁରି ବିକଶିତ ହେବାକୁ ଯାଉଛି । ସେତେବେଳେ ଏହା ପାକିସ୍ତାନର ୬ଟି ବାୟୁସେନା ଆଡ୍ଡା ଓ ୯ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଥିଲା । ଏହି ସୁପରସୋନିକ କ୍ଷେପଣାସ୍ତ୍ର ଆହୁରି ଶକ୍ତିଶାଳୀ ହେବାକୁ ଯାଉଛି । ଭାରତ ପ୍ରତିରକ୍ଷା ବିଭାଗ ବ୍ରହ୍ମୋସର ରେଞ୍ଜ, ଗତି, ଧ୍ୱଂସକରୀ କ୍ଷମତାକୁ ବଢ଼ାଇବା ପାଇଁ ପ୍ରସ୍ତୁତି କରୁଛି । ଏବେ ଏହାର ରେଞ୍ଜ ୩୦୦କିମି ପର୍ଯ୍ୟନ୍ତ ରହିଛି । କିନ୍ତୁ ବିକଶିତ ସଂସ୍କରଣର ରେଞ୍ଜ ୪୫୦ରୁ ୮୦୦ କିମି କରିବାକୁ କାର୍ଯ୍ୟ କରାଯାଉଛି । ନୂଆ ବ୍ରହ୍ମୋସ ଆସିବା ପରେ ଦିଲ୍ଲୀରୁ ଇସଲାମାବାଦ୍‌କୁ ସିଧା ଟାର୍ଗେଟ କରିହେବ । ଦିଲ୍ଲୀ ଓ ଇସଲାମାବାଦ ମଧ୍ୟରେ ବାୟୁରେ ଦୂରତା ୭୦୦ କିମି । ସେହିପରି ବ୍ରହ୍ମୋସର ହାଲକା ସଂସ୍କରଣ ମଧ୍ୟ ପ୍ରସ୍ତୁତ କରାଯିବ । ଏହି ଅଢେଇ ଟନ୍ ଓଜନ ବିଶିଷ୍ଟ ସ୍ୱତନ୍ତ୍ର ସଂସ୍କରଣ ସୁଖୋଇ ଏମ୍‌କେଆଇ-୩୦ ଲଢୁଆ ବିମାନର ଅଣ୍ଡରବେଲି ଅର୍ଥାତ ନିମ୍ନଭାଗରେ ଲଗାଯିବା ପାଇଁ ପ୍ରସ୍ତୁତ କରାଯାଇଛି ।

# 'ମନରେଗା' ପାଇଁ ରାସ୍ତାକୁ ଓହ୍ଲାଇବ କଂଗ୍ରେସ



ନୂଆଦିଲ୍ଲୀ, ୨୭ ।୧୨(ଏଜେନ୍ସି): ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା ବା ମନରେଗା ପାଇଁ ରାସ୍ତାକୁ ଓହ୍ଲାଇବ କଂଗ୍ରେସ । ଏହି ଯୋଜନାକୁ ଉଚ୍ଛେଦ କରି ଏହା ବଦଳରେ ଭିଜି ଜି-ରାମ-ଜି ଯୋଜନା ଆଣିଛନ୍ତି ମୋଦୀ ସରକାର। ପୁଣି ଏହି ଯୋଜନାରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମ ହଟାଇଦେଇଛନ୍ତି । ଏହାକୁ ନେଇ କଂଗ୍ରେସ ଉଦବେଗ ପ୍ରକାଶ କରିବା ସହିତ ଆସନ୍ତା ଜାନୁଆରୀ ୫ ତାରିଖରୁ ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ଘୋଷଣା କରିଛି ।

ଆଜି ଏଠାରେ ଅନୁଷ୍ଠିତ କଂଗ୍ରେସର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ କମିଟି ସିଡବ୍ଲ୍ୟୁସି ବା କଂ।।ଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ବୈଠକ ପରେ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଲେ ଯେ ମନରେଗା ଉଚ୍ଛେଦ କରି ମୋଦୀ ସରକାର ମହାତ୍ମା ଗାନ୍ଧୀଙ୍କୁ ଅପମାନ କରିଛନ୍ତି । ଏହା ବିରୋଧରେ ଦେଶବ୍ୟାପୀ ଆସନ୍ତା ୫ ତାରିଖରୁ ଆନ୍ଦୋଳନ କରିବାକୁ ବୈଠକରେ ଶପଥ ନିଆଯାଇଛି । ମନରେଗା ବଚାଓ ନାମରେ ଏହି ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି । ମନରେଗା ପାଇଁ ଆମେ ଯେକୌଣସି ମୂଲ୍ୟ ଦେବାକୁ ପ୍ରସ୍ତୁତ ଅଛୁ । ଏହା କେବଳ ଏକ ଯୋଜନା ନୁହେଁ, ବରଂ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ଶ୍ରମ ଅଧିକାର । ମନରେଗାରୁ ଗାନ୍ଧୀଙ୍କ ନାମ ହଟାଇବା ଲାଗି ହୋଇଥିବା ଷଡ଼ଯନ୍ତ୍ରର ଗଣତାନ୍ତ୍ରିକ ରୂପେ ବିରୋଧ କରାଯିବ ବୋଲି ସେ କହିଥିଲେ । ଏହି ଅବସରରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଲେ ଯେ ମନରେଗା ଉଚ୍ଛେଦ ପୂର୍ବରୁ କାହାରି ସହ କଥା ହୋଇ ନାହାନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଏପରିକି ତାଙ୍କର ଅଫିସ ଏସଂପର୍କରେ କୌଣସି କେନ୍ଦ୍ର ମନ୍ତ୍ରୀ କିମ୍ବା ଦଳୀୟ ନେତାଙ୍କ ସହିତ ମଧ୍ୟ ବିଚାରବିମର୍ଶ ମଧ୍ୟ କରିନାହିଁ । ଦେଶରେ କିପରି ୱାନ ମ୍ୟାନ୍ ସୋ ଚାଲିଛି, ଏହା ହେଉଛି ତାହାର ଉଦାହରଣ । କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଖଡ଼ଗେଙ୍କ ସମେତ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ଅସନ୍ତୁଷ୍ଟ ନେତା ଶଶୀ ଥରୁର ମଧ୍ୟ ଉପସ୍ଥିତ ଥିଲେ । ବୈଠକରେ ଏସ୍‌ଆଇଆର ଉପରେ ମଧ୍ୟ ଆଲୋଚନା ହୋଇଥିଲା ।

## ଇଣ୍ଡିଗୋ ସଙ୍କଟ ପଛରେ ରୋଷ୍ଟର ସମସ୍ୟା ହିଁ କାରଣ

ନୂଆଦିଲ୍ଲୀ, ୨୭ ।୧୨(ଏଜେନ୍ସି): କିଛି ଦିନ ଇଣ୍ଡିଗୋ ଏୟାର ଲାଇନ୍ସର ବିମାନ ଉଡାଣ ବାତିଲ ଓ ବ୍ୟାପକ ସମସ୍ୟା ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲ । ଏଥିପାଇଁ ସରକାରଙ୍କ ସମେତ ଏୟାର ଲାଇନ୍ସ ବେଶ୍ ସମାଲୋଚିତ ହୋଇଥିଲା । ଏବେ ଏହି ଘଟଣାର ଯାଞ୍ଚ୍ କରୁଥିବା ପ୍ୟାନେଲ ତଥା କମିଟି ତା'ର ରିପୋର୍ଟ ବେସାମରିକ ବିମାନ ଚଳାଚଳ ନର୍ଦ୍ଦେଶାଳୟ (ଡିଜିସିଏ)କୁ ପ୍ରଦାନ କରିଛି । ଏହି ଯାଞ୍ଚ୍ କମିଟି ୨୨ ଦିନ ପୂର୍ବରୁ ଡିସେମ୍ବର ୫ରେ ଗଠନ କରାଯାଇଥିଲା । ଅବଶ୍ୟ ରିପୋର୍ଟରେ କ'ଣ ଉଲ୍ଲେଖ କରାଯାଇଛି ତାହା ସାର୍ବଜନୀନ ହୋଇନାହିଁ । ଏବେ ସରକାର ଇଣ୍ଡିଗୋ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କୁହାଯାଉଛି । ଇଂରାଜୀ ଖବରକାଗଜ ଦେଇଥିବା ରିପୋର୍ଟ ଅନୁସାରେ ଡିଜିସିଏର ଏକ ପୃଥକ ସମୀକ୍ଷାର କୁହାଯାଇଛି ଯେ, ନଭେମ୍ବର ମାସରେ ଇଣ୍ଡିଗୋ ଏହାର ୩୦୭ ବିମାନ ପରିଚାଳନା ପାଇଁ ୪, ୫୭୫ ପାଇଲଟ ନିଯୁକ୍ତି କରିଥିଲା । ଏହା ବିଶ୍ୱସ୍ତରୀୟ ସର୍ବୋତ୍ତମ ସେବା ପାଇଁ ଆବଶ୍ୟକ ୩, ୬୮୪ ପାଇଲଟଙ୍କ ଅପେକ୍ଷା ୮୯୧ ଅଧିକ ଥିଲା । ଫଳରେ କ୍ରୁ ମେମ୍ବରଙ୍କ ଅଭାବ ପାଇଁ ଏହି ସଙ୍କଟ ସୃଷ୍ଟି ହୋଇନାହିଁ । କିନ୍ତୁ ରୋଷ୍ଟର ତଥା ସିଡ୍ୟୁଲିଂ ଯୋଗୁଁ ଏହି ସଙ୍କଟ ସୃଷ୍ଟି ହୋଇଥିଲା । ସେପଟେ ଇଣ୍ଡିଗୋ ଉଡାଣ ବାତିଲ କାରଣରୁ ପ୍ରଭାବିତ ଯାତ୍ରୀଙ୍କୁ ୧୦,୦୦୦ ଟଙ୍କାର ଭାଉଚର ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ଭାଉଚରଗୁଡିକ ୧୨ ମାସ ପାଇଁ ବୈଧ ରହିବ ଓ ଯେକୌଣସି ଇଣ୍ଡିଗୋ ବିମାନରେ ବ୍ୟବହାର କରାଯାଇପାରିବ ବୋଲି କୁହାଯାଇଛି ।

**ଯାଞ୍ଚ କମିଟି ରିପୋର୍ଟ**




## ବିବାହର ୨୪ ଘଣ୍ଟା ଭିତରେ ଛାଡ଼ପତ୍ର

ପୁ।।ଣେ, ୨୭ ।୧୨(ଏଜେନ୍ସି): ମହାରାଷ୍ଟ୍ର ପୁଣେର ଏକ ନବବିବାହିତ ଦଂପତିଙ୍କ ଛାଡ଼ପତ୍ର ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି । ବିବହାର ୨୪ ଘଣ୍ଟା ମଧ୍ୟରେ ସେମାନେ ଛାଡ଼ପତ୍ର ଦେଇଛନ୍ତି । ଉଭୟ ପତି ଓ ପତ୍ନୀ ଏକାଠି ରହିବାକୁ ନେଇ ବିବାଦ ହେବାରୁ ସେମାନେ ସହମତି ଭିତ୍ତିରେ ଛାଡ଼ପତ୍ର ଦେବାକୁ ସ୍ଥିର କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ପତ୍ନୀ ଜଣେ ଡାକ୍ତର ଥିବା ବେଳେ ପତି ହେଉଛନ୍ତି ଇଞ୍ଜିନିୟର । ସେମାନେ ପରସ୍ପରକୁ ତିନି ବର୍ଷ ହେଲା ଜାଣିଛନ୍ତି । ପରସ୍ପରକୁ ଭଲ ମଧ୍ୟ ପାଉଥିଲେ । ଏପରିକି ଏହି ସମୟରେ ସେମାନେ ସଂପର୍କରେ ମଧ୍ୟ ରହିଆସିଥିଲେ । କିନ୍ତୁ ବାହାଘର ଉତ୍ସବ ସରିବା ପରେ ସେମାନଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ମତଭେଦ । ପତି ଜଣକ ପାଣି ଜାହାଜରେ ଇଞ୍ଜିନିୟର ଭାବେ କାମ କରନ୍ତି । ସେମାନେ କେଉଁଠି ରହିବେ? ଏହାକୁ ନେଇ ଆରମ୍ଭ ହୋଇଥିଲା ଯୁକ୍ତିତର୍କ । ତାଙ୍କର କେଉଁଠି ପୋଷ୍ଟିଂ ହେବ ଏବଂ କେତେଦିନ ତାଙ୍କୁ ଘରୁ ବାହାରେ ରହିବାକୁ ପଡ଼ିବ ତାହା ସେ କହିପାରିବେ ନାହିଁ ବୋଲି ପତି କହିଥିଲେ । ଏଥିରେ ପତ୍ନୀ ଭୀଷଣ ଅସନ୍ତୋଷ ପ୍ରକାଶ କରିଥିଲେ । ବିବାଦ ବଢ଼ିବା ପୂର୍ବରୁ ସେମାନେ ଛାଡ଼ପତ୍ର ଲାଗି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସୁପ୍ରିମ କୋର୍ଟଙ୍କ ଗାଇଡଲାଇନ୍ସ ଅନୁଯାୟୀ କୋର୍ଟ ସେମାନଙ୍କ ଛାଡ଼ପତ୍ର ଆବେଦନକୁ ମଞ୍ଜୁର କରିଥିଲେ ।

# ଆଉଟ୍‌ସୋର୍ସିଂଙ୍କ କର୍ମଚାରୀଙ୍କ ପାଇଁ ବଦଳି ନିୟମ କେବେ

**ଭୁବନେଶ୍ୱର, ୨୭ ।୧୨(ସମିସ):** ସରକାରୀ ଚାକିରି କରୁଥିବା ବ୍ୟକ୍ତି ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ। ଦୁର୍ନୀତିକୁ ରୋକିବା ଓ ସ୍ୱଚ୍ଛ ଶାସନ ପାଇଁ ସରକାର ଏହି ନିୟମ ପ୍ରଣୟନ କରିଛନ୍ତି। ଅନେକ ସମୟରେ ଏହାର ଉଲଙ୍ଘନ ହେଲେ ବଦଳି କରିବାକୁ ଦାଗିଦ୍ ମଧ୍ୟ କରୁଛନ୍ତି। ମାତ୍ର ସେହି ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଆଉଟସୋର୍ସିଂ କର୍ମଚାରୀଙ୍କ ବଦଳି ପାଇଁ କୌଣସି ନିୟମ ନାହିଁ। ଗୋଟିଏ କାର୍ଯ୍ୟଳୟରେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରୁଛନ୍ତି। ଏପରିକି ସେମାନଙ୍କ ବିଭାଗ ବଦଳ ମଧ୍ୟ କରାଯାଉ ନ ଥିବାରୁ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ପାରଦର୍ଶିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବ୍ଲକ୍ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଆଉଟସୋର୍ସିଂ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି। ମନରେଗା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପରି ଅନେକ ଯୋଜନାରେ ଦୀର୍ଘ ବର୍ଷ ଧରି ନିୟୋଜିତ ହୋଇଛନ୍ତି। ହେଲେ ସେମାନଙ୍କ ଅନ୍ୟତ୍ର ବଦଳି କିମ୍ବା ସେହି କାର୍ଯ୍ୟାଳୟରେ ବିଭାଗ ଅଦଳବଦଳ କରିବାର କୌଣସି ପ୍ରାବଧାନ ନାହିଁ। ଦୀର୍ଘବର୍ଷରୁ ଗୋଟିଏ ଦାୟିତ୍ୱରେ

**ଗୋଟିଏ କାର୍ଯ୍ୟାଳୟରେ ଦୀର୍ଘକାଳ ଅବସ୍ଥାପନ ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ**

ଥିବାରୁ ଅନେକ ସମୟରେ ସେମାନଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ହେଉଥିଲେ ମଧ୍ୟ ସରକାରୀ ଅଧିକାରୀ ହୋଇ ନ ଥିବାରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଅପରପକ୍ଷରେ ସରକାରୀ କର୍ମଚାରୀଙ୍କୁ ପ୍ରତି ୩ ବର୍ଷରେ ବାଧ୍ୟତାମୂଳକ ଭାବେ ବଦଳି କରାଯାଉଛି। କାର୍ଯ୍ୟକ୍ଷେତ୍ରରେ ଦୁର୍ନୀତିକୁ ରୋକିବା ସହ ସ୍ୱଚ୍ଛତା ରଖିବା ପାଇଁ ଏହି ପଦକ୍ଷେପ ନିଆଯାଉଛି। ସରକାରୀ ଅଧିକାରୀ ଯଦି ୩ ବର୍ଷରେ ଦୁର୍ନୀତି ଯୁକ୍ତ ହୋଇ ଯାଉଛନ୍ତି, ତା'ହେଲେ ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଆଉଟସୋର୍ସିଂ କର୍ମଚାରୀମାନେ କିପରି ଦୁର୍ନୀତିମୁକ୍ତ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବୁଦ୍ଧିଜୀବୀଙ୍କ ମତରେ, ଆଉଟସୋର୍ସିଂ କର୍ମଚାରୀଙ୍କ ବଦଳି ହେଉ ନ ଥିବାରୁ ଦୁର୍ନୀତିକୁ ପରୋକ୍ଷରେ ପ୍ରୋତ୍ସାହନ ମିଳୁଛି। ଗୋଟିଏ ପଦରେ ରହି ବ୍ୟାପକ ହେରଫେର୍ କରିବାକୁ ସମସ୍ତ ଗଳାବାଟ ବାହାର କରିବାରେ ସଫଳ ହେଉଛନ୍ତି। ସରକାରୀ କର୍ମଚାରୀଙ୍କ ପରି ଆଉଟସୋର୍ସିଂ କର୍ମଚାରୀଙ୍କ ମଧ୍ୟ ନିୟମିତ ବଦଳି କରାନଗଲେ ଦୁର୍ନୀତିର ମାତ୍ରା ବହୁ ଜୋରରେ ବ୍ୟାପିବାର ଆଶଙ୍କା ରହିଛି। ଏହାସହ ସରକାର ଦୁର୍ନୀତି ରୋକିବାକୁ ଲକ୍ଷ୍ୟ ରଖି ଯେଉଁ ବଦଳି ନିୟମ ପ୍ରଣୟନ କରିଛନ୍ତି, ତାହା ସମ୍ପୂର୍ଣ୍ଣ ବିଫଳ ହୋଇଯିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଅପରପକ୍ଷରେ ଅନେକ ଜିଲ୍ଲାରେ ଆଉଟସୋର୍ସିଂ କର୍ମଚାରୀମାନେ ନିୟମିତ ଦରମା ପାଉ ନ ଥିବା ଅଭିଯୋଗ ହେଉଛି। ସଂଘବଦ୍ଧ ଭାବେ ନିୟମିତ ଦରମା ଦେବାପାଇଁ ନିଯୁକ୍ତି ଦେଇଥିବା ସଂସ୍ଥା ସମେତ ସରକାରଙ୍କ ପାଖରେ ଦାବି କରୁଛନ୍ତି। ଏପରିକି ଅନୁଗୋଳ, ବଲାଙ୍ଗିର ଜିଲ୍ଲା ସମେତ ବହୁ ଜିଲ୍ଲାରେ ମନରେଗା ଯୋଜନାରେ କାର୍ଯ୍ୟରତ କର୍ମଚାରୀମାନେ ୧୧ ମାସ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟରତ କର୍ମଚାରୀମାନେ ପ୍ରାୟ ୭ ମାସ ହେଲା ଦରମା ପାଇ ନ ଥିବା ଜଣାପଡ଼ିଛି। ନିୟମିତ ଦରମା ପାଉ ନ ଥିବା କର୍ମଚାରୀମାନେ କିପରି ପରିବାର ପ୍ରତିପୋଷଣ କରୁଥିବେ ବୋଲି ସ୍ୱତଃ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏପରି ସ୍ଥିତିରେ ସେମାନେ ମଧ୍ୟ ଦୁର୍ନୀତି କରିବାକୁ ଏକପ୍ରକାର ବାଧ୍ୟ ହେଉଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ତେଣୁ ଆଉଟସୋର୍ସିଂ କର୍ମଚାରୀଙ୍କୁ ବଦଳି ସହ ନିୟମିତ ଦରମା ପ୍ରଦାନ କରା ନ ଗଲେ ଦୁର୍ନୀତିକୁ ପରୋକ୍ଷ ପ୍ରୋତ୍ସାହନ ପର୍ଯ୍ୟାୟକ୍ରମେ ବୃଦ୍ଧି ପାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ସପରିବାର ସିଇସିଙ୍କ ପୁରୀ ଓ କୋଣାର୍କ ପରିଦର୍ଶନ

**ପୁରୀ/କୋଣାର୍କ,୨୭।୧୨(ସମିସ):** ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ସପରିବାର ମହାପ୍ରଭୁଙ୍କ



ଆଶୀର୍ବାଦ ନେବା ସହ ଐତିହାସିକ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି। ସିଇସି ପତ୍ନୀ ଓ ପରିବାର ସଦସ୍ୟଙ୍କ ସହ ଶ୍ରୀମନ୍ଦିର ସିଂହଦ୍ୱାରରେ ପହଞ୍ଚିବା ପରେ ସେମାନଙ୍କୁ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ପରିଚାଳନା କମିଟିର ସେବାୟତ ପ୍ରତିନିଧିମାନେ ସ୍ୱାଗତ କରିବା ସହ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ଭିତରକାଠ ନିକଟରୁ ସେମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରି ବେଶ୍ ଭାବବିହ୍ୱଳ ହୋଇଯାଇଥିଲେ। ପରେ ଆଦି ନୃସିଂହ, ମା' ବିମଳା, କାନପତା ହନୁମାନ, ମା' ଲକ୍ଷ୍ମୀଙ୍କ ସହିତ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ। ଶ୍ରୀମନ୍ଦିରର ବରିଷ୍ଠ ଅଧିକାରୀ ଓ ସେବାୟତମାନେ ତାଙ୍କୁ ମହାପ୍ରଭୁଙ୍କ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସ୍ୱତନ୍ତ୍ରତା, ନିଆରା ନୀତିକାନ୍ତି, ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା, ମନ୍ଦିରର କାରୁକାର୍ଯ୍ୟ ଓ ଭାବଭକ୍ତି ସମ୍ପର୍କରେ ଅବଗତ କରାଇଥିଲେ।

ଦର୍ଶନ ସାରି ଫେରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟ ନିର୍ବାଚନ କମିଶନର କହିଥିଲେ, 'ମୁଁ ମୋ ପରିବାର ସହିତ ମହାପ୍ରଭୁଙ୍କ ଦର୍ଶନ କରିବାର ସୁଯୋଗ ପାଇଲି। ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ ଏହା ଆଜି ମୋ ପାଇଁ ଶୁଭ ଅବସର ହୋଇପାରିଛି। ଓଡ଼ିଶାର କଳା, ସଂସ୍କୃତି, ଭାଷା ଭାରତର ସବୁଠାରୁ ପ୍ରାଚୀନ ଓ ଅନନ୍ୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ସାମ୍ବିଧାନିକ ଦାୟିତ୍ୱକୁ ଅଧିକ ଭଲ ଭାବେ କରିବା ପାଇଁ ପ୍ରୋତ୍ସାହିତ କରିବ।

ପରେ ମୁଖ୍ୟ ନିର୍ବାଚନ କମିଶନର ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ଯାତ୍ରା କରିଥିଲେ। କୋଣାର୍କର ଅଦ୍ଭୁତ କଳାନୈପୁଣ୍ୟ ଓ ଇତିହାସ ସମ୍ପର୍କରେ ଜାଣି ସେ ଅଭିଭୂତ ହୋଇଥିଲେ। କୋଣାର୍କରେ ନିର୍ବାଚନ

**ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ, ସୂର୍ଯ୍ୟ ମନ୍ଦିର ଦେଖିଲେ**

**ଓଡ଼ିଶାର କଳା, ସଂସ୍କୃତି, ଭାଷା ଭାରତର ସବୁଠାରୁ ପ୍ରାଚୀନ**

କମିଶନର ଶ୍ରୀ କୁମାର କହିଥିଲେ ଯେ କୋଣାର୍କ ସୂର୍ଯ୍ୟମନ୍ଦିର କେବଳ ଓଡ଼ିଶାର ନୁହଁ ବରଂ ଏହା ସମଗ୍ର ଭାରତର ମାନ ଓ ସମ୍ମାନ। ମନ୍ଦିରର କଳେବର ଓ କାରୁକାର୍ଯ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼େ, ପ୍ରାଚୀନ ସମୟରେ ଆମ ଦେଶ ଧନ, ମାନ, ଜ୍ଞାନ ଓ ବିଜ୍ଞାନରେ କେତେଯେ ସମୃଦ୍ଧ ଥିଲା। ସେ କଥା କଳ୍ପନା କଲେ ହୃଦୟ ଗର୍ବ ଓ ଗୌରବରେ ପୂରିଉଠୁଛି। ପୁରୀ ଓ କୋଣାର୍କ ପରିଦର୍ଶନ ସମୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନଙ୍କ ସହିତ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ଗୋପୀନାଥ କଅଁର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଅନାମିକା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଜାଡ଼ରେ ଥରୁଛି ଶିମିଳିପାଳ

**ପଦାକୁ ବାହାରୁନାହାନ୍ତି ବନ୍ୟଜନ୍ତୁ, ପର୍ଯ୍ୟଟକ ନିରାଶ**

**ବାରିପଦା, ୨୭।୧୨(ସମିସ):** ଜାଡ଼ରେ ଥରୁଛି ଜାତୀୟ ଉଦ୍ୟାନ ଶିମିଳିପାଳ। କିଛି ଦିନ ଧରି ସର୍ବନିମ୍ନ ତାପମାତ୍ରା ୫



ଡିଗ୍ରୀରୁ କମ୍ ରହୁଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ତାପମାତ୍ରା ୩ ଡିଗ୍ରୀକୁ ଖସି ଆସିଛି। ଫଳରେ ଶିମିଳିପାଳ ସମେତ ପୂରା ଜିଲ୍ଲାରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ପ୍ରବଳ ଶୀତ ସାଙ୍ଗକୁ କାଲୁଆ ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଶୀତର ପ୍ରଭାବ ଶିମିଳିପାଳର ବନ୍ୟଜନ୍ତୁଙ୍କ ଉପରେ ପଡ଼ିଥିବା ଦେଖାଯାଉଛି। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଜୀବଜନ୍ତୁମାନେ ସୁରକ୍ଷିତ ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଛନ୍ତି। ଏଥିଯୋଗୁଁ ଶିମିଳିପାଳ ବୁଲି ଆସୁଥିବା ପର୍ଯ୍ୟଟକମାନେ ମହାବଳ ବାଘ କିମ୍ବା କଲରାପତରିଆ ବାଘ ଦେଖିବାକୁ ସୁଯୋଗ ପାଇପାରୁନାହାନ୍ତି। ଅପରପକ୍ଷେ, ଦିନତମାମ ଜିଲ୍ଲାରେ ଘଣ୍ଟାକୁ ୧୩କିମି ବେଗରେ ଉତ୍ତରା ପବନ ପ୍ରବାହିତ ହେଉଥିବାରୁ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଲୋକେ ଦିନରାତି ଶୀତବସ୍ତ୍ର ଘୋଡ଼ାଇ ହୋଇ ରହୁଛନ୍ତି।

ସୂଚନାଯୋଗ୍ୟ, ଶନିବାର ସକାଳ ପ୍ରାୟ ୬ଟାରେ ଶିମିଳିପାଳ ଅଭୟାରଣ୍ୟ ଉତ୍ତର ବନଖଣ୍ଡର ଉପରବାରହାକାମୁଡା (ୟୁବିକେ) ରେଞ୍ଜରେ ୩ ଡିଗ୍ରୀ, ଚହଲା ରେଞ୍ଜରେ ୫ ଡିଗ୍ରୀ, ରାମତୀର୍ଥରେ ୧୦ ଡିଗ୍ରୀ, ଗୁଡୁଗୁଡିଆ ଓ ବରେହିପାଣିରେ ୬ ଡିଗ୍ରୀ, କିଆଝରୀରେ ୧୨ଡିଗ୍ରୀ ଓ ସାତକୋଶିଆରେ ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ମାସକ ମଧ୍ୟରେ ପଞ୍ଚମଥର ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରହିଥିବାରୁ ଏହାର ପ୍ରଭାବରେ ଜିଲ୍ଲାରେ ତାପମାତ୍ରା ହ୍ରାସ ପାଇଛି।

**ଝାରପୋଖରିଆରେ କଙ୍ଗାରୁ କୋର୍ଟ**

# ନାବାଳକକୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଲେ

**ବାରିପଦା, ୨୭ ।୧୨ (ସମିସ):** ଚୋର ସନ୍ଦେହରେ ଜଣେ ନାବାଳକକୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିବା ଘଟଣା ମୟୂରଭଞ୍ଜ ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ବାଙ୍ଗିରିପୋଷି ରେଳଷ୍ଟେସନ୍‌ଠାରୁ ଅଳ୍ପ କିଛି ଦୂରତାରେ ଏହି ଘଟଣା ଘଟିଛି। ଏହାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ନାବାଳକଜଣଙ୍କର ପରିଚୟ ଜଣାପଡ଼ିନାହିଁ। ବାଙ୍ଗିରିପୋଷି ଅଞ୍ଚଳର ଏକ ହଷ୍ଟେଲରୁ ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା। ଏହା ପଛରେ ସଂପୃକ୍ତ ନାବାଳକର ହାତ ଥିବା ସନ୍ଦେହ କରି କିଛି ସ୍ଥାନୀୟ ଲୋକ ତାକୁ ଧରିଥିଲେ। ପରେ ରାସ୍ତାକଡ଼ ଏକ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ।

# ଶ୍ରୀମନ୍ଦିରରେ ମହିଳା ଶ୍ରଦ୍ଧାଳୁଙ୍କୁ ଅସଦାଚରଣ

**ଥାନାରେ ଏତଲା ଦେବାକୁ ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶ**

**ପୁରୀ, ୨୭।୧୨(ସମିସ):** ଧାର୍ମିକସ୍ଥଳୀରେ ବି ଅନେକ ସମୟରେ ଲଜ୍ଜାଜନକ ଘଟଣା ଘଟୁଛି। ଭକ୍ତି ଓ ବିଶ୍ୱାସକୁ ନେଇ ଭକ୍ତମାନେ ଆସୁଥିବା ବେଳେ କିଛି ଲୋକ ଯେଉଁମାନେ ଭିଡ଼ର ସୁଯୋଗ ନେଇ ଘୃଣ୍ୟ କାମ କରିବାକୁ ପଛାନ୍ତି ନାହିଁ। ଏମିତି ଘଟଣା ଘଟିଛି ଶ୍ରୀମନ୍ଦିର ବେଢ଼ା ପରିସର ନିଶା ନୃସିଂହ ମନ୍ଦିରରେ। ଏହାକୁ ବେଶ୍ ଗମ୍ଭୀରତାର ସହ ନେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଏତଲା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କିତ ସୂଚନା ପ୍ରଦାନ କରାଯାଇଛି। ଏହି ଘଟଣା ସମ୍ପର୍କରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସ୍ପଷ୍ଟ କରିଛନ୍ତି ଯେ ନିଶା ନୃସିଂହ ମନ୍ଦିରରେ ସେବକଙ୍କ ଦ୍ୱାରା ନିୟୋଜିତ ଜଣେ କିଶୋର ଗତ ୨୪ ତାରିଖ ସନ୍ଧ୍ୟା ବେଳେ ଜଣେ ମହିଳା ଭକ୍ତଙ୍କ ପ୍ରତି ଅସଦାଚରଣ କରିଥିବା ସମ୍ପର୍କରେ ରିପୋର୍ଟ ପାଇଛନ୍ତି। ଏପରି ଘୃଣ୍ୟ ଓ ନିନ୍ଦନୀୟ କାର୍ଯ୍ୟକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ଏଥିପାଇଁ ସୁପରଭାଇଜରଙ୍କୁ ସ୍ଥାନୀୟ ଥାନାରେ ଏତଲା ଦାଖଲ କରିବା ଲାଗି ତୁରନ୍ତ ନିର୍ଦ୍ଦେଶ ଦିଆଯାଇଛି। ନିଜେ ସେବାପୂଜା କରିବା ପରିବର୍ତ୍ତେ ଅନ୍ୟ ଜଣଙ୍କୁ ନିୟୋଜିତ କରିଥିବା ସମ୍ପୃକ୍ତ ସେବକଙ୍କ ବିରୁଦ୍ଧରେ ସମ୍ପର୍କିତ ସେବକ ନିଯୋଗ ମାଧ୍ୟମରେ ଶାସନାତ୍ମକ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଆଇନାନୁଯାୟୀ ଦଣ୍ଡ ଦିଆଯିବ। ନିଶା ନୃସିଂହ ମନ୍ଦିରରେ ସେବା ପୂଜାରେ ନିୟୋଜିତ ସେବକମାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମନ୍ଦିର ପ୍ରବେଶ ବନ୍ଦ ରହିବ। ଶ୍ରୀମନ୍ଦିରର ଗରିମା ଓ ପବିତ୍ରତା ଉପରେ ଆଞ୍ଚ ଆଣୁଥିବା କୌଣସି ବ୍ୟକ୍ତିଙ୍କୁ କ୍ଷମା କରାଯିବ ନାହିଁ। ମହାପ୍ରଭୁ ଏମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

**ଅଲ୍‌ଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ଉତ୍ସବ**

# ପଣ୍ଡିତ ରଘୁନାଥ ମୁର୍ମୁ ସାନ୍ତାଳୀ ଅସ୍ମିତାର ପ୍ରତୀକ: ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ୨୭।୧୨ (ସମିସ):** ପଣ୍ଡିତ ରଘୁନାଥ ମୁର୍ମୁ କେବଳ ଜଣେ ବ୍ୟକ୍ତି ନୁହେଁ; ସେ ଏକ ଆନ୍ଦୋଳନ, ଏକ ଚେତନା, ଏକ ଅନୁଷ୍ଠାନ ଓ ସଂସ୍କୃତିର ଅଭିଜ୍ଞାନ। ସେ ଏମିତି ଜଣେ ଯୁଗପୁରୁଷ ଥିଲେ, ଯିଏ ଅନ୍ଧାର ଭିତରେ ଆଲୋକର ଜାଗରଣ କରିଥିଲେ। ଏକ ଅବହେଳିତ ଓ ଅନ୍ତର୍ଭୁକ୍ତ ହୋଇନଥିବା ସମାଜକୁ ଶିକ୍ଷା, ଅସ୍ମିତା ଓ ଗର୍ବର ଅନୁଭୂତି ଦେଇଥିଲେ। ସେ ଥିଲେ ସାନ୍ତାଳୀ ଅସ୍ମିତାର ପ୍ରତୀକ। ସାନ୍ତାଳୀ ଭାଷା ସାହିତ୍ୟର ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏପରି କହିଛନ୍ତି।



ଶନିବାର ସିଲିସୁଆଁଠାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସୃଷ୍ଟି ଅଲଚିକି ଲିପିର ପ୍ରସାର ଆମକୁ ଆମ ବର୍ତ୍ତମାନ ସହ ପରିଚୟ କରାଉଛି ଏବଂ ଭବିଷ୍ୟତ ପାଇଁ ବିଚାର କରିବାକୁ ପ୍ରେରଣା ଦେଉଛି। ପ୍ରକୃତରେ ଅଲଚିକି ଲିପି ଏବଂ ଗୁରୁ ଗୋମକେ ହେଉଛନ୍ତି ପରସ୍ପର ପରିପୂରକ। ତାଙ୍କ ଲିପି ଉଦ୍ଭାବନ କେବଳ ଶାବ୍ଦିକ ପରିବର୍ତ୍ତନ ନୁହେଁ, ତାହା ଥିଲା ଏକ ସଂସ୍କୃତି ଉନ୍ନତିର ନୂଆ ଅଧ୍ୟାୟ। ସେ ତାଙ୍କ ଶିକ୍ଷା ଓ ଚେତନା ଦ୍ୱାରା ସମାଜରେ ଶୋଷଣ ବିରୋଧରେ ଏକ ଶକ୍ତିଶାଳୀ ଜାଗରଣ ସୃଷ୍ଟି କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ପଣ୍ଡିତ ରଘୁନାଥ ମୁର୍ମୁ ଅଲଚିକିର ପ୍ରସାର ପାଇଁ ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାରର ସାନ୍ତାଳ ଅଧ୍ୟୁଷିତ ଅଞ୍ଚଳ ବୁଲି ଲିପିର ଆବଶ୍ୟକତା ସଂପର୍କରେ ଲୋକଙ୍କୁ ବୁଝାଇଥିଲେ। ସାନ୍ତାଳୀ ସାହିତ୍ୟର ପ୍ରଚାର ପାଇଁ ସେ 'ସାଗେନ୍ ସାକାମ୍' ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ। ତାଙ୍କ ପ୍ରେରଣାରେ ବାବା ତିଲକା ମାଝୀ ପାଠାଗାର ମଧ୍ୟ ପ୍ରତିଷ୍ଠା ହୋଇଥିଲା।

୨୦୦୩ରେ ଭାରତ ସରକାର ସାନ୍ତାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିଥିଲେ। ଆଜି ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାରର ଆଦିବାସୀବହୁଳ ଅଞ୍ଚଳରେ ସାନ୍ତାଳୀ ଭାଷାରେ ସ୍କୁଲ ଶିକ୍ଷା ଦିଆଯାଉଛି। ଅନେକ କଲେଜ ଓ ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ଭାଷା ସାହିତ୍ୟ ପଢ଼ାଯାଉଛି। ରାଜ୍ୟ ସରକାର ହୋ, ମୁଣ୍ଡାରୀ, ଗାଦବା, କୁଇ, ଓରାଓଁ ଭଳି ଅନେକ ଆଦିବାସୀ ଭାଷାର ପ୍ରସାର ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ଯାଦବ ଟୁଡୁ ଅତିଥି ପରିଚୟ ଓ ତହସିଲଦାର ହାଁସଦା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସାରସକଣା ବିଧାୟକ ଭାଦବ ହାଁସଦା, ବିଧାୟକ ସଞ୍ଜଳି ମୁର୍ମୁ, ଡକ୍ଟର ପ୍ରିୟଙ୍କା ମାର୍ଣ୍ଡି, ବିଧାୟକ ଡକ୍ଟର ଫକୀର ମୋହନ ନାଏକ, ବିଧାୟକ ଅଖିଳ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ନକଲି ନୋଟ୍ କାରବାର: ଆଉ ଦୁଇ ଗିରଫ

**ବିନିକା,୨୭ ।୧୨(ସମିସ):** ଦୁଇ ମାସ ତଳେ ନକଲି ନୋଟ କାରବାରରେ ଧରାପଡ଼ି ୩ ଅଭିଯୁକ୍ତ ଗିରଫ ହୋଇ ଜେଲରେ ଥିବା ବେଳେ ପୁଣି ଏହି କାରବାରରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ବିନିକା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବରଗଡ଼ ଜିଲ୍ଲା ବରପାଲି ମହତାପଡ଼ାର ବଳରାମ ମେହେର ଓ ଗାଇସିଲେଟ କେନ୍ଦୁଭଟା ଗ୍ରାମର ବଶ୍ୱପତି ସାହୁ। ସୂଚନାନୁସାରେ, ଗତ ଅକ୍ଟୋବର ୨୫ ତାରିଖରେ ଏହି ନକଲି ନୋଟ କାରବାରରେ ଜେଲରେ ଥିବା ବ୍ୟକ୍ତିମାନଙ୍କଠାରୁ ପୁଲିସ ୪ଲକ୍ଷ ୧୫ସହ ଟଙ୍କା ଜବତ କରିଥିବା ବେଳେ ବଜାରକୁ ୧ଲକ୍ଷ ୯୯ହଜାର ଟଙ୍କା ନକଟି ନୋଟ୍ ଛଡ଼ା ଯାଇଥିଲା। ତେବେ ଏହି କାରବାରରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ଜାଣିବା ପାଇଁ ସେହିଦିନ ଠାରୁ ପୁଲିସ ତଦନ୍ତ ଜାରି ରଖିଥିଲା। ଏଥିରେ ସମ୍ପୃକ୍ତ ଥିବା ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଛି।



# ଡଙ୍ଗା ଓଲଟି ଶ୍ରମିକ ମୃତ

**ନନ୍ଦପୁର, ୨୭।୧୨(ସମିସ):** କୋରାପୁଟ ଜିଲ୍ଲାର ଜଲାପୁଟ ଜଳଭଣ୍ଡାରରେ ଆଜି ଏକ ଅଘଟଣ ଘଟିଛି। ଡଙ୍ଗା ଓଲଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ରାମ ପାଙ୍ଗି(୩୦)। ତାଙ୍କ ଘର ନନ୍ଦପୁର ବ୍ଲକ୍ ବୀଲାପୁଟ ଗ୍ରାମ ପଞ୍ଚାୟତର ଲାମତୁର ଗ୍ରାମରେ। ରାମ ଶୁକ୍ରବାର ଦିନ ଏକ ଦେଶୀ ଡଙ୍ଗାରେ ଜଳବନ୍ଦୀ ସାବୁନ ଗ୍ରାମକୁ କାମ ପାଇଁ ଯାଇଥିଲେ। ସନ୍ଧ୍ୟା ହୋଇଯିବାରୁ ସେଠାରେ ରାତ୍ରିଯାପନ କରି ଆଜି ସକାଳୁ ଘରକୁ ଫେରୁଥିଲେ। ଜଳଭଣ୍ଡାର ମଧ୍ୟରେ ଦେଶୀ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ରାମ ବୁଡ଼ି ଯାଇଥିଲେ। ଖବର ପାଇ ବିଲାପୁଟ ସରପଞ୍ଚ ରାଜୁ ଲେନ୍ଦ୍ରୁ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ପୁଲିସ୍ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ରାମଙ୍କ ଶବକୁ ଉଦ୍ଧାର କରିଥିଲେ। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି।

**ବିନା ଯାଞ୍ଚରେ ପ୍ରଦୂଷଣ ପ୍ରମାଣପତ୍ର**

# ୪୨ଟି ଯାଞ୍ଚ କେନ୍ଦ୍ରର ସ୍ୱୀକୃତି ରଦ୍ଦ

**କଟକ, ୨୭ ।୧୨ (ସମିସ):** ବିନା ଯାଞ୍ଚରେ ଗାଡ଼ିଗୁଡ଼ିକୁ ପ୍ରଦୂଷଣ ପ୍ରମାଣପତ୍ର ପ୍ରଦାନ ଅଭିଯୋଗରେ ରାଜ୍ୟର ୪୨ଗୋଟି ଯାଞ୍ଚ କେନ୍ଦ୍ରର ସ୍ୱୀକୃତିକୁ ରଦ୍ଦ କରିଛି ପରିବହନ ବିଭାଗ। ଅତିରିକ୍ତ ରାଜ୍ୟ ପରିବହନ କମିସନର୍ ଦୀପ୍ତିରଂଜନ ପାତ୍ର ଏହି ସୂଚନା ଦେଇଛନ୍ତି। ଏହି କେଳେଙ୍କାରୀର ଚେର ରାଜ୍ୟ ବାହାରକୁ ଲମ୍ବିଥିବାରୁ ପରିବହନ କମିସନରଙ୍କ ପକ୍ଷରୁ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ମଧ୍ୟ ଏତଲା ଦିଆଯାଇଛି।

ସୂଚନାନୁସାରେ, ସାରା ରାଜ୍ୟରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଗାଡ଼ିର ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର(ପିୟୁସିସି) ନାହିଁ। ନିକଟ ଅତତୀତରେ ପିୟୁସିସିକୁ ସରକାର ବାଧ୍ୟତାମୂଳକ ଓ କଡ଼ାକଡ଼ି କରିବା ପରେ ଏବେ ରାଜ୍ୟର ପ୍ରଦୂଷଣ ଯାଞ୍ଚ କେନ୍ଦ୍ରଗୁଡ଼ିକରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳୁଛି। ଯାଞ୍ଚ କେନ୍ଦ୍ର ଖୋଲିବା ପୂର୍ବରୁ ଲୋକଙ୍କ ଲମ୍ବା ଧାଡ଼ି ଲାଗି ଯାଉଛି। ରାଜ୍ୟ ରାଜଧାନୀ ଭୁବନେଶ୍ୱରଠାରୁ

**■ ରାଜ୍ୟ ବାହାରକୁ ଲମ୍ବିଛି କେଳେଙ୍କାରୀର ଚେର**

**■ ପରିବହନ କମିସନରଙ୍କ ପକ୍ଷରୁ ସାଇବର ଥାନାରେ ଏତଲା**

ଆରମ୍ଭ କରି ରାଜ୍ୟର ସବୁ ଜିଲ୍ଲାରେ ଏପରି ଦୃଶ୍ୟ ଦେଖିବାକୁ ମିଳୁଛି। ମାତ୍ର ୬୦୦ଟି ଯାଞ୍ଚ କେନ୍ଦ୍ରରେ ଏଗୁଡ଼ିକର ଯାଞ୍ଚ କରାଯାଇ ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟା ଜାରି ରହିଛି। ଯାଞ୍ଚ କେନ୍ଦ୍ରଗୁଡ଼ିକ ଗାଡ଼ିରୁ ନିର୍ଗମନ ହେଉଥିବା ଧୂଆଁରେ ପ୍ରଦୂଷଣ ସୃଷ୍ଟିକାରୀ ଉପାଦାନର ମାତ୍ରା ଯାଞ୍ଚ କରି ପ୍ରମାଣପତ୍ର ପ୍ରଦାନ କରାଯିବା କଥା। ହେଲେ କେତେକ କେନ୍ଦ୍ର ଅଧିକ ଅର୍ଥ ରୋଜଗାର ଆଶାରେ ଗାଡ଼ିର ଯାଞ୍ଚ ନକରି ବେଆଇନ ଭାବେ ପ୍ରମାଣପତ୍ର ଦେଇଦେଉଛନ୍ତି।

ଏପରିକି, ଗାଡ଼ି ମାଲିକଙ୍କୁ କେବଳ ସେମାନଙ୍କ ଗାଡ଼ି ନମ୍ବରପ୍ଲେଟ୍‌ର ଫଟୋ ଉଠାଇ ପଠାଇବାକୁ କୁହାଯାଉଛି। ଫଳରେ ଗାଡ଼ିମାଲିକ ଘରେ ବସି ପ୍ରମାଣପତ୍ର ହାସଲ କରୁଛନ୍ତି। ଏଥିପାଇଁ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ ତିନିଗୁଣା ଅଧିକ ଟଙ୍କା ମଧ୍ୟ ନେଉଛନ୍ତି ଯାଞ୍ଚ କେନ୍ଦ୍ର। ଏପରି ଏକାଧିକ ଘଟଣା ପଦାକୁ ଆସିବା ପରେ ପରିବହନ ବିଭାଗ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏପରି ବେଆଇନ ଭାବେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ପ୍ରଦାନ କରୁଥିବା ଯାଞ୍ଚ କେନ୍ଦ୍ରଗୁଡ଼ିକର ସ୍ୱୀକୃତି ରଦ୍ଦ କରୁଛି। କିନ୍ତୁ, ଏହି କେଳେଙ୍କାରୀ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଝାଡ଼ଖଣ୍ଡ ଓ ନୂଆଦିଲ୍ଲୀକୁ ଲମ୍ବିଥିବାରୁ ପରିବହନ ବିଭାଗର ଚିନ୍ତା ବଢ଼ିଯାଇଛି। ଏହାକୁ ରୋକିବା ପାଇଁ ପରିବହନ କମିସନରଙ୍କ ପକ୍ଷରୁ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ଏତଲା ଦିଆଯାଇଛି।

ଅପରପକ୍ଷେ, ଓଡ଼ିଶା ପରିବହନ ବିଭାଗରେ ଏବେ ବିପୁଳ ପରିମାଣରେ ଚାଲାଣ ପଇଠ ଚାଲିଥିବା ବେଳେ ସାଇବର ଅପରାଧୀମାନେ ବି ଲୋକଙ୍କୁ ଟାର୍ଗେଟ୍ କଲେଣି। ଚାଲାଣ ପୈଠ ନାଁରେ ମୋବାଇଲ୍‌କୁ ଫେକ୍ ମେସେଜ ଓ ଲିଙ୍କ୍ ପଠାଉଥିବା ଜଣାପଡ଼ିଛି। ତେଣୁ ଇ-ଚାଲାଣ ଅର୍ଥ ପୈଠ ବେଳେ ସାଇବର୍ ଅପରାଧୀଙ୍କଠାରୁ ସତର୍କ ରହିବାକୁ ପରିବହନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଏଣିକି ଅଫଲାଇନ୍‌ରେ ବି ପୈଠ କରିହେବ ଇ-ଚାଲାଣ

**କଟକ, ୨୭ ।୧୨(ସମିସ):** ଗାଡ଼ିର ଇ-ଚାଲାଣ ପଇଠ ହୋଇନଥିଲେ ପ୍ରଦୂଷଣ ପ୍ରମାଣପତ୍ର ମିଳୁନାହିଁ। ବକେୟା ଚାଲାଣ ରାଶି ପଇଠ କରିବା ପାଇଁ ପୂର୍ବରୁ କେବଳ ଅନଲାଇନ୍ ମାଧ୍ୟମ ଥିବା ବେଳେ ଏଣିକି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ରେ ମୋଟରଯାନ ନିୟମ ଉଲ୍ଲଙ୍ଘନରେ ଜାରି ହୋଇଥିବା ଇ-ଚାଲାଣ ବାବଦରେ ନଗଦ ଅର୍ଥ ଗ୍ରହଣ କରାଯିବ। ଏନେଇ ସମସ୍ତ ଆରଟିଓଙ୍କୁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଇ-ଚାଲାଣ ଅର୍ଥ ପୈଠ ବେଳେ ଓଟିପି ସମସ୍ୟା ନେଇ ଅଭିଯୋଗ ହେଉଥିଲା।

ମୋବାଇଲ ନମ୍ବର ଲିଙ୍କ ନଥିବା ଚାଲାଣ ଦେବାକୁ ଇଚ୍ଛୁକ ଗାଡ଼ି ମାଲିକ ଚାଲାଣ ପଇଠ କରିପାରୁନଥିଲେ। ଜନସାଧାରଣଙ୍କ ଦାବି ତଥା ଦୁର୍ବଳ ଇଣ୍ଟରନେଟ୍ ଥିବା ଅଞ୍ଚଳର ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଅଫଲାଇନ୍‌ରେ ନଗଦ ଜରିମାନା ରାଶି ଗ୍ରହଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେବେ, ପୂର୍ବଭଳି ଅନଲାଇନ୍‌ରେ ମଧ୍ୟ ଇ-ଚାଲାଣ ପୈଠ କରାଯାଇପାରିବ। ଆର୍‌ଟିଓ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ ଅଧିକାରୀଙ୍କୁ ଇ-ଚାଲାଣ ଅର୍ଥ ଗ୍ରହଣ

**ମୋବାଇଲ ନମ୍ବର ଲିଙ୍କ୍ ନଥିବା ଗାଡି ମାଲିକଙ୍କୁ ଆଶ୍ୱସ୍ତି**

ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। କେବଳ ଗାଡ଼ି ମାଲିକ କିମ୍ବା ଖିଲାପକାରୀଙ୍କଠାରୁ ସକ୍ରିୟ ବକେୟା ଇ-ଚାଲାଣ ବାବଦରେ ଅର୍ଥ ଗ୍ରହଣ କରାଯିବ। ଇ-ଚାଲାଣ ଗ୍ରହଣ ପରେ ରସିଦ୍ ପ୍ରଦାନ କରାଯିବ ଏବଂ ଅର୍ଥ ପୈଠ ହେଲା ବୋଲି ଅନଲାଇନ୍‌ରେ ମଧ୍ୟ ଅପଡେଟ୍ ହେବ। ଇ-ଚାଲାଣ ବାବଦରେ ଗ୍ରହଣ କରାଯାଇଥିବା ସମସ୍ତ ଅର୍ଥରାଶି ପରବର୍ତ୍ତୀ କାର୍ଯ୍ୟ ଦିବସରେ ସରକାରୀ କୋଷାଗାରରେ ଜମା କରାଯିବ।

# ଟ୍ରକ୍ ଓ ହାଇୱା ଧକ୍କା; ଦୁଇ ଚାଳକ ମୃତ



**କୋଇଡ଼ା, ୨୭।୧୨(ସମିସ):** ଜାତୀୟ ରାଜପଥ ୫୨୦ ର ବ୍ଲାକ୍‌ସ୍ପଟ୍ ପାଲଟିଥିବା କେବଲାଙ୍ଗ ଥାନା ଅଧୀନ ଚୁନାଘାଟି ପୁଣି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଟ୍ରକ୍ ଚାଳକ ପ୍ରାଣ ହରାଇଛନ୍ତି। ଶୁକ୍ରବାର ରାତିରେ କୁହୁରୁପାଣି ଛକ ନିକଟରେ ଲୁହାପଥର ବୋଝେଇ ହାଇୱା ଓ କୋଇଲା ବୋଝେଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ଏତେଜୋର୍ ଥିଲା ଯେ ଟ୍ରକରେ ନିଆଁ ଲାଗି ଯାଇଥିଲା, କେବଲାଙ୍ଗ ପୁଲିସ୍ ଖବର ପାଇ କୋଇଡା ଅଗ୍ନିଶମ ବାହିନୀର ସହାୟତା ଲୋଡ଼ିଥିଲେ, ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ନିଆଁକୁ ଆୟତ୍ତ କରିବା ସହ ଦୁଇ ଚାଳକକୁ କଟର୍‌ରେ କାଟି ଉଦ୍ଧାର କରିଥିଲେ।

# 'ସୁନ୍ଦରଗଡ଼ ଦିବସ' ଆୟୋଜନ ନେଇ ବୈଠକ

**ରାଉରକେଲା, ୨୭।୧୨(ସମିସ):** ଆସନ୍ତା ଜାନୁଆରୀ ୧ ତାରିଖ ଦିନ ହେଉଛି ସୁନ୍ଦରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ବା 'ସୁନ୍ଦରଗଡ଼ ଦିବସ'। ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ର ପଡ଼ିଆଠାରେ ଜାନୁୟାରୀ ୧ ଓ ୨ ତାରିଖରେ ସୁନ୍ଦରଗଡ଼ ଦିବସ ଆୟୋଜିତ ହେବ। ଏହି ଅବସରରେ ଜାନୁୟାରୀ ଦେଇ ନାରୀ କଲ୍ୟାଣ କେନ୍ଦ୍ର ପଡ଼ିଆଠାରେ ପହଞ୍ଚିବ। ଏହି ସମସ୍ତ ଛକରେ ସାଂସ୍କୃତିକ ଶୋଭାଯାତ୍ରାକୁ ବିଭିନ୍ନ ଅନୁଷ୍ଠାନ, ପୂଜା କାମଟି, ସଂଗଠନ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଏହି ଅବସରରେ ଜିଲ୍ଲା ପ୍ରଶାସନ କାର୍ଯ୍ୟକ୍ରମକୁ ସରସ ସୁନ୍ଦର ତଥା ଶାନ୍ତିପୂର୍ଣ୍ଣ ଭାବେ ଆୟୋଜନ



୧ ତାରିଖ ରେ ସହର ମଧ୍ୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ସାଂସ୍କୃତିକ ଶୋଭାଯାତ୍ରା ଆୟୋଜନ ନେଇ ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁସାରେ ଜାନୁୟାରୀ ଏକ ତାରିଖ ଦିନ ସକାଳ ୮ ଟା ସମୟରେ ସମଲେଇ ମନ୍ଦିର ଠାରେ ପୂଜାର୍ଚ୍ଚନା କରି ଶୋଭାଯାତ୍ରା ଆରମ୍ଭ ହେବ। ଏହି ଶୋଭାଯାତ୍ରାଟି ସମଲେଇ ମନ୍ଦିରରୁ ବାହାରି ଜଗନ୍ନାଥ ମନ୍ଦିର ଛକ, ରିଜେଣ୍ଟ ମାର୍କେଟ, ସୁନାରିପଡ଼ା, ରଙ୍ଗାଡିପା ଛକ, ମେଡିକାଲ ଛକ, ଡିଆରଡିଏ ଛକ, ପୁରୁଣା ବସଷ୍ଟାଣ୍ଡ ଛକ, ପଞ୍ଚମୁଖୀ ହନୁମାନ ମନ୍ଦିର ଛକ ନିମନ୍ତେ ସମସ୍ତ କମିଟି, ସଂଗଠନ ତଥା ସମସ୍ତ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱନୀ ବେହେରା, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ସୁନ୍ଦରଗଡ଼ ପୌର ପରିଷଦର ଉପ-ଅଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା, ବିଜେପି ଜିଲ୍ଲା ସଭାପତି ଗିରିଶ ସାହୁ, ବିଭିନ୍ନ ପୂଜା କମିଟି, ବିଭିନ୍ନ ସମାଜ, ବିଭିନ୍ନ ସଂଘ, ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ।

# କେଜେଏସ୍‌ଟି କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**କୋଇଡ଼ା, ୨୭ ।୧୨(ସମିସ):** କୋଇଡ଼ା ବ୍ଲକ କେଜେଏସଟି ଗ୍ରାମ କମିଟି ଆନୁକୂଲ୍ୟରେ ଜଲଡିହି ପଡ଼ିଆଠାରେ ପ୍ରଥମ ବାର୍ଷିକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଇଡ଼ା ବିଡିଓ ସମରେନ୍ଦ୍ର କୁମାର ସର ଓ ଅନ୍ୟ ଅତିଥି ଗହଣରେ ସାଂସଦ ପ୍ରତିନିଧି ଚେତନାଦିପ୍ତ ନାୟକ, ହଳଧର ଦେହୁରୀ, ଚକ୍ର ଦେହୁରୀ ପ୍ରମୁଖ ଯୋଗଦେଇ ପ୍ରଥମେ ଗ୍ରାମ କମିଟିର ଲୋଗୋ ଉନ୍ମୋଚିତ କରିଥିଲେ। କୋଇଡା ବ୍ଲକରୁ ୧୬ଟି ଗ୍ରାମ୍ୟ ଫୁଟବଲ୍ ଟିମ୍ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଗ୍ରାମ କମିଟି ପକ୍ଷରୁ ସଭାପତି ମୁଖବନ ନାଏକ, ଉପସଭାପତି ଚାନ୍ଦିନି ଦେହୁରୀ, ସମ୍ପାଦକ ଭାସ୍କର ଦେହୁରୀ, ଯୁଗ୍ମ ସମ୍ପାଦକ ଲବ ନାଏକ, କୋଷାଧ୍ୟକ୍ଷ ଆକାଶ ନାଏକ, ଡମ୍ବରୁ ଦେହୁରୀ, ଏତୁଆ ମୁଣ୍ଡା, ଗାଲୁ ଦେହୁରୀ, ସୁକରାମ ମହାକୁଡ଼, ଜଟ ମହାକୁଡ଼, ବାଟାଇ ମୁଣ୍ଡା, ଅମୃତା ଦେହୁରୀ, ବେଣୁଧର ଦେହୁରୀ, ଝୁଣା ଦେହୁରୀ ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଇନ୍‌ଡୋର୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ୧୦୦୦ ଆସନ ବିଶିଷ୍ଟ ଥିଏଟର ଉଦ୍‌ଘାଟିତ

# ଗବେଷଣା ଓ ନବସୃଜନ କ୍ଷେତ୍ରରେ ଏନ୍‌ଆଇଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ରାଉରକେଲା, ୨୭।୧୨(ସମିସ)**

ଗବେଷଣା ଓ ନବସୃଜନ କ୍ଷେତ୍ରରେ ଏନ୍‌ଆଇଟି ରାଉରକେଲାର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଡିସେମ୍ବର ୨୭ରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନଆଇଟି) ରାଉରକେଲାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏକ ଇନ୍‌ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଏବଂ ୧୦୦୦ ଆସନ ବିଶିଷ୍ଟ ଏକ ଖୋଲା ଛାତ୍ରଛାତ୍ରୀମାନଙ୍କୁ କେବଳ କ୍ରୀଡାରେ ନୁହେଁ ବରଂ ସୃଜନଶୀଳ ଏବଂ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ନୂତନ ଉଚ୍ଚତାରେ ପହଞ୍ଚିବାରେ ସାହାଯ୍ୟ କରିବ। ଏନଆଇଟିର ଅନୁସନ୍ଧାନମୂଳକ ଗବେଷଣା ସ୍ଥାୟୀ ବିକାଶ ଏବଂ ଜଳବାୟୁ ପରିବର୍ତ୍ତନ ଏବଂ ଶକ୍ତି ସଂରକ୍ଷଣ ଭଳି ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜକୁ ମୁକାବିଲା କରୁଛି। ରାଉରକେଲା କେବଳ ଏକ ସହର ନୁହେଁ ବରଂ ଭାରତର ଶିଳ୍ପ ଏବଂ ଶିକ୍ଷାଗତ ଶକ୍ତିର ପ୍ରତୀକ ବୋଲି ସେ






ଥିଏଟରର ଉଦ୍‌ଘାଟନ କରିବା ସହ ତିନୋଟି ପ୍ରମୁଖ ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ କହିଲେ ଏହି କ୍ରୀଡ଼ା କମ୍ପ୍ଲେକ୍ସ କହିଥିଲେ। ଏହି ଅବସରରେ ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ଏବଂ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଉରକେଲା ଏନ୍‌ଆଇଟିର ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର (ଏସଏସି) ଅଧୀନରେ ଥିବା ଇନ୍‌ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରିଥିଲେ। ୩୫ କୋଟି ଟଙ୍କା ବ୍ୟୟରେ ବିକଶିତ ଏହି ଅତ୍ୟାଧୁନିକ କମ୍ପ୍ଲେକ୍ସ କ୍ରୀଡ଼ା, ଫିଟନେସ୍ ଏବଂ ସାମଗ୍ରୀକ ଛାତ୍ର ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଜଣାପଡ଼ିଛି। ଏହି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ବ୍ୟାଡମିଣ୍ଟନ, ଲନ୍ ଟେନିସ୍ ଏବଂ ଭଲିବଲ୍ କୋର୍ଟ ସହିତ ବହୁମୁଖୀ ହଲ୍, ଯୋଗ, ନୃତ୍ୟ, ସଙ୍ଗୀତ ଏବଂ ଡ୍ରାମା ହଲ୍, ଦୁଇଟି ଡବଲ-ହାଇଟ୍ ସ୍କ୍ୱାସ୍ କୋର୍ଟ, ବାସ୍କେଟବଲ୍ ଏବଂ ବ୍ୟାଡମିଣ୍ଟନ କୋର୍ଟ, ଫିଲ୍ମ ଏବଂ ଫଟୋଗ୍ରାଫି ରୁମ୍, ମନୋରଞ୍ଜନ ହଲ୍, ସ୍ନୁକର/ବିଲିଆର୍ଡ, ଟେବୁଲ୍ ଟେନିସ୍, କ୍ୟାରମ୍ ଏବଂ ଚେସ୍ ରୁମ୍, ଜିମ୍ନାଜିୟମ୍ ଏବଂ ଅନ୍ୟାନ୍ୟ ବହୁମୁଖୀ କୋଠରୀ ଏବଂ ଲକର ଉପଲବ୍ଧ ରହିଛି। ସେହିପରି ଉଦ୍‌ଘାଟିତ ହୋଇଥିବା ୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏକ ୧୦୦୦ ଆସନ ବିଶିଷ୍ଟ ଖୋଲାବାୟୁ ଥିଏଟର ହେଉଛି ଇନ୍‌ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଏକ ପ୍ରମୁଖ ଅଂଶ, ଯାହା କ୍ୟାମ୍ପସରେ କ୍ରୀଡ଼ା, ସାଂସ୍କୃତିକ ଏବଂ ମନୋରଞ୍ଜନ କାର୍ଯ୍ୟକଳାପ ଉପଯୋଗୀ ହେବ। ଏନଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ କହିଛନ୍ତି, ଏନ୍‌ଆଇଟି ହେଉଛି ଏକମାତ୍ର ଏନଆଇଟି ଯାହା ସ୍ଥାୟୀ ବିକାଶ ଲକ୍ଷ୍ୟ ପାଇଁ ଶ୍ରେଷ୍ଠ ଦଶରେ ସ୍ଥାନିତ ହୋଇଛି, ଜାତୀୟସ୍ତରରେ ନବମ ସ୍ଥାନ ହାସଲ କରିଛି। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ କହିଛନ୍ତି ଏନଆଇଟି ରାଉରକେଲା ହେଉଛି ନବସୃଜନ, ଇଞ୍ଜିନିୟରିଂ ଏବଂ ଉଦ୍ୟୋଗରେ ଉତ୍କର୍ଷତାର କେନ୍ଦ୍ର, ଯାହା ବୈଜ୍ଞାନିକ, ଟେକ୍ନୋକ୍ରାଟ୍ ଏବଂ ଭଲ ପ୍ରଶାସକ ସୃଷ୍ଟି କରି ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ଅବସରରେ ୯୧.୧୮ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ସିଭିଲ୍ ଇଞ୍ଜିନିୟରିଂ ବିଭାଗର ଏକ କୋଠା ଲୋକାର୍ପିତ ହୋଇଥିଲା। ଏହାସହ ୩୩.୫୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ନୂତନ ଅତିଥି ଭବନ, ୫୫.୩୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୫୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଏମସିଏଲ ହଲ୍ ଅଫ୍ ରେସିଡେନ୍ସକୁ କେନ୍ଦ୍ରମନ୍ତ୍ରୀ ଲୋକାର୍ପିତ କରିଥିଲେ।

# ସୁନ୍ଦରଗଡ଼ ଜିଲ୍ଲା ବିଜେଡିର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା

**ରାଉରକେଲା, ୨୭।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ବିଜୁ ଜନତା ଦଳର ନୂତନ କର୍ମକର୍ତ୍ତାଙ୍କ ନାମ ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରୁ ଘୋଷଣା କରାଯାଇଛି। ଏହି କ୍ରମରେ ୧୨ ଜଣ ବିଜେଡି ଉପସଭାପତି, ୧୧ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ୨୨ ଜଣ ସମ୍ପାଦକଙ୍କ ନାମ ଘୋଷଣା କରାଯାଇଛି। ନୂତନ ଭାବେ ମନୋନୀତ ହୋଇଥିବା ବିଜେଡି ଉପସଭାପତିମାନେ ହେଲେ ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ କୁତ୍ରା ବ୍ଲକ ଉପସଭାପତି ଅନିଲ ବରୱା, ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ସୁନ୍ଦରଗଡ଼ ପୌରପାଳିକା ଉପସଭାପତି ସୁମନ୍ତ କୁମାର ପଣ୍ଡା, ହେମଗିର ବ୍ଲକ ଉପସଭାପତି କିରଣ କୁମାର ରାଉତ, ତଳସରା ବିଧାନସଭା ନିର୍ବାଚନମଣ୍ଡଳୀ ବଡ଼ଗାଁ ବ୍ଲକ ଉପସଭାପତି ତୁଳାରାମ ହୋତା, ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ କାଂଶବାହାଲ ବ୍ଲକ ଉପସଭାପତି ଜିତେନ୍ଦ୍ର ଦାସ, ବଡ଼ଗାଁ ବ୍ଲକ ଉପସଭାପତି ଅମିୟ କୁମାର ଦାସ, ରାଜଗାଙ୍ଗପୁର ବ୍ଲକ ଉପସଭାପତି ବିକ୍ରମ ଟପ୍ପୋ, ଟାଙ୍ଗରପାଲ୍ଲୀ ବ୍ଲକ ଉପସଭାପତି ବିରେନ୍ଦ୍ର ପଟେଲ, ବାଲିଶଙ୍କରା ବ୍ଲକ ଉପସଭାପତି ମହମ୍ମଦ ହାରୁନ ରସିଦ୍, ଟାଙ୍ଗରପାଲ୍ଲୀ ବ୍ଲକ ଉପସଭାପତି ଗେହ୍ଲାବତୀ ପଟେଲ, ଉପସଭାପତି ଜଟିଆ ମୁଣ୍ଡା ଏବଂ ସୁନ୍ଦରଗଡ଼ ପୌରପାଳିକା ଉପସଭାପତି ଉମେଶ ସାହୁ(ରାଜା)। ସେହିପରି ହେମଗିର ବ୍ଲକ ସାଧାରଣ ସମ୍ପାଦକ ଭାବେ ସୁନୀଲ ପାଟ୍ଟଯୋଶୀ ମନୋନୀତ ହୋଇଥିବାବେଳେ ସୁନ୍ଦରଗଡ଼ ସଦର ବ୍ଲକ ସାଧାରଣ ସମ୍ପାଦକ ଅନିରୁଦ୍ଧ ଥେମରିଆ, ବାଲିଶଙ୍କରା ବ୍ଲକ ସାଧାରଣ ସମ୍ପାଦକ ଶିଶିର କୁମାର ସାହୁ, ସୁନ୍ଦରଗଡ଼ ପୌରପାଳିକା ସାଧାରଣ ସମ୍ପାଦକ ଗୀତା ପଟେଲ, ରାଜଗାଙ୍ଗପୁର ବ୍ଲକ ସାଧାରଣ ସମ୍ପାଦକ ରାମଚନ୍ଦ୍ର କୁଜୁର, କୁତ୍ରା ବ୍ଲକ ସାଧାରଣ ସମ୍ପାଦକ ରୋଶନ ବରାଳ, ସୁନ୍ଦରଗଡ଼ ପୌରପାଳିକା ସାଧାରଣ ସମ୍ପାଦକ ମହମ୍ମଦ କଲିମ, ସୁନ୍ଦରଗଡ଼ ପୌରପାଳିକା ସାଧାରଣ ସମ୍ପାଦକ ଅଶିତ କୁମାର ରାୟ, ବାଲିଶଙ୍କରା ବ୍ଲକ ସାଧାରଣ ସମ୍ପାଦକ ଅନିଲ କୁମାର ବେହେରା, ବାଲିଶଙ୍କରା ବ୍ଲକ ସାଧାରଣ ସମ୍ପାଦକ କଞ୍ଚଲତା ଭିତିରିଆ, କୁତ୍ରା ବ୍ଲକ ସାଧାରଣ ସମ୍ପାଦକ ଭାବେ ପ୍ରଶନ୍ନ ବାଗ୍ ମନୋନୀତ ହୋଇଛନ୍ତି। ବଡଗାଁ ବ୍ଲକ କୋଷାଧ୍ୟକ୍ଷ ଭାବେ ଅରୁଣ କୁମାର ଦୀକ୍ଷିତ ମନୋନୀତ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ ପୌରପାଳିକା ସମ୍ପାଦକ ଭାବେ ବେଣୁଧର ତାଣ୍ଡିଆ ମନୋନୀତ ହୋଇଥିବା ବେଳେ ବାଲିଶଙ୍କରା ବ୍ଲକ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ମାଝୀ, ରାଜଗାଙ୍ଗପୁର ବ୍ଲକ ସମ୍ପାଦକ ରାଜେନ୍ଦ୍ର ମହାନ୍ତି, ବୀରକିଶୋର ରାଉତ ଓ ରାଜେଶ ଟପ୍ପୋ, ରାଜଗାଙ୍ଗପୁର ପୌରପାଳିକା ସମ୍ପାଦକ ରାଜେନ୍ଦ୍ର ବେହେରା ଓ ଦୀପକ ବିଶ୍ୱାସ, ବାଲିଶଙ୍କରା ବ୍ଲକ ସମ୍ପାଦକ ହୃଦାନନ୍ଦ ବାରିକ ଓ ସମ୍ପାଦିକା ପ୍ରିୟଦର୍ଶିନୀ ରଣା, ଲେଫ୍ରିପଡ଼ା ବ୍ଲକ ସମ୍ପାଦକ ସୁନିଲ କାଲୋ ଓ ମହେନ୍ଦ୍ର ଚୌଧୁରୀ, ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀର ଲାଠିକଟା ବ୍ଲକ ସମ୍ପାଦକ ରବି ତିର୍କୀ, ଦାଶରଥୀ ମାଝୀ, ଅର୍ଜୁନ ଗୁପ୍ତା ଓ ଅମିୟ କିଶୋର ମୁଦୁଲି, ବଡ଼ଗାଁ ବ୍ଲକ ସମ୍ପାଦକ ଦେବାଶିଷ ମିଶ୍ର ଓ ଗଣେଷ ସାହୁ, ଟାଙ୍ଗରପାଲ୍ଲୀ ବ୍ଲକ ସମ୍ପାଦକ ସୀତାକାନ୍ତ ପଟେଲ, ସୁନ୍ଦରଗଡ଼ ସଦର ବ୍ଲକ ସମ୍ପାଦକ ଜଗଦିଶ ସାହୁ, ଅମୃତ ଶେଖର ଦେଓ ଓ ବସନ୍ତ ଶେଖର ଦେଓ, ସବଡେଗା ବ୍ଲକ ସମ୍ପାଦକ ରାଜକୁମାର ବରାଳ ମନୋନୀତ ହୋଇଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



**ରାଉରକେଲା, ୨୭।୧୨(ସମିସ):** ପାନପୋଷ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଅଗ୍ରେସନ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ର. ଶଙ୍କର ପ୍ରସାଦ ତ୍ରିପାଠୀ, ଗୋଦାବରିଶ ଶତପଥୀ, ସମ୍ମାନିତ ଅତିଥି ଭାବେ ୟୁନିଟେକ୍‌ର ଅଧ୍ୟକ୍ଷ ନରେଶ ଆର୍ଯ୍ୟ, ଅନାମିକ ମିତଲ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ. ଭବାନୀ ଶଙ୍କର ଚାନ୍ଦେଲ, ଉପସଭାପତି ଚନ୍ଦନ ଲାଲ ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ସତ୍ୟସ୍ୱରୂପ ମହାନ୍ତି, ବସନ୍ତ କୁମାର ତନ୍ତୀ ଓ ଦିଲୀପ କୁମାର ଅଗ୍ରୱାଲ, ଅମରନାଥ ସାହୁ, ଗୌରବ ଗର୍ଗ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଉଷାରାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଅଧାପକ ଚନ୍ଦ୍ରଧ୍ୱଜ ମାଝୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ଶିଶୁ ପ୍ରାରମ୍ଭରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୫୦ ଜଣ ଛାତ୍ରଛାତ୍ରୀ ନୃତ୍ୟଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ ପ୍ରମୁଖା ଡଲି ସାହୁ ଓ ସହ ସାଂସ୍କୃତିକ ପ୍ରମୁଖ ସୁଲୋଚନା ପ୍ରଧାନଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପକ୍ଷରୁ ସମସ୍ତ ଗୁରୁମା ସ୍ନେହପ୍ରଭା ପଟ୍ଟନାୟକ, ମିଲି ବିଶ୍ୱାଳ, ରେଣୁଲତା ମହାନ୍ତି, ରଶ୍ମୀରେଖା ମହାପାତ୍ର, ସଂଯୁକ୍ତା କବି, ଶକୁନ୍ତଳା ନାୟକ, ସସ୍ମିତା ସାହୁ, ମଧୁସିକ୍ତା ମହାକୁଳ, ବିରଜା ମୋହିନୀ କୁଅଁର, ରଶ୍ମୀ ରେଖା ଦାସ, ଦୁର୍ଗାବତୀ ଧଳ, ଭାବନା ଚନ୍ଦେଲ, ମନମୋହନ ସାହୁ, ଦୀପକ ପଣ୍ଡା, ସେବାକା ସଂଯୁ ମାଝୀ ଓ ବେବୀ ଟିଗା ସହଯୋଗ କରିଥିଲେ। ରବୀନ୍ଦ୍ର କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

## ଖୋଲିଲା ପାଠାଗାର

# ଗେଟ୍ ଆଗରେ ଗାଡ଼ି; ସନ୍ଧ୍ୟାରେ ଅସାମାଜିକଙ୍କ ଆଡ୍ଡା



**ବଣାଇଁ, ୨୬ ।୧୨(ସମିସ):** ଦୀର୍ଘଦିନ ଧରି ବନ୍ଦ୍ ପଡ଼ିବା ପରେ ଉପ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଯୋଗୁଁ ପୁରୁଣା ଟାଉନ୍ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ବଣାଇଁ ପାଠାଗାର ପୁଣିଥରେ ଖୋଲିଛି। ଏହାର ସୁପରିଚାଳନା ନିମନ୍ତେ ବଣାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଦାୟିତ୍ୱ ଦିଆଯାଇଥିବା ସୂଚନା ରହିଛି। ରାସ୍ତା କଡ଼ରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି ପାଠାଗାର ରହିଥିଲେ ମଧ୍ୟ ଦିନବେଳେ ପାଠାଗାର ସମ୍ମୁଖରେ ବିଭିନ୍ନ ପ୍ରକାରର ଯାନ ଠିଆହୋଇ ରହୁଛି। ସନ୍ଧ୍ୟା ହେବାମାତ୍ରେ ପାଠାଗାର ସାମ୍ନାରେ ଅସାମାଜିକଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଯୁଆଡେ ଦେଖିବ ଖାଲି ମଦ ବୋତଲ ଆଉ ପ୍ଲାଷ୍ଟିକ ଗ୍ଲାସ ଗଡୁଛି। ଏଭଳି ପରିବେଶରେ ବରିଷ୍ଠ ଯୁବକ ପାଠାଗାରକୁ ଯାଇ ବହି ପଢ଼ିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ନିକଟରେ ଇଏସ ଆଇର ଡିସ୍ପେନସାରୀ ରହିଥିଲେ ମଧ୍ୟ ଫାଟକ ସମ୍ମୁଖରେ ସେଇ ସମାନ ଅବସ୍ଥା ଦେଖିବାକୁ ମିଳିଛି। ତେଣୁ ଚିକିତ୍ସା ନିମନ୍ତେ ସେଠାକୁ ଆସୁଥିବା ରୋଗୀମାନେ ମଧ୍ୟ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମ୍ନା ରାସ୍ତା ଉପରେ ଅଳିଆ ଆବର୍ଜନା ଫୋପାଡି ଗଦା କରୁଥିବା ବେଳେ ଯିବା ସମୟରେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ତେଣୁ ସ୍ଥାନୀୟ ପ୍ରଶାସନ ଏହାକୁ ଦୃଷ୍ଟିରେ ରଖି ଏସବୁ ସମସ୍ୟାକୁ ଦୂରକଲେ ବରିଷ୍ଠ ନାଗରିକ, ଛାତ୍ର ଛାତ୍ରୀ ସମସ୍ତେ ପାଠାଗାର ଯାଇ ବହି ପଢ଼ିବାକୁ ଆଗ୍ରହ ପ୍ରକାଶ କରନ୍ତେ ବୋଲି ମତପୋଷଣ କରିଛନ୍ତି।

# ଆର୍‌ଏସ୍‌ପି କର୍ମଚାରୀ ଜୀବନସାଥୀଙ୍କ କାରଖାନା ପରିଦର୍ଶନ

**ରାଉରକେଲା, ୨୭ ।୧୨(ସମିସ):** ମାନବସମ୍ବଳ ପ୍ରୟାସର ଅଂଶ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା କର୍ମଚାରୀମାନଙ୍କ ଜୀବନସାଥୀଙ୍କ ପାଇଁ 'ପ୍ରଗତିର ସାଥୀ' କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପ୍ରୟାସ ଅଧୀନରେ ନୂତନ ପ୍ଲେଟ୍ ମିଲ, ହଟଷ୍ଟ୍ରିପ ମିଲ-୨, ଏସପିପି ଓ ସିଇଏମ ବିଭାଗର ୨୦ ଜଣ କର୍ମଚାରୀଙ୍କ ସହଧର୍ମିଣୀଙ୍କୁ ଡିସେମ୍ବର ୨୦ ତାରିଖ, ବ୍ଲାଷ୍ଟ ଫର୍ଣ୍ଣେସ-୫, ନୂତନ ପ୍ଲେଟ ମିଲ୍, ହଟସ୍ଟ୍ରିପ ମିଲ ୨ ବିଭାଗ ପରିଦର୍ଶନରେ ନିଆଯାଇଥିଲା। ଏହାର ସ୍ୱାଗତ, ଓରିଏଣ୍ଟେସନ ଏବଂ ମତବିନିମୟ ଅଧିବେଶନରେ ନୂତନ ପ୍ଲେଟ ମିଲ, ଏସ୍‌ପିପି ଓ ଡିଜିଟାଲାଇଜେସନ ବିଭାଗର ସିଜିଏମ ଆର.କେ ମୁଦୁଲି ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ନୂତନ ପ୍ଲେଟମିଲ ବିଭାଗର ଜିଏମ ନୀଳମଣି ମହାପାତ୍ର ଓ ଏସ ସୁବ୍ରମଣ୍ୟମ, ଏଚଆର ବିଭାଗର ସିନିୟର ମ୍ୟାନେଜର ପିକେ ଜେନା, ଏନପିଏମ ବିଭାଗର ଏଏସଓ ପ୍ରଜ୍ଞା ନାଥ ଓ ବିଭାଗର ଅନ୍ୟ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ପରିଦର୍ଶକମାନଙ୍କୁ କାରଖାନାର ସାମଗ୍ରିକ ଚିତ୍ର ଏବଂ ସୁରକ୍ଷା ଉପରେ ଭିଡିଓ ଦେଖାଯାଇଥିଲା। ମତବିନିମୟ ଅବସରରେ ବରିଷ୍ଠ ଅଧିକାରୀମାନେ ପରିଦର୍ଶକମାନଙ୍କୁ ସେମାନଙ୍କର ଅକୁଣ୍ଠ ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହ କାରଖାନାର ଅଗ୍ରଗତିର ପ୍ରମୁଖ ଅଂଶୀଦାର ଭାବରେ ବର୍ଣ୍ଣନା କରିଥିଲେ।

ଏକାଦଶାହ ଉପଲକ୍ଷେ



ସ୍ୱ.ସନ୍ତୋଷ କୁମାର ମହାନ୍ତି
୧୦୮/ଏ, ଲୋଟସ୍ ହାଉସ୍, ଷ୍ଟେସନ ସ୍କୋୟାର, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର
ଆବିର୍ଭାବ - ୨୬.୦୬.୧୯୫୫
ତିରୋଧାନ - ୧୮.୧୨.୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ନିବେଦନ କରୁଅଛୁ।
-: ଶୋକାସନ୍ତପ୍ତ :-
ଝିଅ-ଜ୍ୱାଇଁ : ପ୍ରଜ୍ଞାସ୍ମିତା-ଡା. ଦିପ୍ତିକାନ୍ତ, ସୁଚିସ୍ମିତା-ଜ୍ୟୋତି ରଞ୍ଜନ
ନାତି ଓ ନାତୁଣୀ- ଲକ୍ଷଜିତ, ଜାନ୍ଭି, ଲଳିତେଶ
ଏବଂ ବନ୍ଧୁ ଓ ପରିବାର ବର୍ଗ

## ରାଉରକେଲାରେ ବିଜେଡିର ପ୍ରତିଷ୍ଠା ଦିବସ

# ଡବଲ ଇଞ୍ଜିନ ସରକାର କେବଳ ଭାଷଣ ଦେଉଛନ୍ତି

**ରାଉରକେଲା, ୨୭।୧୨(ସମିସ)**



ରାଉରକେଲା ନିର୍ବାଚନମଣ୍ଡଳୀ ବିଜେଡିର ଯୁବ, ମହିଳା, ଛାତ୍ର ଓ ବରିଷ୍ଠ ନେତାମାନଙ୍କ ସହଯୋଗରେ ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନେତୃତ୍ୱରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହିକ୍ରମରେ ଛେଣ୍ଡ କଲୋନୀ ସ୍ଥିତ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଥିଲା। ବିଧାୟକ କହିଥିଲେ ଯେ, ଓଡ଼ିଶା ୨୦୦୦ ମସିହାରେ ଏକ ଅଭାବି ରାଜ୍ୟ ଥିବା ବେଳେ ପ୍ରିୟନେତା ନବୀନ ବାବୁ ଦାୟିତ୍ୱ ନେଇ ୨୦୨୪ ମସିହାରେ ଓଡ଼ିଶାକୁ ବଳକା ରାଜ୍ୟ କରି ବିଜେପି ସରକାରଙ୍କୁ ଦେଇଥିଲେ। ଡବଲ ଇଞ୍ଜିନ ସରକାର ୧୮ ମାସ ଶାସନରେ ସ୍ୱାଭିମାନୀ ଓଡିଆଙ୍କୁ କେବଳ ଭାଷଣ ଶୁଣିବାକୁ ମିଳୁଛି। କୃଷକଙ୍କ ଧାନକିଣା ଅବ୍ୟବସ୍ଥା ଠାରୁ ନାରୀ ନିର୍ଯାତନା, ଶିକ୍ଷିତ, ବେକାରି, ଉନ୍ନୟନ ନୂତନ କାର୍ଯ୍ୟ କିଛି ନାହିଁ କହିଲେ ଚଳେ। ରାଉରକେଲର ସର୍ବାଙ୍ଗୀନ ଉନ୍ନତି ସହିତ ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ୍ ନିର୍ମାଣ କେବଳ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ଯୋଗୁଁ ହିଁ ସମ୍ଭବ ହୋଇପାରିଥିଲା। ଦୀର୍ଘ ୨୪ ବର୍ଷ ସୁଶାସନ ଯୋଗୁଁ ଓଡ଼ିଶା ସମଗ୍ର ଦେଶରେ ନୂତନ ପରିଚୟ ପାଇଛି ବୋଲି ଶ୍ରୀ ନାୟକ କହିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ବିଜେଡ଼ି ମୁଖପାତ୍ର ମିହିର ରାୟ ନବୀନ ବାବୁଙ୍କ ସୁଶାସନର ବିସ୍ତୃତ ବିବରଣୀ ଦେବା ସହିତ ପୂର୍ବରୁ ଦେଶରେ ସବୁଠାରୁ ବେଶି ଋଣ କରିଥିବା ଓଡ଼ିଶା ସରକାର ନୂତନ ବିଜେପି ରାଜ୍ୟ ସରକାରଙ୍କୁ ବଳକା ବଜେଟ ୪୩ ହଜାର କୋଟି ଦେଇଥିଲେ ବୋଲି ଶ୍ରୀ ନାୟକ କହିଥିଲେ। ବରିଷ୍ଠ ନେତା ବିରେନ ସେନାପତି, ସୁରେନ୍ଦ୍ର ରାଉତ, ଆଇନଜୀବୀ ସୁଦାମ ଦାଶ, ସନ୍ତୋଷ ନାୟକ, ଗଗନ ପଣ୍ଡା, ଜୟନ୍ତ ମିଶ୍ର, ପ୍ରଶାନ୍ତ ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଉରକେଲା ସରକାରୀ ଡାକ୍ତରଖାନାରେ ବିଜୁ ପରିବାର ସଦସ୍ୟଙ୍କ ଦ୍ୱାରା ରକ୍ତଦାନ ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରଯାଇଥିଲା। ରୋଗୀମାନଙ୍କୁ ନାରିନେତ୍ରୀ ଜ୍ୟୋତ୍ସ୍ନା ନାୟକ, ଛବି ମହାନ୍ତିଙ୍କ ନେତୃତ୍ୱରେ ଫଳ ବଣ୍ଟନ କରାଯାଇ ଥିଲା। ରଶ୍ମୀବାଳା ମିଶ୍ର, ଅଭୟ ଦାସ, ଅନୁପମ ରାୟ, ଶ୍ରୀଚରଣ ମହାନ୍ତି, ଗୋବିନ୍ଦ ରାମ ଅଗ୍ରୱାଲ, ତ୍ରୈଲୋଚନ ସାମଲ, ଅକ୍ଷୟ ନାୟକ, ହାଡିବନ୍ଧୁ ପରିଡ଼ା, ପ୍ରକାଶ ରାୟ, ନାରଣ ପ୍ରଧାନ, ଅଞ୍ଜନ ବାରିକ, ବାବୁ ଖାନ, ରଞ୍ଜନ ନାୟକ, ସୁଶାନ୍ତ ଦାସ, ତରେଣୀ ସେଠୀ, ପିଙ୍କୁ ଜୟସ୍ୱାଲ, ସୁଧାଂଶୁ ସାମଲ, ପିତାବାସ କାଣ୍ଡି, ଅନନ୍ତ ପାତ୍ର, ସ୍ମିତା ମହାନ୍ତି, ସୁନନ୍ଦା ସେନାପତି, ଶ୍ରୀବତ୍ସ କୁଅଁର, ସଞ୍ଜିତ ଛୋଟରାୟ, ରଞ୍ଜନ ସାମଲ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



■ ଅବସରପ୍ରାପ୍ତ ଏଲ୍ଏଚ୍ଭିଙ୍କୁ ହତ୍ୟା ଘଟଣା

# ନାବାଳକ ସହ ୨ କୋର୍ଟ ଚାଲାଣ

**ଧର୍ମଗଡ଼, ୨୭ ।୧୨(ସମିସ):** ଗତ ୨୨ତାରିଖ ଦିନ ଧର୍ମଗଡ଼ ଥାନା ଗଡ଼ିଆଜୋର ଗାଁରେ ଅବସରପ୍ରାପ୍ତ ଏଲଏଚ୍ଭିଙ୍କୁ ହତ୍ୟା ହୋଇଥିଲା ।ଘଟଣାକୁ ଧର୍ମଗଡ଼ ପୁଲିସ ଗୁରୁତ୍ୱ ଦେଇ ତଦନ୍ତ ଜାରି ରଖିଥିଲା । ଘଟଣାସ୍ଥଳରେ ସାଇଣ୍ଟିଫିକ



ଟିମ୍ ସହ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତକୁ ତୀବ୍ର କରିଥିଲେ ।ଏପରିକି କଳାହାଣ୍ଡି ଏସ୍ପି ଘଟଣାସ୍ଥଳ କୁ ଆସି ଛାନଭିନ କରିଥିଲେ ।ଶେଷରେ ପୁଲିସ ହତ୍ୟାକାରୀଙ୍କୁ ଠାବ କରିବାରେ ସକ୍ଷମ ହୋଇପାରିଛି ।ଏହି ଘଟଣାରେ ଜଣେ ନାବାଳକ ସମେତ ଅନ୍ୟ ଦୁଇ ଅଭିଯୁକ୍ତ ମହେନ୍ଦ୍ର ମେହେର ଓ କାହ୍ନୁ ଚରଣ କରକୁ ଗିରଫ କରି କୋର୍ଟ ଚାଲାଣ କରିଛି ।ସୂଚନାମତେ ଏଲଏଚ୍ଭି ସୁଚିତ୍ରା ଖୁଣ୍ଟିଆ ଗଡ଼ିଆଜୋରର ଏକ ନିଛାଟିଆସ୍ଥାନରେ ଘର ନିର୍ମାଣ କରି ରହି ଆସୁଥିଲେ । ଗତ ୨୨ତାରିଖ ବିଳମ୍ବିତ ରାତିରେ ଏହାର ସୁଯୋଗ ନେଇ ଅଭିଯୁକ୍ତ ମାନେ ଘର ଭିତରେ ପଶି ସୁନା ଅଳଙ୍କାର ଲୁଟ କରି ତାଙ୍କୁ ହତ୍ୟା କରି ଫେରାର ମାରିଥିଲେ । ଏନେଇ ଧର୍ମଗଡ଼ ଥାନାରେ କେଶ ନଂ ୩୮୭/୨୦୨୫ରେ ମାମଲା ରୁଜୁ ହୋଇ ପୁଲିସ ତଦନ୍ତ ଆରମ୍ଭ କରିଥିଲା । ହତ୍ୟା ଓ ସୁନା ଅଳଙ୍କାର ଲୁଟ ଏବଂ ବାଇକ୍ ଚୋରି କରିଥିବା ଅଭିଯୋଗରେ ଜଣେ ନାବାଳକକୁ ଗିରଫ କରାଯାଇଛି ଏବଂ ସୁନା ଅଳଙ୍କାର ନଷ୍ଟ କରିବାରେ ସହାୟତା କରିଥିବା ଏବଂ ଏଥିରେ ସୁନା ଅଳଙ୍କାର ପାଇଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଧର୍ମଗଡ଼ ଥାନାଧିକାରୀ ସୁଦର୍ଶନ ନାୟକ ସୂଚନା ଦେଇଛନ୍ତି ।

# ଟୋକି ପର୍ବ ପାଇଁ କଲମପୁର ଅଞ୍ଚଳ ଉତ୍ସବମୁଖର

**କଲମପୁର, ୨୭ ।୧୨ (ସମିସ):** ଆଦିବାସୀଙ୍କ ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଟୋକି ପର୍ବ ଅନ୍ୟତମ । ଧରଣୀପେନୁ ବା ମାଟି ଦେବତାକୁ ସନ୍ତୁଷ୍ଟ କରିବା ଲାଗି ପର୍ବ ପାଳନ କରାଯାଇଥାଏ ।ପୂର୍ବରୁ ଏହି ଦିନ ଟୋକି ବା କୁଆଁରି ଝିଅକୁ ବଳି ଦେଉଥିବାରୁ ଏହାକୁ ଟୋକି ପର୍ବ ବୋଲି କୁହାଯାଇ ଥାଏ । ଏବେ କିନ୍ତୁ ସେ ପରମ୍ପରା ଉଚ୍ଛେଦ କରାଯାଇ ଟୋକି ବା କୁଆଁରି ଝିଅର ପ୍ରତିକ ଭାବେ ଗଡ଼ରା ବା ମେଣ୍ଢା ବଳି ଦିଆଯାଇ ଆସୁଛି । ଏଣୁ ଏହାକୁ ଗଡ଼ରା ମରା ପର୍ବ ବୋଲି ମଧ୍ୟ କୁହାଯାଏ । ଯେଉଁ ଗ୍ରାମମାନଙ୍କରେ ଟୋକି ପର୍ବ ପାଇଁ ସ୍ଥିର କରାଯାଇ ଥାଏ ସେହି ଗ୍ରାମରେ ମାସେ ବ୍ୟାପି ପୂଜାପାଠ କରାଯାଇ ଥାଏ । ଧାର୍ଯ୍ୟ ଦିବସର ଶେଷ ସପ୍ତାହରେ ଆଦିବାସୀଙ୍କ ପ୍ରତି ଘରେ ଘରେ ଓ ପ୍ରତି ଗ୍ରାମମାନଙ୍କରେ ପୂଜାର୍ଚ୍ଚନା କରାଯାଇଥାଏ, ଶେଷ ସପ୍ତାହର ଗୁରୁବାର ଦିନ ଗୁରୁ ପୂଜା, ଶୁକ୍ରବାର ଦିନ ସୁଖେ ଖାଇବା, ଶନିବାର ଦିନ ଧାଇଁବା ଓ ରବିବାର ଦିନ ମାରିବା ଏହି ହିସାବରେ ସେମାନେ ଏହି ପର୍ବ ପାଳନ କରି ଆସୁଛନ୍ତି, କଲମପୁର ଅଞ୍ଚଳର ଆଦିବାସୀଙ୍କ ପୁରପଲ୍ଲୀରେ ଆଜି ଉତ୍ସବ ମହା ଧୁମଧାମରେ ପାଳନ ହୋଇଛି । କଲମପୁର ଅଞ୍ଚଳର ରବିବାର ଦିନ ମଣ୍ଡଳ ଓ ପାଜେନ ଗ୍ରାମରେ ଟୋକି ପର୍ବ ପାଳନ ହେଉଛି । ତେନ୍ତୁଳିଖୁଣ୍ଟି ଓ ଟେମରା ଗ୍ରାମରେ ପରବର୍ତ୍ତୀ ସମୟରେ ପୋଢ ବଳି ପୂଜା ହେବ ବୋଲି ଜଣାପଡ଼ିଛି । ଟୋକି ପର୍ବର ପରଦିନ ଅର୍ଥାତ ସୋମବାର ଦିନ ଧାଙ୍ଗରି ଦୋଳା ଉତ୍ସବ ଅନୁଷ୍ଠିତ ହେବ । ଏହାକୁ ମହା ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି ଅଞ୍ଚଳବାସୀ ।

ଡାକ୍ତରଙ୍କ ଘଣ୍ଟିକିଆ କାମ ବନ୍ଦ ଆନ୍ଦୋଳନ

# ସ୍ୱାସ୍ଥ୍ୟ ସେବା ବ୍ୟାହତ

**କେସିଙ୍ଗା, ୨୭ ।୧୨(ସମିସ)**

ବିଭିନ୍ନ ଦାବି ନେଇ ଗତ ୨୫ ତାରିଖରୁ ଆରମ୍ଭ ସମଗ୍ର ଓଡ଼ିଶାରେ ଡାକ୍ତରମାନଙ୍କର ଏକଘଣ୍ଟା କାମବନ୍ଦ ଧାରଣା ଯୋଗୁଁ ସ୍ୱାସ୍ଥ୍ୟ ସେବା ଭୁଶୁଡ଼ି ଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ।କାରଣ ବର୍ତ୍ତମାନ ଶୀତ ଦିନ ଚାଲୁଥିବାରୁ ସକାଳ ୧୦ରୁ ୧୧ ଡାକ୍ତରଙ୍କ ଧାରଣାମାନେ ଦିନର ଗୋଟିଏ ପ୍ରହରମାନେ ଅଧା ଦିନ ବାରବାଦ । ଆଖ ପାଖ ଗାଆଁ ଗହଳିରୁ ଶୀତ ଦିନ ପାଇଁ ସକାଳ ୧୦ ଟାରେ ଘରୁ ବାହାରି ମେଡିକାଲ ଆସି ଓପିଡି ବନ୍ଦ ଥିବାର ଦେଖି ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଡାକ୍ତର ମାନେ ଏକ ଘଣ୍ଟା ଧାରଣାରେ ବସିବାର କାରଣ ଡାକ୍ତରମାନଙ୍କ ବିଭିନ୍ନ ଦାବି ଯଥା ସମୟରେ ପଦୋନ୍ନତି, କେ ବିକେ ଜିଲ୍ଲାରେ ନିଯୁକ୍ତି ଦେଉଥିବା ଡାକ୍ତରଙ୍କ ପାଇଁ ବିଶେଷ ନୀତି, ବଦଳି ପ୍ରକ୍ରିୟାରେ ପାରଦର୍ଶିତା, ଡାକ୍ତର ମାନଙ୍କ କ୍ୟାଡ଼ରର ପୁନର୍ଗଠନ, ଡିପାଟମେଣ୍ଟାଲ ପ୍ରମୋସନ କମିଟିର ନିୟମିତ ବୈଠକ, ଡାକ୍ତରଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା, ଆନୁସାଙ୍ଗିକ ବ୍ୟବସ୍ଥା ଯଥା ରହିବା ପାଇଁ ଘର ଓ ଗାଡ଼ିର ସୁବ୍ୟବସ୍ଥା ଆଦି ଦାବି ନେଇ ଡାକ୍ତରମାନେ ପ୍ରତିଦିନ ସକାଳ ୧୦ରୁ ୧୧ କେବଳ ଜରୁରୀକାଳିନ ସେବା ବ୍ୟତୀତ ଓପିଡି ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଡାକ୍ତର ସଂଗଠନ ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ୍ (ଓମଶା) ପକ୍ଷରୁ ନିଷ୍ପତି ନିଆଯାଇଛି ଓ ଦାବି ପୂରଣ ନ ହେଲେ ଆଗକୁ ନୂଆବର୍ଷ ପରେ ଆନ୍ଦୋଳନକୁ ଆହୁରି ତୀବ୍ର କରିବେ ବୋଲି ଶୁଣିବାକୁ ମିଳୁଛି । ଆଗକୁ କଣ ହେବ ତାହା ତ ପରେ ଦେଖାଯିବ ବର୍ତ୍ତମାନ ଏକ ଘଣ୍ଟା ଓପିଡି ବନ୍ଦ ପାଇଁ ନାହିନଥିବା ଅସୁବିଧା ଉପୁଜିଛି । ସେମିତି କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ଥିବା ସରକାରୀ ମେଡିକାଲରେ କାର୍ଯ୍ୟରତ ଥିବା ବିଶେଷଜ୍ଞ ଓ ଏମବିବି ଏସ ଡାକ୍ତର ମିଶି ୭ ଜଣ ଡାକ୍ତର ଆନ୍ଦୋଳନକୁ ସମର୍ଥନ କରି ଦୁଇଦିନ ହେଲାଣି ଏକଘଣ୍ଟା କାମବନ୍ଦ କରୁଛନ୍ତି କେସିଙ୍ଗା ଆଖ ପାଖ ଅଞ୍ଚଳରୁ ଆସୁଥିବା ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳୁଛି । ସରକାର ଯଥା ଶୀଘ୍ର ଡାକ୍ତରମାନଙ୍କ ସଂଘ ସହିତ ଆଲୋଚନା କରି ଆନ୍ଦୋଳନକୁ ବନ୍ଦ ନ କଲେ ଆଗକୁ ସ୍ୱାସ୍ଥ୍ୟ ସେବାକ୍ଷେତ୍ର ରେ ନାହିଁ ନ ଥିବା ସମସ୍ୟା ଉପୁଜିବାର ଆଶଙ୍କା ରହିଛି । ସରକାର ଯଥା ଶୀଘ୍ର ଯଥାର୍ଥ ଦାବି ପୂରଣ କରିବା ପାଇଁ ବୁଦ୍ଧିଜିବୀ ମହଲରେ ଦାବି ହେଉଛି ।

# ମନରେଗା କାମ ଦେଖିଲେ ଜିଲ୍ଲାପାଳ

**ନୂଆପଡ଼ା, ୨୭ ।୧୨(ସମିସ):** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ରଜାମୁଣ୍ଡା ପୋଖରୀରେ ମନରେଗା ଯୋଜନାରେ ଚାଲିଥିବା ପୋଖରୀ ଖନନ କାମ ବୁଲି ଦେଖିଛନ୍ତି ଜିଲ୍ଲାପାଳ ମଧୁସୂଦନ ଦାଶ । ଜିଲ୍ଲାପାଳ କାର୍ଯ୍ୟସ୍ଥଳୀକୁ ପରିଦର୍ଶନ କରି ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ତାଦରଖ କରିଥିବା ବେଳେ ଶ୍ରମିକଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା



କରିଥିଲେ । ନିଜ ଗ୍ରାମ ନିଜ ଅଞ୍ଚଳରେ କାମ କରିବାର ଭିନ୍ନ ସ୍ୱାଦ ରହିଥିବା ବେଳେ ପ୍ରବାସୀ ଭାବରେ ନ ଯିବାକୁ ଆହ୍ୱାନ କରିଥିଲେ । ତାଙ୍କ ସହ ବୋଡ଼େନ ବିଡ଼ିଓ ସୁଶାନ୍ତ କୁମାର ରଣା ଏବଂ ବ୍ଲକ ସ୍ତରୀୟ କର୍ମଚାରୀମାନେ ଯୋଗ ଦେଇଥିଲେ । ଶ୍ରମିକଙ୍କୁ ତାଙ୍କ ଚାହିଦା ମୁତାବକ ଦ୍ୱାର ମୁହଁରେ ପ୍ରଶାସନ କାମ ଯୋଗାଇଦେବବୋଲି ଜିଲ୍ଲାପାଳ କହିଥିଲେ ।


ତେଲେଙ୍ଗାନାରେ ଓଡ଼ିଆ ଯୁବତୀଙ୍କୁ ହତ୍ୟା ଘଟଣା

## ଏନଏଚ୍ଆର୍ସିରେ ଅଭିଯୋଗ

**ଭବାନୀପାଟଣା, ୨୭ ।୧୨(ସମିସ):** ପେଟ ପାଇଁ ଦାଦନ ଖଟିବାକୁ ତେଲେଙ୍ଗାନା ଯାଇଥିବା ଧର୍ମଗଡ଼ ଉପଖଣ୍ଡ ଜୟନ୍ତପୁର ପଞ୍ଚାୟତ କାଣ୍ଡପଡ଼ା ଗ୍ରାମର ୧୯ ବାର୍ଷିୟ ଜେମାମଣୀ କାଣ୍ଡଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଆଜି 'ସକାଳ'ରେ ପ୍ରକାଶିତ ଖବରକୁ ନେଇ ମାନବାଧିକାର କର୍ମୀ ଦିଲ୍ଲୀପ କୁମାର ଦାସ ଜାତୀୟ ମାନବାଧିକାର କମିଶନ ନିକଟରେ ଅଭିଯୋଗ କରିଛନ୍ତି । ଜେମାମଣୀଙ୍କୁ ତୁରନ୍ତ ନ୍ୟାୟ, ଦୁଷ୍କର୍ମ ଓ ହତ୍ୟା କରିଥିବା ଅଭିଯୁକ୍ତ ଙ୍କୁ କଠୋର ଦଣ୍ଡ ସହ ଜେମାମଣୀଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଶ୍ରୀ ଦାସ ଏନଏଚ୍ଆରସି ଙ୍କୁ ନିବେଦନ କରିଛନ୍ତି । ଜେମାମଣୀ ତେଲେଙ୍ଗାନା ଖମନ ପ୍ରକାଶ ନଗର ଅଞ୍ଚଳରେ ଜଣେ ଭାଟି ଠିକାଦାର ନିକଟରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ ।ଗତ ୨୫ତାରିଖ ଦିନ ଏକ ବ୍ରିଜ ନିକଟରୁ ତେଲେଙ୍ଗାନା ପୁଲିସ ତାଙ୍କ ମୃତଦେହ ଜବତ କରିଥିଲା ।

## ଡାକ୍ତର ଇନାୟତ ଅଲ୍ଲୀ ଖାନଙ୍କ ପରଲୋକ

**ଭବାନୀପାଟଣା, ୨୭ ।୧୨(ସମିସ):** କଳାହାଣ୍ଡି ଏକ୍ସ-ରେର ମାଲିକ, ବାଦଲି ଗାଁର ଗୌନ୍ତିଆ, ଡାକ୍ତର ଇନାୟତ ଅଲ୍ଲୀ ଖାନଙ୍କ ଶନିବାର ସକାଳେ ୮୯ ବର୍ଷ ବୟସରେ ଦେହାନ୍ତ



ହୋଇଯାଇଛି । ସରକାରୀ ଚାକିରି ନ କରି ଲେପ୍ରା ଇଣ୍ଡିଆ ତରଫରୁ କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଅଞ୍ଚଳର ବଞ୍ଚିତ ବର୍ଗଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ସହ କଳାହାଣ୍ଡି ଜିଲ୍ଲାରେ ପ୍ରଥମ ବେସରକାରୀ ଏକ୍ସରେ ମେସିନ, ପେଥୋଲୋଜି ସ୍ଥାପନ କରିଥିଲେ । ଛାତ୍ର ଜୀବନରେ ବ୍ରହ୍ମପୁର ମେଡିକାଲ କଲେଜରେ ଲୋକପ୍ରିୟ ଫୁଟବଲ ଖେଳାଳି ଭାବରେ ପରିଚିତ ଥିଲେ । ତାଙ୍କ ସାନ ପୁଅ ବକ୍ତିଆର ଅଲ୍ଲୀ ଖାଁ ଜଣେ ବରିଷ୍ଠ ଆଇନଜୀବୀ ଓ କଂଗ୍ରେସ ସଂଖ୍ୟା ଲଘୁ ସେଲର ଜିଲ୍ଲା ସଭାପତି ଥିବା ବେଳେ ଝିଅ ସମ୍ବଲପୁରର ବରିଷ୍ଠ ବରିଷ୍ଠ ଆଇନଜୀବୀ ଭାବରେ କାର୍ଯର୍ୟରତ । ।ନିବାର ସନ୍ଧ୍ୟାରେ ସ୍ଥାନୀୟ କବରସ୍ଥାନରେ ପରମ୍ପରା ରୀତିରେ କବର ଦିଆଯାଇଛି ।

## ଟ୍ରକ୍ ଧକ୍କାରେ ଯୁବକ ମୃତ

**କୋକସରା, ୨୭ ।୧୨(ସମିସ):** ୨୬ ନମ୍ବର ଜାତୀୟ ରାଜପଥର କୋକସରା ଥାନା କୁସୁମଖୁଣ୍ଟି ନିକଟରେ ଶନିବାର ଟ୍ରକ୍ ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ କୁସୁମଖୁଣ୍ଟି ଗ୍ରାମର ନବ ଭୋଇ (୩୫) ବୋଲି ଜଣାପଡ଼ିଛି । ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଘଟଣାସ୍ଥଳରୁ ଫେରାର ମାରିଛି ।ସୂଚନା ଅନୁସାରେ, ଭବାନୀପାଟଣା-ନବରଙ୍ଗପୁର ରାସ୍ତାର କୁସୁମଖୁଣ୍ଟି ନିକଟରେ ଯୁବକ ନବ ଭୋଇଙ୍କୁ ଟ୍ରକ୍ ଧକ୍କା ମାରି ଫେରାର ହୋଇଥିଲା । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ନବକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ତେବେ ସେଠାରେ ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ସୂଚନା ମିଳିଛି । ପୁଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ସହ ମେଡିକାଲରେ ପହଞ୍ଚି ଶବ ଜବତ କରିଥିବା ଜଣାପଡ଼ିଛି ।

## ବ୍ଲକ୍ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ପ୍ରଚାର ରଥର ଶୁଭାରମ୍ଭ

**ଧର୍ମଗଡ଼, ୨୭ ।୧୨(ସମିସ):** କଳାହାଣ୍ଡି ଜିଲାର ଗର୍ବ ଓ ଗୌରବ, କଳା ସଂସ୍କୃତି, ଐତିହ ଓ ବିକାଶ ଧାରାର ବାର୍ତ୍ତାବହ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୬ । ଏହି ପରିପ୍ରେକ୍ଷୀରେ ଗୋଲାମୁଣ୍ଡା ବ୍ଲକ ପ୍ରଶାସନ ତରଫରୁ ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ-୨୬ ନିମନ୍ତେ ଆଜି ପ୍ରଚାର ପ୍ରସାର ରଥର ଶୁଭାରମ୍ଭ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତଥା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବର ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗଦେଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଆସନ୍ତା ଜାନୁଆରୀ ୯, ୧୦, ୧୧ରିଖ ତିନି ଧରି ମହା ଆଡମ୍ବରରେ ଗୋଲାମୁଣ୍ଡାସ୍ଥିତ ଶିବାଜୀ ଷ୍ଟାଡିୟମ ଠାରେ ମାଁ ମାଣିକେଶ୍ୱରୀଙ୍କ ମନ୍ଦିର ସ୍ୱରୂପ ମଞ୍ଚରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଚଳିତ ବର୍ଷ ଜିଲ୍ଲାର ବିଭିନ୍ନ ନୃତ୍ୟ, ଗୀତ ଓ ରାଜ୍ୟ ତଥା ରାଜ୍ୟ ବାହାରର କଳାକାର ସାଙ୍ଗକୁ ଷ୍ଟାର ନାଇଟ ପ୍ରୋଗ୍ରାମର ବ୍ୟବସ୍ଥା କରାଯାଇଛି ।ଉତ୍ସବର ଜୋରସୋର ପ୍ରଚାର ପ୍ରସାର ନିମନ୍ତେ ଆଜି ପ୍ରଚାର ରଥର ଶୁଭାରମ୍ଭ କରାଯାଇଛି । ସୂଚନାମତେ ପ୍ରଚାର ରଥ ବ୍ଲକର ୨୮ ଟି ଗ୍ରା.ପ ଯାଇ ପ୍ରଚାର ପ୍ରସାର କରିବା ଲକ୍ଷ ରଖାଯାଇଛି । ପ୍ରଚାର ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ସରପଞ୍ଚ ପୁରୁଷୋତ୍ତମ ରାଉତ, ଖଳିଆପାଲି ସରପଞ୍ଚ ଜିମୁତ ବାହାନ ହରପାଳ, ପ୍ରଚାର ପ୍ରସାର କମିଟି ଅଧ୍ୟକ୍ଷ ସୁଧୀର ପ୍ରସାଦ ସାହୁ, ଆଶୁତୋଷ ରାଉତ, ସୋମ୍ୟରଞ୍ଜନ ଅଗସ୍ତି, ସୁଶାନ୍ତ ଦଳେଇ, ଗଙ୍ଗାବିଷ୍ଣୁ ମୁଣ୍ଡ, ଗଙ୍ଗା ରାଉତ, ଦିନେଶ ପାନକା, ଦୀପ୍ତିବନ୍ତ ରାଉତ, ଶ୍ୟାମସୁନ୍ଦର ଅଗ୍ରୱାଲ, ସମୀର ସାହୁ, ଲବଜି ପଟେଲ, ପୂର୍ଣ୍ଣଚନ୍ଦ୍ର ପୁଝାରି ପ୍ରମୁଖ ଉପସ୍ଥିତ ଥିଲେ ।




## ପଞ୍ଜୀକରଣ କେନ୍ଦ୍ରରେ ପିଇବା ପାଣି ମିଳୁନି



**ଭବାନୀପାଟଣା, ୨୭ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ରେଣ୍ଡୋ ମାଝୀ ଭେଷଜ ମହାବିଦ୍ୟାଳୟ ଓ ଜିଲ୍ଲା ହସ୍ପିଟାଲକୁ ଦୈନିକ ଶହ ଶହ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଆସୁଛନ୍ତି । ଏଥିପାଇଁ ସ୍ୱତନ୍ତ ଭାବେ ପଞ୍ଜୀକରଣ କେନ୍ଦ୍ର, ହେଲ୍ପଡେସ୍କ ଓ ଔଷଧ ବିତରଣ କେନ୍ଦ୍ର ଗୋଟିଏ ସ୍ଥାନରେ କରାଯାଇଛି । ଏଥିସହ ମହିଳା ଓ ବରିଷ୍ଠ ନାଗରିକଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । କିନ୍ତୁ ଏହି ସ୍ଥାନରେ ପିଇବା ପାଣି ବ୍ୟବସ୍ଥା ନଥିବା ଯୋଗୁଁ ଅନେକ ରୋଗୀ, ସେମାନଙ୍କ ସମ୍ପର୍କୀୟ ଓ ବରିଷ୍ଠ ନାଗରିକମାନେ ଅସୁବିଧାର ଶିକାର ହେଉଛନ୍ତି । ପିଇବା ପାଣି ପାଇଁ ଏକ ଅକ୍ୟୁଆଗାର୍ଡ ଲଗାଯାଇଥିଲେ ସୁଦ୍ଧା ତାହା ଅକାମି ହୋଇପଡ଼ିଛି । ମରାମତି କରାଯାଉନଥିବାରୁ ଦୂର ଦୁରାନ୍ତରୁ ଆସୁଥିବା ରୋଗୀ ପାଣି ପାଇଁ ହଇରାଣ ହେଉଛନ୍ତି ।ତୁରନ୍ତ ପିଇବା ପାଣି ବ୍ୟବସ୍ଥା କରିବାକୁ ସାଧାରଣ ରେ ଦାବି ହୋଇଛି ।


ସୀମାନ୍ତରେ ସଂହତି ଓ ସମ୍ପର୍କର ସେତୁ ବୁଢ଼ାରଜା କ୍ରିକେଟ କପ୍

# କ୍ରୀଡ଼ାପ୍ରେମୀ ଓ କ୍ରୀଡ଼ାବିତ୍ଙ୍କ ମହାମିଳନ



**ସିନାପାଲି, ୨୭ ।୧୨(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସୀମାନ୍ତ ସିଙ୍ଗଝରସ୍ଥିତ ବୁଢ଼ାରଜା ମିନି ଷ୍ଟାଡିୟମରେ ଚାଲିଥିବା ବୁଢ଼ାରଜା କ୍ରିକେଟ କପ ସିଜନ-୭ ସଂହତି ଓ ସମ୍ପର୍କର ସେତୁ ସାଜିଥିବା ବେଳେ କ୍ରୀଡ଼ା ପ୍ରେମୀ, କ୍ରୀଡ଼ାବିତ, ଖେଳାଳି ତଥା ଦର୍ଶକମାନଙ୍କ ମଧ୍ୟରେ ମହା ମିଳନ ଘଟି ଭାବର ଆଦାନ ପ୍ରଦାନ ସାଙ୍ଗକୁ ଭାତୃଭାବ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି । ଚଳିତ ବର୍ଷ ସିଜନ-୭ ରେ ପଦାର୍ପଣ କରିଥିବା ବେଳେ ଖେଳ ଦେଖିବା ପାଇଁ ପ୍ରବଳ ଜନସମାଗମ ହେଉଛି । କ୍ରୀଡାର ବିକାଶ ସାଙ୍ଗକୁ ନିମନ୍ତ୍ରିତ ରାଜନେତା, ପ୍ରଶାସନ ଅଧିକାରୀ, ସମାଜ ସେବୀ, ସାମ୍ବାଦିକ, ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଡାକି ଅଞ୍ଚଳର ସମସ୍ୟାର ସମାଧାନ ଓ କ୍ରୀଡ଼ା ଭିତ୍ତିଭୂମି ର ବିକାଶ ଦିଗରେ ସୁଚାଇବା ମଧ୍ୟ ପ୍ରମୁଖ ଲକ୍ଷ୍ୟ ବୋଲି ଆୟୋଜକ କମିଟିର ସଭାପତି ପ୍ରେମ ଚାନ୍ଦ ବୈଠାରୁ ପ୍ରକାଶ କରିଛନ୍ତି । ଏହି ଟୁର୍ଣାମେଣ୍ଟ ସିଙ୍ଗଝର ଅଞ୍ଚଳରେ ଏକ ଲୋକମହୋତ୍ସବ ଭାବରେ ପରିଗଣିତ ହୋଇଥିବା ବେଳେ ଅଞ୍ଚଳରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି । ଟୁର୍ଣାମେଣ୍ଟକୁ ଶୃଙ୍ଖଳିତ ଓ ଆକର୍ଷଣୀୟ ସାଙ୍ଗକୁ ସୁଦୂର ପ୍ରସାରି କରିବା ପାଇଁ କମିଟିର ସଦସ୍ୟମାନେ ଦିନରାତି ପରିଶ୍ରମ କରି ପିଚ୍ ନିର୍ମାଣ, ଦର୍ଶକ ଗ୍ୟାଲେରୀ, କଣ୍ଟ୍ରୋଲ ରୁମ, ପ୍ୟାଭିଲିୟନ, କମନଟ୍ରି ବକ୍ସ ସମେତ ବିଭିନ୍ନ ଷ୍ଟଲ ନିର୍ମାଣ କରି ସଫଳ ଟୁର୍ଣାମେଣ୍ଟରେ ସୁନାମ ଆଣିବା ପାଇଁ ଅହରହ ଉଦ୍ୟମ ଚଳାଇଛନ୍ତି ।ନୂଆପଡ଼ା ଜିଲ୍ଲାରେ ଏକ ପ୍ରମୁଖ ଟୁର୍ଣାମେଣ୍ଟ ଭାବରେ ପ୍ରତିଯୋଗିତା ଉଭା ହୋଇ ଥିବା ବେଳେ ଚଳିତ ବର୍ଷ ମଧ୍ୟ ଓଡ଼ିଶା ସମେତ ଛତିଶଗଡ଼, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ର ପ୍ରମୁଖ ଦଳ ଯୋଗଦାନ କରିଛନ୍ତି ।ମୋଟ ୧୬ ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ବିଜେତା ଦଳକୁ ଟ୍ରଫି ସହ ୧ ଲକ୍ଷ ଓ ଉପବିଜେତା ଦଳକୁ ଟ୍ରଫି ସହ ୭୦ ହଜାର, ସିରିଜ ପାଇଁ ଟ୍ରଫି ସହ ୭ ହଜାର ୭୭୭ଟଙ୍କା ପୁରସ୍କାର ରାଶି ରଖାଯାଇଛି । ସେହିପରି ବେଷ୍ଟ ବୋଲର, କିପର, ଫିଲ୍ଡର, ଶୃଙ୍ଖଳିତ ଦଳ ପାଇଁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଆସନ୍ତା ୨୮ ତାରିଖ ରବିବାର ଦିନ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।ଏଥିରେ ବହୁ ନେତା, ରାଜନେତା, ପ୍ରାସାସନିକ ଅଧିକାରୀ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ଓଡ଼ିଶାର ସୁନାମଧନ୍ୟ କଳାକାର ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି ।





ମୂଳ ଇଂରାଜୀ : ସୁଧା ମୂର୍ତ୍ତି
ଅନୁସୃଜନ : ବଙ୍ଗାଳୀ ନନ୍ଦ



# ଦାନର ସ୍ୱରୂପ

ପ୍ରତିବର୍ଷ ଆମଦେଶକୁ ପ୍ରାକୃତିକ ବିପତ୍ତିର ସାମନା କରିବାକୁ ପଡ଼ିଥାଏ । ସେ ହୋଇପାରେ ଗୁଜୁରାଟର ଭୂମିକମ୍ପ, ଓଡ଼ିଶାର ବନ୍ୟା କିମ୍ବା କର୍ଣ୍ଣାଟକର ମରୁଡ଼ି । ଆମ ଦେଶ ଭଳି ଏକ ଗରିବ ଦେଶକୁ ଏପରି ଦୁର୍ଗତିମାନଙ୍କର ସାମନା କରି ଅନେକ କ୍ଷୟକ୍ଷତି ସହିବାକୁ ପଡ଼ିଥାଏ ।

ମୁଁ କାମ କରୁଥିବା ସମୟରେ ଦେଖିଛି - ଏପରି ବିପତ୍ତି ସମୟରେ ଅନେକ ବଦାନ୍ୟ ବ୍ୟକ୍ତି ଟଙ୍କା ପଇସା ଆକାରରେ କିମ୍ବା ଜିନିଷ ପତ୍ର ଇତ୍ୟାଦି ସାହାଯ୍ୟକାରୀ ସଂଗଠନଗୁଡ଼ିକକୁ ଦାନ କରିଥାନ୍ତି । ଆମେ ଧରି ନେଇଥାଉ ଯେ ସେମାନଙ୍କ ମଧ୍ୟରେ ଅଧିକାଂଶ ଧନୀ ସମ୍ପ୍ରଦାୟର ଲୋକ ଥିବେ । କିନ୍ତୁ ତାହା ସତ୍ୟ ନୁହେଁ । ଅପରପକ୍ଷେ ମଧ୍ୟବିତ୍ତ ପରିବାରର ଲୋକ ଓ ନିମ୍ନ ମଧ୍ୟବିତ୍ତ ପରିବାରର ଲୋକ ବେଶୀ ସାହାଯ୍ୟ କରିଥାନ୍ତି । ଖୁବ୍ କମ୍ ଧନୀ ପରିବାର ଲୋକ ଆନ୍ତରିକ ସହଯୋଗ କରିଥାନ୍ତି ।

କିଛି ବର୍ଷ ତଳେ, ବେଙ୍ଗାଲୁରୁର ଏକ ସୁଖ୍ୟାତ କମ୍ପାନୀ 'ବ୍ୟବସାୟ କ୍ଷେତ୍ରର ସାମାଜିକ ଦାୟିତ୍ୱ' ଉପରେ ଏକ ଭାଷଣ ପ୍ରଦାନ କରିବାକୁ ମୋତେ ନିମନ୍ତ୍ରଣ କରିଥିଲେ । ଭାଷଣ ଦେବା ସହଜ, କିନ୍ତୁ ମୋ ଭାଷଣ ଶୁଣି କେତେଜଣ ପ୍ରଭାବିତ ହେବେ ସେଥିପ୍ରତି ମୋର ସନ୍ଦେହ ଥିଲା ।

ଭାଷଣ ସରିଲାପରେ, ମୁଁ ଅନେକ ଯୁବକ ଓ ଯୁବତୀଙ୍କ ସହିତ ବାର୍ତ୍ତାଳାପ କଲି । ତାହା ଏକ ସମୃଦ୍ଧଶାଳୀ କମ୍ପାନୀ ଥିଲା ଓ କର୍ମଚାରୀମାନେ ବେଶ୍ ସ୍ୱଚ୍ଛଳ ଏବଂ ଭଲ ପୋଷାକ ସବୁ ପିନ୍ଧିଥିଲେ । ଭାଷଣ ଶୁଣି ସେମାନେ ଭାବପ୍ରବଣ ହୋଇପଡ଼ିଥିଲେ ।

ସେମାନେ କହିଲେ,-"ମାଡାମ୍! ଆମେ ପ୍ରତିମାସରେ ଅନେକ ପୋଷାକ କିଣିଥାଉ, ସେ ଭିତରୁ କିଛି ଭୂମିକମ୍ପ ଦୁର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କୁ ଦେବୁ । ଆପଣ ସହଯୋଗ କରି ସେମାନଙ୍କ ନିକଟରେ ପହଞ୍ଚାଇ ଦେଇପାରିବେ ?

ଆଉ କେତେଲୋକ ଅନ୍ୟ ଜିନିଷ ପତ୍ର ଦେବାକୁ କହିଲେ ।

"ଆମ ପିଲାମାନେ ବଡ଼ ହୋଇଗଲେଣି । ଆମେ ସେମାନଙ୍କର ପୁରୁଣା, ଖେଳନା ଓ ଗିନା , କଂସା କିଛି ଦେବାକୁ ଚାହୁଁଛୁ ।"

ସେମାନଙ୍କର ପ୍ରତିକ୍ରିୟା ଶୁଣି ମୋତେ ଖୁସି ଲାଗିଲା । ମନେ ପଡ଼ିଗଲା ରାମାୟଣ କଥା । ସେତୁବନ୍ଧ ବାନ୍ଧିବା ସମୟରେ ଗୁଣ୍ଡୁଚି ମୂଷା ମଧ୍ୟ ରାମଙ୍କୁ ସାହାଯ୍ୟ କରିବାକୁ ମୁଠେ ବାଲିଆଣି ବନ୍ଧ ବାନ୍ଧିବାରେ ସହଯୋଗ କରିଥିଲା ।

"ତୁମେ ଯାହା ଦେବା କଥା ସେସବୁ ମୋ ଅଫିସ୍‌କୁ ପଠାଇ ଦିଅ । ଠିକ୍ ଲୋକଙ୍କ ପାଖରେ ସେସବୁ ପହଞ୍ଚାଇ ଦେବି ।" ବୋଲି କହିଲି ।

ସପ୍ତାହକ ଭିତରେ ଶହ ଶହ ବ୍ୟାଗ୍ ଓ ଗଣ୍ଠିଲି ମୋ ଅଫିସ୍‌ରେ ଆସି ଗଦା ହୋଇଗଲା । ମୁଁ ଗର୍ବ ଅନୁଭବ କଲି ଯେ, ମୋ' ଭାଷଣ ସେମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଛି ।

ଦିନେ ରବିବାର ଦେଖି ମୋ ସହଯୋଗୀଙ୍କୁ ନେଇ ବ୍ୟାଗ୍ ସବୁ ଖୋଲି ଦେଖିଲୁ । ଯାହା ଦେଖି ଆମେ ତଟସ୍ଥ ହୋଇଗଲୁ । ବ୍ୟାଗ୍‌ଗୁଡ଼ିକ ପରିତ୍ୟକ୍ତ ଜିନିଷ, ଛିଣ୍ଡା କପଡ଼ା ଓ ଭଙ୍ଗା ଫଟା ରସ ବାସନରେ ଭର୍ତ୍ତି ହୋଇଥିଲା । ଛିଣ୍ଡା ହାଇହିଲ୍, ଚପଲ (ସେଥିରୁ କେବଳ ଗୋଟିଏ) ମଇଳା ଲୁଗାପଟା, ଚିରା ଅଣ୍ଡର୍ ଗାର୍ମେଣ୍ଟ, ଭଙ୍ଗା କ୍ୟାସେଟ୍ ଇତ୍ୟାଦି ପର୍ବତ ଆକାରରେ ଆମ ଆଗରେ ପଡ଼ିଥିଲା । ତା' ଭିତରେ ଅଳ୍ପ କେତୋଟି, ଭଲ ସାର୍ଟ, ଶାଢ଼ି ବ୍ୟବହାର ଯୋଗ୍ୟ ଜିନିଷ ପାଇଲୁ । ଏଥିରୁ ପ୍ରତୀୟମାନ ହେଲା ଯେ, ଅଳିଆଗଦାରେ ଫିଙ୍ଗି ନ ଦେଇ କିମ୍ବା କବାଡ଼ିବାଲାକୁ ନ ଦେଇ ସେଗୁଡ଼ିକକୁ ମୋ ଅଫିସ୍‌କୁ ପଠେଇ ଦେଇଛନ୍ତି, ଅଭାବୀ ଲୋକଙ୍କୁ ଦାନ କରିବା ସକାଶେ । ସେଦିନ ମୁଁ ସାକ୍ଷାତ କରିଥିବା ପୁରୁଷ ଓ ନାରୀ ସମସ୍ତେ ଖୁବ୍ ସମ୍ଭ୍ରାନ୍ତ ଦେଖାଯାଉଥିଲେ । ଭଲ ପୋଷାକ ପିନ୍ଧିଥିଲେ । ଅନେକ ଜାଗା ବୁଲିଆସିଥିବେ ମଧ୍ୟ । ଯଦି ଶିକ୍ଷିତ ଲୋକମାନେ ଏଭଳି ବ୍ୟବହାର କରନ୍ତି, ତା' ହେଲେ ଅଶିକ୍ଷିତ ଲୋକଙ୍କ କଥା କାହିଁକି ଚିନ୍ତା କରିବା?

ସେତେବେଳେ ମୋର ପିଲାବେଳର କଥା ମନେପଡ଼ିଲା । ମୁଁ କର୍ଣ୍ଣାଟକରେ ହୋଭେରି ଜିଲ୍ଲାର ସିଗ୍‌ଗାଓଁ ନାମକ ଏକ ପଲ୍ଲୀ ଗାଁରେ ଜନ୍ମ ହୋଇ ବଢ଼ିଥିଲି । ମୋ ଜେଜେ ଜଣେ ଅବସରପ୍ରାପ୍ତ ସ୍କୁଲ ଶିକ୍ଷକ ଥିଲେ । ମୋ ଜେଜି ମା' - ନାଁ ତା'ର 'କ୍ରିଷ୍ଣାକ୍କା' ଜୀବନରେ କେବେ ସ୍କୁଲ ପିଣ୍ଡା ମାଡ଼ି ନଥିଲା । ସେମାନେ କର୍ଣ୍ଣାଟକ ଛାଡ଼ି ବାହାରକୁ କେବେ ଯାଇନାହାନ୍ତି । କିନ୍ତୁ ସେମାନେ କଠିନ ପରିଶ୍ରମ କରୁଥିଲେ । ସେମାନେ ଯାହା କରୁଥିଲେ ଆନ୍ତରିକତାର ସହ କରୁଥିଲେ । କେବେହେଲେ କାହାର ସାହାଯ୍ୟ ଚାହୁଁନଥିଲେ । ସେମାନଙ୍କ ଫଟୋ କେବେ କୌଣସି ଖବର କାଗଜରେ ଛପା ହୋଇନଥିଲା । ସେମାନେ ପୁରସ୍କାର କିମ୍ବା ସମ୍ବର୍ଦ୍ଧନା ପାଇବାକୁ କେବେ କୌଣସି ମଞ୍ଚରେ ଚଢ଼ି ନଥିଲେ । ସେମାନେ ଜଙ୍ଗଲର ଫୁଲ ପରି ସୁବାସ ବିତରଣ କରୁଥିଲେ । ସେମାନଙ୍କ କଥାରେ ଅନ୍ୟମାନଙ୍କୁ ମୁଗ୍ଧ କରୁଥିଲେ । ହେଲେ ବାହାର ଦୁନିଆ ସେମାନଙ୍କୁ ଆଦୌ ଜାଣି ନଥିଲା ।

ଗାଁରେ ଆମର ଧାନଜମି ଥିଲା । ଧାନ ଆସି ଆମ ଅମାରରେ ବୋଝେଇ ହେଉଥିଲା । ଆମଘରେ ଦୁଇଟି ଅମାର ଥିଲା । ଗୋଟିଏ ଦାଣ୍ଡଘରେ, ଆରଟି ବାରିପଟେ । ଭଲ ଚାଉଳ ଯାହା ଧଳା ଓ ସରୁ, ସେସବୁ ଦାଣ୍ଡ ଅମାରରେ ରହେ । ଅପେକ୍ଷାକୃତ ନିମ୍ନମାନର ଚାଉଳ, ଯେଉଁଗୁଡ଼ିକ ଟିକେ ମୋଟା ଓ ନାଲିରଙ୍ଗର ସେଗୁଡ଼ିକ ପଛପଟ ଅମାରରେ ରହେ ।

ସେ ଦିନଗୁଡ଼ିକରେ ସାମ୍ପ୍ରଦାୟିକ ବିଭାଜନ ଆଦୌ ନ ଥିଲା । ଭିନ୍ନ ଭିନ୍ନ ବର୍ଗର ଲୋକ ମିଳିମିଶି ଶାନ୍ତିରେ ଗାଁରେ ଚଳୁଥିଲେ । କେତେଜଣ ଭିକ୍ଷା ମାଗିବାକୁ ଆମ ଘରକୁ ଆସୁଥିଲେ । ସେମାନଙ୍କ ଭିତରେ ଥାଆନ୍ତି ମୁସ୍‌ଲିମ୍ ଫକୀର, ହିନ୍ଦୁ ଦାସିଆ ଇତ୍ୟାଦି । ସେମାନେ ଭକ୍ତି ଗୀତ ଗାଇ ଗାଇ ଗାଁରେ ବୁଲନ୍ତି । ଏଲ୍ଲାମା ଯୋଗୀମାନେ ମୁଣ୍ଡରେ ଏଲ୍ଲାମ୍ମା ଠାକୁରାଣୀଙ୍କୁ ଧରି ଓ ଠାକୁର ଫଟୋମାନ ଧରି ସାହିରେ ଭିକ୍ଷାଟନ କରନ୍ତି । ଗରିବ ଛାତ୍ରମାନେ ଓ ଅକର୍ମଣ୍ୟ ଲୋକମାନେ ମଧ୍ୟ ଭିକ୍ଷା ମାଗନ୍ତି ।

ଆମ ଘରମାନଙ୍କରେ ସେ ସମୟରେ ଟଙ୍କା-ପଇସା ବେଶି ନ ଥାଏ । ଆମ ଜେଜେ ସେମାନଙ୍କୁ ତେଣୁ ପଇସା ନ ଦେଇ ଚାଉଳ ଦେଇ ସନ୍ତୋଷ କରୁଥିଲେ । ସାହାଯ୍ୟ ପାଉଥିବା ଲୋକମାନେ ବେଶି କଥାବାର୍ତ୍ତା କରୁନଥିଲେ । ସେମାନେ ଚାଉଳ ପାଇ ହସି ଦେଉଥିଲେ ଓ ଡାହାଣ ହାତ ଉଠେଇ ଆମକୁ ଆଶୀର୍ବାଦ କରୁଥିଲେ । ଜାତି, ଧର୍ମ ନିର୍ବିଶେଷରେ ଆଶୀର୍ବାଦ କେବଳ ଥିଲା "ଭଗବାନ ତୁମର ମଙ୍ଗଳ କରନ୍ତୁ ।" ମୋ ଜେଜେ ସେମାନଙ୍କୁ ଦାନ ଦେଇସାରିବା ପରେ ଖୁବ୍ ଖୁସି ଜଣାପଡୁଥାନ୍ତି ।

ସେତେବେଳେ ମୁଁ ଛୋଟିଆ ଝିଅଟିଏ । ବେଶୀ ଉଚ୍ଚ ନଥାଏ । ଯେହେତୁ ଆଗଘର ଅମାରଟିର ପ୍ରବେଶ ପଥଟି ଛୋଟ ଥିଲା, ତେଣୁ ବଡ଼ ଲୋକମାନେ ସେ ଭିତରକୁ ଯିବା ସହଜ ନଥିଲା । ତେଣୁ ମୋତେ ଗୋଟିଏ ଛୋଟ ବାଲଟି ଦେଇ ଭିତରକୁ ପଠାଯାଉଥିଲା । ସେଥିରେ ଚାଉଳ ଭରି ମୁଁ ବାହାର ଲୋକଙ୍କୁ ଦେଉଥିଲି । କେତେ ଚାଉଳ ଦରକାର ସେମାନେ ମୋତେ କହୁଥିଲେ ।

ସଞ୍ଜବେଳେ ଆମ ଜେଜି ମା' ସମସ୍ତଙ୍କ ପାଇଁ ରୋଷେଇ କରେ । ସେତିକି ବେଳେ ସେ ମୋତେ ବାରିପଟରେ ଥିବା ଅମାର ଭିତରକୁ ଯିବାକୁ କହେ ଯେଉଁଥିରେ ନାଲି ରଙ୍ଗର ମୋଟା ଚାଉଳ ରହେ । ଯେତିକି ଚାଉଳ ଦରକାର ମୋତେ କହିଲେ, ମୁଁ ସେଥିରୁ କାଢ଼ି ଦିଏ ଓ ରାତ୍ରି ଭୋଜନପାଇଁ ସେ ଚାଉଳ ରନ୍ଧାଯାଏ ।

ଏମିତି ବର୍ଷ ବର୍ଷ ଧରି ଚାଲିଥାଏ । ମୁଁ ଟିକିଏ ବଡ଼ ହେଲାପରେ ଜେଜେବାପା ଓ ଜେଜିମା'ଙ୍କୁ ଅନେକ ଦିନଧରି ମୋ ମନଭିତରେ ଥିବା ସନ୍ଦେହ ଦୂର କରିବା ପାଇଁ ଦିନେ ପଚାରିଲି- "ଆମେ ସବୁବେଳେ ନାଲି ଚାଉଳ କାହିଁକି ଖାଉଛେ ଯେଉଁଗୁଡ଼ିକ ଭଲ ନୁହେଁ, ଆଉ ଭଲ ଚାଉଳ ଗରିବ ଲୋକଙ୍କୁ ଭିକ୍ଷା ଦେଉଛେ କାହିଁକି?"

ମୋ ଜେଜିମା' ହସିଲା ଓ ଯାହା କହିଲା, ସାରା ଜୀବନ କେବେ ମୁଁ ସେ କଥା ଭୁଲି ପାରିବି ନାହିଁ ।

"ଝିଅ ! ଯଦି ତୁ କାହାକୁ କିଛି ଦେବାକୁ ଚାହୁଁଛୁ, ତେବେ ତୋ' ନିକଟରେ ଥିବା ଭଲ ଜିନିଷଟି ସେମାନଙ୍କୁ ଦେବା ଉଚିତ । ଖରାପ ଜିନିଷ କେବେ କାହାକୁ ଦେବା ଉଚିତ୍ ନୁହେଁ । ଜୀବନରେ ମୁଁ ସେ କଥାଟି ଶିଖିଛି । ଭଗବାନ ମନ୍ଦିର, ଚର୍ଚ୍ଚ କିମ୍ବା ମସ୍‌ଜିଦ୍‌ରେ ନ ଥାନ୍ତି । ସେ ଗରିବ ଓ ଅସହାୟ ରୂପେ ଆମ ନିକଟକୁ ଆସିଥାନ୍ତି । ତୁ ଯଦି ସେମାନଙ୍କୁ ଭଲ ଜିନିଷ ଦେବୁ, ତେବେ ତାହା ଭଗବାନ ପାଇବେ ।"

ମୋ ଜେଜେବାପା ମୋ ପ୍ରଶ୍ନର ଆଉ ଏକ ପ୍ରକାର ଉତ୍ତର ଦେଇଥିଲେ । କହିଥିଲେ- ଆମ ପୂର୍ବପୁରୁଷମାନେ ବେଦରେ ଆମ ପାଇଁ କହିଯାଇଛନ୍ତି, - "ଦାନ ଦେଲା ବେଳେ,ବିନୟ ସହକାରେ ଦାନ ଦିଅ । ଦାନ ଆନନ୍ଦରେ ଦିଅ । ଆନ୍ତରିକ ଭାବେ ଦାନ ଦିଅ । ଅଭାବୀ ଲୋକଙ୍କୁ ଦାନ ଦିଅ । ପ୍ରତ୍ୟାଶା ନ ରଖି ଦାନ ଦିଅ । କାରଣ ଦାନ ଉପହାର ନୁହେଁ, ଏହା ଏକ କର୍ତ୍ତବ୍ୟ । ତୁମ ଘର ଲୋକଙ୍କ ସମ୍ମତିରେ ଦାନ ଦିଅ । ତୁମକୁ ଆଶ୍ରା କରି ବଞ୍ଚିଥିବା ଲୋକଙ୍କୁ ଅଣଦେଖା କରି ଦାନ ଦିଅ ନାହିଁ । ଜାତି, ଧର୍ମ, ସମ୍ପ୍ରଦାୟକୁ ନେଇ ଦାନ କର ନାହିଁ । ଏମିତି ଦାନ କର ଯାହା ଦ୍ୱାରା ଗ୍ରହୀତାର କିଛି ଉପକାର ହେବ ।"

ମୁଁ ଯେତେବେଳେ ଛୋଟ ଝିଅ ଟିଏ ଥିଲି, ସେତେବେଳେ ମୋର ଗୋସେଇଁ ବାପା ଓ ଗୋସେଇଁ ମା' - ଏକଥା ମତେ କହିଥିଲେ । ଯାହା ଏ ପର୍ଯ୍ୟନ୍ତ ମୋ ମନରେ ରହିଛି । ଯଦି କାହାକୁ ମୁଁ କିଛି ସାହାଯ୍ୟ କରିବାକୁ ଯାଏ । ସେହି ସରଳ ଓ ନିଷ୍ପାପ ଲୋକମାନଙ୍କର ଉପଦେଶ ମତେ ସାହାଯ୍ୟ କରେ । ଏସବୁ କଥା ମୁଁ କୌଣସି ସ୍କୁଲ କିମ୍ବା କଲେଜରୁ ଶିଖି ନଥିଲି । ■

ପ୍ଲଟ ନଂ- ୬୨୦୨-୧୧୬୦୪
ଲୋକନାଥ ବିହାର
ଭୋଟପଡ଼ା, ମଞ୍ଚେଶ୍ୱର ରେଳବାଇ କଲୋନୀ
ଭୁବନେଶ୍ୱର- ୭୫୧୦୧୭
ମୋ: ୯୪୩୮୦୩୬୦୩୭

## ପତ୍ରିକା ପରିଚୟ

### ରେବତୀ

**ସଂପାଦିକା: ସୁବାସିନୀ ଜେନା**




ଓ.ଟି. ରୋଡ୍
ବାଲେଶ୍ୱର-୭୫୬୦୦୧
ମୂଲ୍ୟ ୭୦ ଟଙ୍କା

ସୃଜନର କିଛି ନୂତନ ସମ୍ଭାର ନେଇ ପ୍ରକାଶ ପାଇଛି 'ରେବତୀ'ର ଡିସେମ୍ବର-୨୦୨୫ ସଂଖ୍ୟା । ସୁବାସିନୀ ଜେନାଙ୍କ ସଂପାଦନାରେ ପ୍ରକାଶିତ ସଂପୂର୍ଣ୍ଣ ରଙ୍ଗିନ 'ରେବତୀ' ପତ୍ରିକା ବେଶ୍ ଆକର୍ଷଣୀୟ ହୋଇଛି । ଚଳିତ ସଂଖ୍ୟାରେ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ମାଣବସାର ମହକ', ମନୋଜ ମେହେରଙ୍କ 'ଶବ୍ଦର ଇନ୍ଦ୍ର ରାଜେନ୍ଦ୍ର', ମମତା ଦାଶଙ୍କ 'ପୁଣି ଫେରିବେ ରାଜେନ୍ଦ୍ର', ଦାଶ ବେନହୁରଙ୍କ 'ଶରତ ସନ୍ଦେଶ', ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ 'ପୁଷ୍ପପୁନିର ପୁଲକ' ଆଦି ଲେଖାଗୁଡ଼ିକ ତଥ୍ୟ ଭିତ୍ତିକ ଓ ହୃଦୟସ୍ପର୍ଶୀ ହୋଇଛି । ସେହିପରି ଅକ୍ଷୟ ସ୍ୱାଇଁଙ୍କ 'ପତ୍ର ଝଡ଼', ଗୌତମ ଜେନାଙ୍କ 'ସମୟ ସରିଆସିବା ବେଳକୁ', ଡକ୍ଟର ସିନ୍ଧୁ ସେନ୍‌ଙ୍କ 'କାନ୍ଥ', ନନ୍ଦ କିଶୋର ସିଂହଙ୍କ 'କେତୋଟି ଝିଅ କଥା' ପ୍ରଭୃତି କବିତାଗୁଡ଼ିକର ଭାବ ଓ ଭାଷା ମାର୍ମିକ ହୋଇଛି । ସେଭଳି 'କଥା-କାହାଣୀ'ରେ ଡକ୍ଟର ଉଷାରାଣୀ ଦାଶଙ୍କ 'ଉଖୁଡ଼ା', ବିଜୟ ପଟ୍ଟନାୟକଙ୍କ 'ଆଜି ନଈବଢ଼ି ପୁଣି ଆସିଛି', ବସନ୍ତ ମଞ୍ଜରୀ ମିଶ୍ରଙ୍କ 'ଆଲୋ ସଖି', ରଞ୍ଜନ କୁମାର ଦାସଙ୍କ 'ଶେଷଇଚ୍ଛା' ଗପ ମନଛୁଆଁ ହୋଇଛି । ସେହିପରି 'ଧାରାବାହିକ କାବ୍ୟ', 'ଧାରାବାହିକ ଆତ୍ମଜୀବନୀ', 'ଲୋକକଥା', 'ରୋଷେଇଶାଳ', 'ଶେଷପୃଷ୍ଠା' ଆଦି ନିୟମିତ ବିଭାଗର ଲେଖାଗୁଡ଼ିକ ମଧ୍ୟ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ଶୋଭନା

**ସଂପାଦକ: ବିଧୁଭୂଷଣ ପଟ୍ଟନାୟକ**





୨ଆର୍.ଏ.-୬୦, ରୋଡ୍-୭
ୟୁନିଟ୍-୯, ଭୁବନେଶ୍ୱର-୨୨
ମୂଲ୍ୟ ୪୦ ଟଙ୍କା

ମହିଳା ପତ୍ରିକାର ନବଦିଗନ୍ତ 'ଶୋଭନା'ର ଡିସେମ୍ବର -୨୦୨୫ ସଂଖ୍ୟା ବରିଷ୍ଠ ଓ ଯୁବ ଲେଖକଙ୍କ ଉଚ୍ଚକୋଟୀର ଲେଖାରେ ସମୃଦ୍ଧଶାଳୀ ହୋଇଛି । ବିଧୁଭୂଷଣ ପଟ୍ଟନାୟକଙ୍କ ସଂପାଦନାରେ ପ୍ରକାଶିତ 'ଶୋଭନା'ର ଚଳିତ ସଂଖ୍ୟାରେ ବୀରେଶ୍ୱର ମହାନ୍ତିଙ୍କ 'ଦ୍ୱନ୍ଦ୍ୱ', ସୁଶୀଳ କୁମାର ନନ୍ଦଙ୍କ 'ଜଣେ ରାଜନେତାଙ୍କ ଶେଷ କଥା', ସୁଷମା ଚୌଧୁରୀଙ୍କ 'ଗାନ୍ଧାରୀଙ୍କ ଅନାବୃତ ଚକ୍ଷୁ', ରୋଜାଲିନ୍ ମିଶ୍ରଙ୍କ 'ଜାନୁଘଣ୍ଟ', ବିଜୟ ପ୍ରଧାନଙ୍କ 'ଆଖି ଦିଶୁ ନଥିବା ଦୃଶ୍ୟ', ଶଶିଭୂଷଣ ମହାନ୍ତିଙ୍କ 'ପିପାସା', ବନସ୍ମିତା ପତିଙ୍କ 'ସବାରିର ବୋଝ' ଆଦି ଗଳ୍ପଗୁଡ଼ିକରେ ମାନବୀୟ ଭାବାବେଗ, ସାମାଜିକ ବାସ୍ତବତାର ଚିତ୍ର ଅତ୍ୟନ୍ତ ପ୍ରଭାବଶାଳୀ ଭାବେ ପ୍ରତିଫଳିତ ହୋଇଛି । ସେହିପରି 'ଅନନ୍ୟ ପରମ୍ପରା'ରେ ଡକ୍ଟର ଭାସ୍କର ମିଶ୍ରଙ୍କ 'ଶ୍ରୀମନ୍ଦିରରେ ମାହାରୀ ପରମ୍ପରା'ରେ ଶ୍ରୀମନ୍ଦିରରେ ଦେବଦାସୀ ପରମ୍ପରାର ଇତିହାସ, ତାତ୍ପର୍ଯ୍ୟ ଆଦି ସଂପର୍କରେ ତଥ୍ୟଭିତ୍ତିକ ଆଲୋଚନା କରାଯାଇଛି । 'ସ୍ୱତନ୍ତ୍ର ପ୍ରସଙ୍ଗ'ରେ ଜାନକୀଶ ବଡ଼ପଣ୍ଡାଙ୍କ 'ନୋବେଲ ବିଜୟିନୀ ମାରିଆ'ରେ ନୋବେଲ ଶାନ୍ତି ପୁରସ୍କାର ପ୍ରାପ୍ତ ସାମାଜିକ କର୍ମୀ ମାରିଆ କୋରିନା ମାଚାଡ଼ୋଙ୍କ ସଂଘର୍ଷମୟ ଜୀବନ କଥା ବର୍ଣ୍ଣନା କରାଯାଇଛି । 'ସ୍ୱାସ୍ଥ୍ୟ ସନ୍ଦେଶ'ରେ ଡା. ମଦନ ମୋହନ ପାଢ଼ୀଙ୍କ 'ଅମ୍ଳପିତ୍ତ ରୋଗର ପ୍ରତିକାର'ରେ ଅମ୍ଳପିତ୍ତ ରୋଗର କାରଣ ଓ ନିରାକରଣ ସଂପର୍କରେ ଆଲୋଚନା କରାଯାଇଛି । 'ଶୋଭନା'ର ଡିସେମ୍ବର ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

# ଗୋଟେ କଣ୍ଢେଇ ପରି ପୃଥିବୀ





ମୂଳ ହିନ୍ଦୀ: ଅଶୋକ ବାଜପେୟୀ
ଅନୁସୃଜନ: ପ୍ରବାସିନୀ ମହାକୁଡ଼

ପୃଥିବୀର ଆଖପାଖରେ
ଘୂରି ବୁଲନ୍ତି ଦେବତା
ନକ୍ଷତ୍ର ଆଉ ଗନ୍ଧର୍ବ ।

ପୃଥିବୀକୁ ପରିକ୍ରମା କରନ୍ତି
ପ୍ରାଚୀନ ସନ୍ଥ, ରାକ୍ଷସ
ଆଉ ଇତିହାସଠୁ ଅଦୃଶ୍ୟ ସମୟ ।

ଯେଉଁ ପୃଥିବୀ ବସୁନ୍ଧରା ଥିଲା,
ଯେଉଁ ପୃଥିବୀ ଉଠିଥିଲା ସମୁଦ୍ରରୁ
ସେଇ ପୃଥିବୀକୁ
ଗୋଟେ କଣ୍ଢେଇ ପରି
ଗହଣାଗାଣ୍ଠି ପିନ୍ଧେଇ କରି
ନିଜ ପାଖ ବିଛଣାରେ ଶୁଆଏ
ନିଦରେ ନିମଗ୍ନ
ସ୍ୱପ୍ନ–ପରି ମୋ ଝିଅ । ■

# କେହି କବୀର ନୁହଁନ୍ତି

କେବେକେବେ କ୍ଳାନ୍ତ ହୋଇ ମୁଁ
ନିଜର ମଇଳା ଲୋଚୋକୋଚା ଚାଦର ବିଷୟରେ ଭାବେ
ମନେନାହିଁ କେବେ, କେଉଁଠି ଏଇ ଚାଦର ପାଇଥିଲି
କିନ୍ତୁ ପୂର୍ବଜ ଦେଇଥିଲେ ବିଲ୍‌କୁଲ୍ ଧଳା ତ
ପ୍ରଥମରୁ ହିଁ ନଥିଲା ।

ମୁଁ ପ୍ରତି ମୁହୂର୍ତ୍ତରେ ଚେଷ୍ଟା କଲି
ଯେ ତାକୁ ସଫା ରଖେ
ନା ଦାଗହୀନ ଥିଲା ନା ରହିପାରିଲା
ଦେହରେ ଗୁଡ଼ାଏ
ଉପରକୁ ଟାଣି
ଖୁଣ୍ଟିରେ ଟାଙ୍ଗି ଦିଏ
ନ ହେଲେ ଯତ୍ନରେ କେଉଁଠି ରଖିଦିଏ
ତା' ଦାଗ ବି ଚିହ୍ନ ଲାଗି ହିଁ ଯାଏ
ଗୁଡ଼ ପାଖକୁ ଆସୁଥିବା ପିମ୍ପୁଡ଼ିଙ୍କ ପରି
ଜାଣେନା କେଉଁଠୁ-କେଉଁଠୁ

ଦାଗ ଚାଦରର ଆଡ଼କୁ ଟାଣି ହୋଇଯାଆନ୍ତି
ପୁଣି ସଫାସୁତୁରା ରହିଲାଣି ଜୀବନ
ପ୍ରେମ ଆଉ ଈର୍ଷାରେ
ଲୋଭ ଆଉ ଚାହିଁବାରେ
ଅନ୍ୟର ଉତ୍ତମ ଜୀବନରୁ ଜନ୍ମିଥିବା ଜ୍ୱଳନ
ଶବ୍ଦଠୁ ବାରମ୍ବାର ବାହାରି ଯିବାର ଭାଗ୍ୟ
ଜୀବନକୁ ଏତେ ଆଉ ଏତେଥର ମଇଳା କରି ଦେଇଛି
ଯେ ବିଚାରୀ ଏଇ ଚାଦରର କ'ଣ ସାଧ
ଯେ ସିଏ ସଫାସୁତୁରା ରହିପାରିଥାନ୍ତା
ପାଖ ପଡ଼ିଶାରେ କେହି କବୀର ନଜରକୁ ଆସନ୍ତିନି
ଯାହାକୁ ଏଇ ଚାଦର ଦେଇ ଆସନ୍ତି ଯେ
ସମୟ ପାଇଲେ ଯା'କୁ ରଫୁ କରି ଦିଅନ୍ତା
ନ ହେଲେ କୌଣସି ବିଶ୍ୱାସଯୋଗ୍ୟ ସାବୁନରେ ଧୋଇ
କିଛି ତ ଚକ୍ ଚକ୍ କରିବ । ■

ଷ୍ଟେସନ୍ ବଜାର, ଢେଙ୍କାନାଳ



ଡକ୍ଟର ବିଶ୍ୱନାଥ ସାହୁ

# ଆଣ୍ଡରସନ୍‌ଙ୍କ ପରୀ କାହାଣୀରେ କାରୁଣ୍ୟ

ହାନ୍‌ସ କ୍ରିଷ୍ଟିଆନ ଆଣ୍ଡରସନ୍ ହେଉଛନ୍ତି ଊନବିଂଶ ଶତାବ୍ଦୀର ଜଣେ ବିଖ୍ୟାତ କାହାଣୀକାର । ସେ ୧୮୦୫ ମସିହାରେ ଡେନମାର୍କରେ ଜନ୍ମଗ୍ରହଣ କରିଥିଲେ । ପିଲାଟି ଦିନରୁ ପିତାଙ୍କୁ ହରାଇଥିବାରୁ ଘୋର ଦାରିଦ୍ର୍ୟ ମଧ୍ୟରେ ତାଙ୍କର ଶୈଶବ ଓ କୈଶୋର ଜୀବନ ବିତିଥିଲା । ସ୍କୁଲ, କଲେଜରେ ପାଠ ପଢ଼ିବାର ସୁଯୋଗ ସେ ପାଇପାରିନାହାନ୍ତି । ଏକ ଥିଏଟର ଦଳ ସହ ମିଶି କିଛିଦିନ ନାଚ, ଗୀତ ଓ ଅଭିନୟ କରିଥିଲେ ହେଁ ତାଙ୍କୁ ଏହା ଭଲ ନ ଲାଗିବାରୁ ପରବର୍ତ୍ତୀ ସମୟରେ ସେ ଲେଖାଲେଖି ଆଡ଼କୁ ମନ ବଳାଇଥିଲେ ।

ସେ ଅନେକ ନାଟକ, ଉପନ୍ୟାସ, କବିତା, ଯାତ୍ରା ପୁସ୍ତକ ତଥା ଆତ୍ମକଥାର ଲେଖକ ହୋଇଥିଲେ ହେଁ କାହାଣୀ ଲେଖକ ଭାବରେ ତାଙ୍କର ସୁଖ୍ୟାତି ରହିଛି । ପରୀ କାହାଣୀର (Fairy Tales) ଲେଖକ ଭାବରେ ସେ ସମଗ୍ର ପୃଥିବୀରେ ସୁପରିଚିତ । ତାଙ୍କ ଲିଖିତ ପରୀ କାହାଣୀ ଶିଶୁମାନଙ୍କ ପାଇଁ ବେଶ୍ ଉପଯୋଗୀ ହୋଇଥିବାରୁ ତାଙ୍କୁ 'ଶିଶୁର ବନ୍ଧୁ' ବୋଲି କୁହାଯାଉଥିଲା । କିନ୍ତୁ ଏହା କେବଳ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା; ବରଂ କିଶୋର ଓ ଯୁବକମାନଙ୍କ ପାଇଁ ମଧ୍ୟ ଏହା ଏକ ପଠନୀୟ ସାହିତ୍ୟକୃତି ।

ଆଣ୍ଡରସନ୍ ଏହି କାହାଣୀଗୁଡ଼ିକକୁ ଡେନିଶ୍ ଭାଷାରେ ଲେଖିଛନ୍ତି । ଉଭୟ ଶୈଳୀ ଓ ବିଷୟବସ୍ତୁ ଦୃଷ୍ଟିରୁ ସେ ସମୟରେ ଉକ୍ତ କାହାଣୀଗୁଡ଼ିକ ସ୍ୱତନ୍ତ୍ର ଥିଲା । ୧୮୩୦ ଦଶକର ଶେଷ ଆଡ଼କୁ ଆଣ୍ଡରସନ୍‌ଙ୍କୁ ସରକାରଙ୍କ ତରଫରୁ ଏକ ଷ୍ଟାଇପେଣ୍ଡ ମିଳିଥିଲା, ଯାହା ତାଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିଥିଲା । ଏହା ପରେ ପରେ ତାଙ୍କ କାହାଣୀ ସବୁ ୟୁରୋପ ଏବଂ ଜର୍ମାନୀରେ ବିଶେଷ ଲୋକପ୍ରିୟତା ହାସଲ କରିଥିଲା । ୧୮୩୧ରୁ ୧୮୭୩ ମସିହା ପର୍ଯ୍ୟନ୍ତ ସେ ସମଗ୍ର ୟୁରୋପ୍, ଏସିଆ ଓ ଆଫ୍ରିକା ଭ୍ରମଣରେ ବାହାରିଥିଲେ । ସେହି ଯାତ୍ରାକାଳୀନ ଅନୁଭୂତିକୁ ତାଙ୍କ ଯାତ୍ରା ପୁସ୍ତକଗୁଡ଼ିକରେ ଉଲ୍ଲେଖ କରିଥିଲେ । ବିଶେଷ କରି 'En digtens bazar', 'I sverrig' ଏବଂ 'I Sparian' ଆଦି ଲେଖାରେ ଏହା ଦୃଶ୍ୟମାନ । ଲେଖକ ନିଜର ଲେଖା ଓ ଜିନିଷଗୁଡ଼ିକୁ ସାଇତି ରଖୁଥିଲେ । ତେଣୁ ଆଜି ମଧ୍ୟ ତାଙ୍କ ଡାଏରି ଓ ହଜାର ହଜାର ପତ୍ର ସଂରକ୍ଷିତ ରହିଛି ।

ଆଣ୍ଡରସନ୍ ମୋଟ ୧୫୬ଟି (କେତେକ ତଥ୍ୟାନୁସାରେ ୧୬୮ଟି) ପରୀ କାହାଣୀ ରଚନା କରିଥିଲେ । ଏହା ୯ଟି ଭାଗରେ ବିଭକ୍ତ ଏବଂ ୧୨୫ରୁ ଅଧିକ ଭାଷାରେ ଅନୂଦିତ । ୧୮୩୫ ମସିହାରେ ତାଙ୍କର ପ୍ରଥମ ପରୀ କାହାଣୀ ସଂଗ୍ରହ 'ଫେୟାରି ଟେଲ୍ସ ଟୋଲ୍ଡ ଫର୍ ଚିଲଡ୍ରେନ୍' ପ୍ରକାଶିତ ହୋଇଥିଲା । ଦାରିଦ୍ର୍ୟ, ପ୍ରେମ, ବିଶ୍ୱାସଘାତକତା, ଆତ୍ମ-ଆବିଷ୍କାର ଏବଂ ସାମାଜିକ ବ୍ୟଙ୍ଗ ହେଉଛି ତାଙ୍କ କାହାଣୀଗୁଡ଼ିକର ପ୍ରମୁଖ ଭାବବସ୍ତୁ । ତାଙ୍କର 'ଦ ଲିଟଲ୍ ମର୍ମେଡ୍' କାହାଣୀରେ ପ୍ରେମ ଓ ବଳିଦାନର ଚିତ୍ର, 'ଦ ଅଗ୍ଲି ଡକ୍ଲିଙ୍ଗ୍' କାହାଣୀରେ ଆତ୍ମ-ଆବିଷ୍କାର ତଥା ଆତ୍ମସମ୍ମାନର କଥା ଏବଂ 'ଦ ଏମ୍ପରର୍ସ ନ୍ୟୁ କ୍ଲୋଥ୍ସ'ରେ ଅହଂକାର ଏବଂ ସତ୍ୟତାର ବ୍ୟଙ୍ଗାତ୍ମକ ଚିତ୍ରଣ ଅତ୍ୟନ୍ତ ଆକର୍ଷଣୀୟ ଢଙ୍ଗରେ ବର୍ଣ୍ଣିତ । ପୁଣି ସାତ ଭାଗରେ ବିଭକ୍ତ 'ଦ ସ୍ନୋ କ୍ୱିନ୍' କାହାଣୀ ପାଠକଙ୍କୁ ମିତ୍ରତା ଓ ସାହସର ଚିରନ୍ତନ ବାର୍ତ୍ତା ପ୍ରଦାନ କରେ ।

ସେ ଜଣେ ଦରଦୀ ଲେଖକ ଥିଲେ । ଜୀବନର କଠୋର ସତ୍ୟକୁ ଦର୍ଶାଉଥିବା ତାଙ୍କର କାହାଣୀଗୁଡ଼ିକ ସୁଖାନ୍ତକ ନୁହେଁ । କବିତ୍ୱପୂର୍ଣ୍ଣ ଶୈଳୀରେ ରଚିତ ଅଧିକାଂଶ କାହାଣୀ ଦୁଃଖଦ ଅନ୍ତରେ ପାଠକଙ୍କୁ ଆର୍ଦ୍ର କରେ । ଦେଖିବାକୁ ଗଲେ ଦାରିଦ୍ର୍ୟ ଓ ଅପମାନରେ ଭରା ନିଜ ଜୀବନର ଅନୁଭବ ତାଙ୍କ ରଚନାକୁ ଅଧିକ ପ୍ରାଣବନ୍ତ ଓ ବାସ୍ତବବାଦୀ କରିଅଛି ।

'ଦ ଲିଟିଲ୍ ମର୍ମେଡ୍' ହେଉଛି ତାଙ୍କର ଏକ ଲୋକପ୍ରିୟ କାହାଣୀ । କାହାଣୀ ଅନୁସାରେ ଛୋଟ ଜଳପରୀଟିଏ ଭଲପାଇ ବସେ ଏକ ମାନବ ରାଜକୁମାରକୁ । ଏଥିରେ ତା'ର ସ୍ୱର ନଷ୍ଟ ହୋଇଯାଏ, ତଥାପି ସେ ପ୍ରେମରେ ପଛଘୁଞ୍ଚା ଦିଏନି । ଏପଟେ ରାଜକୁମାର ତାକୁ ଆଦୌ ପସନ୍ଦ କରେ ନାହିଁ । ତେଣୁ ସେ ଆଉ ଜଣେ ରାଜକୁମାରୀ ସହ ବିବାହ ବନ୍ଧନରେ ବାନ୍ଧିହୁଏ । ଜଳପରୀ ପାଖରେ ରାଜକୁମାରକୁ ମାରି ନିଜର ପୂର୍ବ ଜୀବନ ଫେରି ପାଇବାର ସୁଯୋଗ ଥିବା ସତ୍ତ୍ୱେ ସେ ମାରିପାରେ ନାହିଁ । ମୃତ୍ୟୁକୁ ଆଦରି ନେଇ ସେ ସମୁଦ୍ର ଫେଣରେ ମିଳେଇ ଯାଏ । ଆଣ୍ଡରସନ୍ ବ୍ୟକ୍ତିଗତ ଜୀବନରେ ଯେଉଁ ଅପୂର୍ଣ୍ଣ ପ୍ରେମ, ତ୍ୟାଗ ତଥା ମରଣପ୍ରାୟ-ବିରହ ଭୋଗିଥିଲେ, ତାହା ଏହି ଗଳ୍ପରେ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି ।

'ଦ ଲିଟିଲ୍ ମ୍ୟାଚ୍ ଗାର୍ଲ'ର କାହାଣୀ ଦାରିଦ୍ର୍ୟ ତଥା ଗରିବ ପ୍ରତି ସମାଜର ଉପେକ୍ଷାକୁ ଉଜାଗର କରେ । ନୂତନ ବର୍ଷର ଏକ ଶୀତରାତିରେ ଗରିବ ଝିଅଟିଏ ମାଚିସ୍ ବିକୁ ଥାଏ; କିନ୍ତୁ କେହି ବି ତା'ର ମାଚିସ୍ କିଣୁ ନଥାନ୍ତି । ଶୀତ ଦାଉରୁ ରକ୍ଷା ପାଇବା ପାଇଁ ସେ ଗୋଟେ ପରେ ଗୋଟେ ମାଚିସ୍ ଜାଳିବା ଆରମ୍ଭ କରେ । ପ୍ରତ୍ୟେକ ଜଳନ୍ତା ଶିଖା ସହ ସେ ସ୍ୱପ୍ନ ଦେଖେ ଗରମ ଗରମ ଭୋଜନ, ସୁନ୍ଦର କ୍ରିସ୍‌ମାସ୍ ଟ୍ରି ଓ ତା'ର ମୃତ ଜେଜେମାଙ୍କ ସମ୍ପର୍କରେ । ଶେଷ ମାଚିସ୍ ବେଳକୁ ତା'ର ଜେଜେମା ଆସି ତାକୁ ସ୍ୱର୍ଗକୁ ନେଇଯାନ୍ତି । ପରଦିନ ଲୋକମାନେ ପାଆନ୍ତି ସେ ଝିଅଟିର ମୃତ ଶରୀର । ଥଣ୍ଡା ଓ ଭୋକରେ ଝିଅଟି ଆରପାରିକୁ ଚାଲିଯିବା ପରେ ବି ତା' ମୁହଁରେ ଲାଖିରହିଥାଏ ହସଟିଏ । ବାସ୍ତବରେ ନିରୀହ ଶିଶୁକନ୍ୟାର ମୃତ୍ୟୁ ସତେ ଯେମିତି ସମାଜର ଉଦାସୀନତା ଉପରେ ଏକ ତୀର୍ଯ୍ୟକ୍ ବ୍ୟଙ୍ଗ । ଏହାର କାରୁଣ୍ୟରେ ପାଠକ ବିମୋହିତ ହେବା ସ୍ୱାଭାବିକ ।

ସେହିପରି 'ଦ ଷ୍ଟେଡଫାଷ୍ଟ ଟିନ୍ ସୋଲଜର୍' କାହାଣୀରେ ଗୋଟିଏ ଗୋଡ଼ ଥିବା ସୈନିକଟିଏ ପ୍ରେମ କରେ ଏକ କାଗଜ-ନର୍ତ୍ତକୀ(ବେଲେରିନା)କୁ । ଘଟଣାକ୍ରମେ ଦୁର୍ଭାଗ୍ୟକୁ ସୈନିକଟି ଚିମିନି ନିଆଁରେ ପଡ଼ି ଜଳି ଯାଇ ମୃତ୍ୟୁବରଣ କରେ । ଏପଟେ ନର୍ତ୍ତକୀ ମଧ୍ୟ ପବନର ପ୍ରବାହରେ ଉଡ଼ିଯାଇ ସେହି ନିଆଁରେ ପଡ଼ି ଜଳିଯାଏ । ଶେଷରେ ରହିଯାଏ କେବଳ ଟିଣର ଏକ ଛୋଟ ହୃଦୟ ଓ ଜଳିସାରିଥିବା କଳା ଗୋଲାପର ଏକ ଆକୃତି । ପ୍ରେମ ଏଠି ଅସଫଳ । ତେଣୁ ଏକ କ୍ରୂର ବିୟୋଗାତ୍ମକ ପରିଣତିରେ ସରୁଛି ଏ କାହାଣୀ ।

'ଦ ଅଗ୍ଲି ଡକଲିଙ୍ଗ' କାହାଣୀ ସେତେ ଦୁଃଖାନ୍ତକ ନ ହେଲେ ବି ଅବହେଳା, ତିରସ୍କାର ଓ ଏକାକୀତ୍ୱର ଭାବ ଏଥିରେ ବିଦ୍ୟମାନ । ଏହା ମଧ୍ୟ ଊଣା ଅଧିକେ ବିରହାତ୍ମକ ଓ ଦୁଃଖପ୍ରଧାନ । ଏହିପରି ଆଣ୍ଡରସନ୍‌ଙ୍କ ଅଧିକାଂଶ କାହାଣୀ କେବଳ ମନୋରଞ୍ଜନ ପାଇଁ ଲେଖା ଯାଇନାହିଁ; ବରଂ ଜୀବନର କଠୋର ସତ୍ୟକୁ ସେ କଳ୍ପନାର ପୁଟ ଦେଇ ଅତି ଜୀବନ୍ତ ଭାବରେ ପାଠକ ପାଖରେ ପହଞ୍ଚାଇଛନ୍ତି । ଆଜି ମଧ୍ୟ ଏହି କାହାଣୀଗୁଡ଼ିକ ନୂଆ ପିଢ଼ିଙ୍କୁ ପ୍ରେରଣା ଦିଏ । ତେଣୁ ହାନ୍‌ସ କ୍ରିଷ୍ଟିଆନ୍ ଆଣ୍ଡରସନ୍ ବିଶ୍ୱ ସାହିତ୍ୟର ଏକ ଉଜ୍ଜ୍ୱଳ ନକ୍ଷତ୍ର ଭାବେ ଚିରକାଳ ଜୀବନ୍ତ ହୋଇ ରହିବେ । ■

ବରପାଲି ମହାବିଦ୍ୟାଳୟ
ବରପାଲି, ବରଗଡ଼

## ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ଅଭିଭାବକମାନେ ପିଲାଙ୍କ ଉପରେ ଭରସା କରନ୍ତୁ




**ଭୁବନେଶ୍ୱର, ୨୭ ।୧୨(ସମିସ):** ଛୋଟ ଛୋଟ ଛୁଆମାନେ ସାନ ହେଲେ ବି ସେମାନଙ୍କଠାରୁ ବହୁତ କିଛି ଶିଖିବାକୁ ମିଳିଥାଏ। ଶ୍ରେଣୀରେ ପ୍ରଥମ ହେବା ଜରୁରୀ ନୁହେଁ; ସବୁ କ୍ଷେତ୍ରରେ ଭାଗ ନେବା ଜରୁରୀ। ଅଭିଭାବକମାନେ ସେମାନଙ୍କ ପିଲା ଉପରେ ଭରସା କରନ୍ତୁ। ପରିବାର ହେଉ ଅବା ପାଠଶାଳା, ଏହିଠାରୁ ଯେଉଁ ଶିକ୍ଷା ଆମେ ପାଇଥାଉ, ଏହାକୁ ଜୀବନ ମାର୍ଗରେ କାମରେ ଲଗାଇବା, ତେବେ ସମାଜରେ ଏହି ସବୁଥିରୁ ମିଳିଥିବା ସଂସ୍କାର ଓ ଶୃଙ୍ଖଳାର ଉଚିତ୍ ମୂଲ୍ୟ ରହିବ ବୋଲି ଶନିବାର ଭିଏସ୍ଏସ୍ ନଗରସ୍ଥିତ ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକୋତ୍ସବରେ ଯୋଗଦେଇ ଅତିଥିମାନେ ଏହି ମତବ୍ୟକ୍ତ କରିଥିଲେ।

ଏହି ବାର୍ଷିକୋତ୍ସବ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। କ୍ରିୟା ଯୋଗ ଆଧାରିତ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜଙ୍କ ଆଶୀର୍ବାଦରେ ଅନୁଷ୍ଠିତ ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥିଭାବେ ବାଣିଜ୍ୟ, ପରିବହନ ଓ ଇସ୍ପାତ ଏବଂ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ପିଲାମାନଙ୍କୁ ସାମଗ୍ରିକ ଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ଯଶସ୍ୱୀ ହେବା ପାଇଁ ଆହ୍ୱାନ ଦେଇଥିଲେ।

ସମ୍ମାନିତ ଅତିଥିଭାବେ ବିଶିଷ୍ଟ କବି ତଥା ସୋଆ ବିଶ୍ୱବିଦ୍ୟାଳୟ 'ପ୍ରାଚୀନ' ମୁଖ୍ୟ ପ୍ରଫେସର ଡ. ଗାୟତ୍ରୀବାଳା ପଣ୍ଡା ଯୋଗଦେଇ ଶିଶୁ ଓ ଅଭିଭାବକ ମଧ୍ୟରେ ସୁସମ୍ପର୍କ ରହିଲେ ପିଲାମାନେ ଆଗକୁ ବଢ଼ିପାରିବା ସହ ଛୋଟ ପିଲାମାନଙ୍କୁ ମୋବାଇଲଠାରୁ ଦୂରରେ ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀର ଉପସ୍ଥିତ ରହିଥିଲେ।

ସେହିପରି ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପ୍ରସ୍ତର ଶିଳ୍ପୀ ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ, ସମ୍ମାନିତ ଅତିଥି ରୂପେ ରମାଦେବୀ ମହିଳା ମହାବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଛାତ୍ରଛାତ୍ରୀମାନଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ଶୋଭାକର ଦାସ ଫତେସିଂହ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାକ୍ଷେତ୍ରରେ ପାରଦର୍ଶିତା ହେବାପାଇଁ ଆଶୀର୍ବଚନ ରଖିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଅଲେଖ ଚରଣ ନାୟକ ସ୍ୱାଗତ ଭାଷଣ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ ଏବଂ ବାର୍ଷିକ ବିବରଣୀ ପାଠ କରିଥିଲେ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ବିଜ୍ଞାନ, କଳା ଓ ବାଣିଜ୍ୟ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଘ୍ନଜିତ ନାୟକ ଚଳିତ ବର୍ଷର ଶ୍ରେଷ୍ଠ ଛାତ୍ର ଭାବେ ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟ ପରି.ଳନା ସମିତିର ସଂପାଦିକା ପ୍ରୀତିନନ୍ଦା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କିଷୁଚାନ୍ଦ ପୃଷ୍ଟି, ଶିକ୍ଷୟିତ୍ରୀ ଏନ୍.ପ୍ରମିଳା ନାଗରାଣୀ, ବାରିଜା ପଶୁପାଳକ, ରେଶମୀ ସାହା ଓ ପ୍ରତ୍ୟାଶା ମହାନ୍ତି ପ୍ରମୁଖ ମଞ୍ଚ ପରି.ଳନା କରିଥିଲେ। ସାଂସ୍କୃତିକ ମୁଖ୍ୟ ତପସ୍ୱିନୀ ମହାପାତ୍ର ଉତ୍ସବର ସମ୍ପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶିବ ତାଣ୍ଡବ, ରାଜସ୍ଥାନୀ ନୃତ୍ୟ, ରାମାୟଣ, ସମ୍ବଲପୁରୀ ନୃତ୍ୟ, ଅପରେସନ ସିନ୍ଦୂର ଆଦି ସାଂସ୍କୃତିକ ବିଚିତ୍ରା ଚିତ୍ତାକର୍ଷକ ହୋଇଥିଲା। ଶିକ୍ଷୟିତ୍ରୀ ଇନ୍ଦିରା ପଟ୍ଟନାୟକ ଓ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଂସରରେ ଟୁରିଷ୍ଟ ବସ୍ ଦୁର୍ଘଟଣା: ୧୮ ଆହତ

**ସମ୍ବଲପୁର, ୨୭।୧୨(ସମିସ):** ସମ୍ବଲପୁର ଜାତୀୟ ରାଜପଥ ନଂ. ୫୫ର ଯୁଯୋମୁରା ଥାନା କଂସର ନିକଟରେ ଶନିବାର ଭୋର୍‌ରେ ଏକ ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ରେ ଥିବା ସମସ୍ତ ୧୮ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ବୁର୍ଲା ଭିମସାରକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ସାମାନ୍ୟ ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ବେଳେ ୨ଜଣଙ୍କୁ ଭୁବନେଶ୍ୱର ନେଇଯିବାକୁ ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଟୁରିଷ୍ଟ ବସ୍ ନମ୍ବର ଓଡି-୦୨ସିଏଲ୍-୦୮୫୦ ଗୋଟିଏ ପରିବାରର ୧୮ ଜଣ ସମ୍ପର୍କୀୟଙ୍କୁ ନେଇ ସମଲେଶ୍ୱରୀ ଦର୍ଶନ ସକାଶେ ଭୁବନେଶ୍ୱରରୁ ଶୁକ୍ରବାର ରାତି ସମ୍ବଲପୁର ଅଭିମୁଖେ ବାହାରିଥିଲା। ଶନିବାର ଭୋର ପ୍ରାୟ ସାଢ଼େ ୫ଟା ବେଳକୁ ବସ୍‌ଟି ରାସ୍ତାକଡ଼ରେ ଥିବା ଏକ ପୋଲ ଗାଡ୍‌ୱାଲ୍‌କୁ ଧକ୍କାଦେଇ ଗୋଟିଏ କଡ଼କୁ ଝୁଲି ରହିଥିଲା। ଦୁର୍ଘଟଣା ଯୋଗୁଁ ସମସ୍ତ ଯାତ୍ରୀ ଆହତ ହୋଇଥିଲେ। ଖବରପାଇ ଯୁଯୋମୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାରକରି ପ୍ରଥମେ ଯୁଯୋମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ପରାମର୍ଶକ୍ରମେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ବୁର୍ଲା ଭିମସାରକୁ ସ୍ଥାନାନ୍ତରିତ କରାଯାଇଥିଲା। ସାମାନ୍ୟ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବାବେଳେ ଗୁରୁତର ୨ ଜଣଙ୍କୁ ଭୁବନେଶ୍ୱରକୁ ପଠାଯାଇଥିବା ଜଣାପଡ଼ିଛି। ପୁଲିସର ସୂଚନା ଅନୁଯାୟୀ, ବସ୍‌ର ଯାତ୍ରୀମାନେ ହେଲେ- ରୋଜାଲିନ ଭୋଇ, ବିଜୟ ଭୋଇ, ସଂମ୍ୟକ୍ତା ଭୋଇ, ସାଇଲିପ୍ସା ଭୋଇ, ସୌମ୍ୟଶ୍ରୀ ଭୋଇ, ଶାନ୍ତି ଦାସ, ରାଜୁ ଦାସ, ସୁଷମା ଦାସ, ମଞ୍ଜୁ ଦାସ, ବିପ୍ର ଦାସ, ଝୁମ୍‌କି ଦାସ, କୁମାରୀ ଦାସ, ରଶ୍ମି ଦାସ, ଶମ୍ଭୁ ଦାସ, ରଞ୍ଜୁ ଦାସ, ରାଧାରାଣୀ ଦାସ, ପୂଜା ଦାସ ଓ ସନ୍ତୋଷ ଦାସ। ସେମାନେ ସମସ୍ତେ ସମ୍ପର୍କୀୟ ହୋଇଥିବାବେଳେ ପୁରୀ, ଖୋର୍ଦ୍ଧା ଓ ଯାଜପୁରରେ ରହନ୍ତି। ସେମାନଙ୍କ ମଧ୍ୟରେ ସର୍ବକନିଷ୍ଠ ଜଣେ ୩ ବର୍ଷର ଶିଶୁ କନ୍ୟା ରହିଛି।

# ଲୁଟେରା ଶଶୁର-ଜ୍ୱାଇଁ ଗିରଫ | ପିସ୍ତଲ ସହ ଡିକି ଭଙ୍ଗା ସାମଗ୍ରୀ ଜବତ





**ବଲାଙ୍ଗିରି,୨୭ ।୧୨(ସମିସ):** ବଲାଙ୍ଗିର ପୁଲିସ ଲୁଟେରା ଶଶୁର, ଜ୍ୱାଇଁକୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ, ଛତିଶଗଡ଼ ରାୟଗଡ଼ ଜିଲ୍ଲା କପୁ ଥାନା ଅଧୀନ ପନ୍ଦରପାଟ ଗାଁର ପ୍ରମୋଦ ସିଂ(୪୬) ଓ ପ୍ରିତମ ସିଂ (୨୯)। ଉଭୟଙ୍କ ପାଖରୁ ପିସ୍ତଲ, ଡିକି ଭାଙ୍ଗିବା ସାମଗ୍ରୀ ଜବତ ହୋଇଛି। ସେମାନଙ୍କ ଜମା ଖାତାରେ ପ୍ରାୟ ୨୫ ଲକ୍ଷ ଟଙ୍କା ଥିବାବେଳେ ତାକୁ ଅଚଳ କରାଯାଇଥିବା ବଲାଙ୍ଗିର ଏସ୍‌ପି ଅଭିଲାଷ ଜି.ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ସରୋଜ ଉପାଧ୍ୟାୟ, ଟାଉନ ଥାନା ଅଧିକାରୀ ଅବନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଏସପି କହିଛନ୍ତି ଯେ ଗତ ଅଗଷ୍ଟରେ ହୋଇଥିବା ଏକ ଲୁଟ୍ ଘଟଣାର ତଦନ୍ତ କରି ଲୁଟେରା ଶଶୁର ଜ୍ୱାଇଁ ଗ୍ୟାଙ୍ଗକୁ ପୁଲିସ ଧରିଛି। ସେମାନେ କିଭଳି ଲୁଟ୍ କରୁଥିଲେ, ସେନେଇ ସିସିଟିଭି ଫୁଟେଜ ସାମ୍ନାକୁ ଆଣି ଲୋକଙ୍କୁ ସଚେତନ କରିବାକୁ ପୁଲିସ ଉଦ୍ୟମ କରିଛି। ଏହି ଶଶୁର ଜ୍ୱାଇଁ ବଲାଙ୍ଗିର, ଟିଟିଲାଗଡ଼, କଳାହାଣ୍ଡି, ନୂଆପଡ଼ା ଜିଲ୍ଲା ସହ ରାଜ୍ୟ ବାହାରେ ମଧ୍ୟ ଲୁଟ୍ କରିଛନ୍ତି। ଗତ କିଛି ମାସ ହେଲା ବଲାଙ୍ଗିରରେ

**ବୁଲି ବୁଲି କରୁଥିଲେ ଲୁଟ୍**

**ଟାଉନ ଥାନାରେ ୪ ମାମଲା**

**ରାଜ୍ୟ ବାହାରେ ବି ରହିଛି ମାମଲା**

ଲୁଟେରା ଶଶୁର ଜ୍ୱାଇଁ ଗ୍ୟାଙ୍ଗ ମାତିଥିଲେ। ବ୍ୟାଙ୍କ, ଏଟିଏମ୍‌କୁ ଯାଇ ଛକି ବସୁଥିଲେ। ପରେ ଟାର୍ଗେଟ କରି ପିଛା କରୁଥିଲେ। ସୁଯୋଗ ଦେଖି ଡିକି ଭାଙ୍ଗି ଲୁଟ୍ କରୁଥିଲେ।

ବଲାଙ୍ଗିର ଟାଉନ୍ ଥାନାରେ ଅଗଷ୍ଟ ୪ ତାରିଖରେ ଏକ ଲୁଟ୍ ମାମଲା ରୁଜୁ ହୋଇଥିଲା। ସ୍ଥାନୀୟ ଗେଟ୍ ସରୋବରପଡ଼ାର ତରଣୀ ସେନ କୁମ୍ଭାର ବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଉଠାଇ ସ୍କୁଟିରେ ବାହାରିଥିଲେ। ରାସ୍ତାରେ ଏକ ଦୋକାନକୁ ଯାଇଥିଲେ। ଏହି ସମୟରେ ଜଣେ ଯୁବକ ଡିକିରୁ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ଫେରାର ହୋଇଯାଇଥିଲା। ଏନେଇ ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ତଦନ୍ତ ଚାଲିଥିଲା। ମାମଲା ରୁଜୁ ହେବାର ପ୍ରାୟ ସାଢ଼େ ୪ମାସ ପରେ ୨ ଅଭିଯୁକ୍ତଙ୍କୁ ପୁଲିସ ଧରିଛି। ଉଭୟ ବାଇକ୍‌ରେ ବୁଲି ବୁଲି ଏହି ଲୁଟ୍ କରୁଥିଲେ। ଲୁଟ୍ ପରେ ଟଙ୍କାକୁ ବ୍ୟାଙ୍କ ଖାତାରେ ଜମା କରୁଥିଲେ। ଉଭୟ ଟାଉନ ଥାନା କେସ ନଂ ୪୫୪/୨୦୨୫ରେ ୧ଲକ୍ଷ ୨୦ ହଜାର ଟଙ୍କା, ୭୦୫/୨୦୨୫ରେ ୩ ଲକ୍ଷ ଟଙ୍କା ,୧୯୨/୨୦୨୪ରେ ଲକ୍ଷ ଟଙ୍କା, ଟିଟିଲାଗଡ ଥାନା କେସ ନଂ ୪୨୧/୨୦୨୫ରେ ୩ ଲକ୍ଷ ୮୩ ହଜାର ଟଙ୍କା, କଳାହାଣ୍ଡି ଟାଉନ ଥାନା କେସ ନଂ ୨୮୭/୨୦୨୫ରେ ୫ ଲକ୍ଷ ଟଙ୍କା, ଜୁନାଗଡ଼ ଥାନା କେସ ନଂ ୩୯୪/୨୦୨୫ରେ ୩ ଲକ୍ଷ ୫୦ ହଜାର ଟଙ୍କା ଲୁଟ୍ ମାମଲାରେ ସଂପୃକ୍ତ ଥିବା ଜଣାପଡିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବିଶ୍ୱର ସବୁଠାରୁ ଧନୀ...

ଏବଂ ସୁନ୍ଦର ପିଚାଇଙ୍କୁ ଟପି ସେ ବିଶ୍ୱର ସବୁଠାରୁ ଧନୀ ଭାରତୀୟ ବଂଶୋଦ୍ଭବ ସିଇଓ ପାଲଟିଛନ୍ତି। ସତ୍ୟ ନାଡେଲାଙ୍କ ମୋଟ ସମ୍ପତ୍ତି ପ୍ରାୟ ୯,୭୭୦ କୋଟି ଏବଂ ସୁନ୍ଦର ପିଚାଇଙ୍କ ସମ୍ପତ୍ତି ପ୍ରାୟ ୫,୮୧୦ କୋଟି ଟଙ୍କା। ଉଲ୍ଲାଲ ୨୦୦୮ରୁ କମ୍ପ୍ୟୁଟର ନେଟୱାର୍କିଂ କମ୍ପାନୀ ଆରିଷ୍ଟା ନେଟୱାର୍କସର ମୁଖିଆ ରହିଛନ୍ତି।। ଫୋର୍ବସ୍ ରିପୋର୍ଟ ଅନୁଯାୟୀ, ତାଙ୍କ ନେତୃତ୍ୱରେ କମ୍ପାନୀ ୨୦୨୪ରେ ୭ ବିଲିୟନ ଡଲାରର ରାଜସ୍ୱ ହାସଲ କରିଛି। ଏହା ପୂର୍ବ ବର୍ଷ ତୁଳନାରେ ପ୍ରାୟ ୨୦ ପ୍ରତିଶତ ଅଧିକ।

### ୭ ନଦୀରୁ ମାତ୍ରାଧିକ...

ଜଣାପଡ଼ିଥାଏ। ଯଦି ଚୁକ୍ତିଠାରୁ ଅଧିକ ଜଳ ନିଆଯାଏ, ତେବେ ଛଅ ଗୁଣ ଦଣ୍ଡ ସମାନ ଅର୍ଥ ମଧ୍ୟ ଉକ୍ତ ସଂସ୍ଥାଠାରୁ ଅସୁଲ କରାଯିବାର ପ୍ରାବଧାନ ରହିଛି। ଏପରିକି ୨୦୨୧ ମସିହାରେ ଜଳସଂପଦ ବିଭାଗ ସମସ୍ତ ଶିଳ୍ପକୁ ସେନ୍ସର-ଭିତ୍ତିକ 'ଫ୍ଲୋ ମିଟର' ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲା। ଏହା ଦ୍ୱାରା ପ୍ରକୃତ ଜଳ ବ୍ୟବହାର ମାପି ହୋଇପାରିଥାନ୍ତା। ମାତ୍ର ତମାମ୍ ନିର୍ଦ୍ଦେଶ, ଶିଳ୍ପ ସଂସ୍ଥାଙ୍କ ସହ ଚୁକ୍ତି ପରେ ମଧ୍ୟ ଏହି ନିୟମକୁ ସଂସ୍ଥାଗୁଡ଼ିକ ମାନୁନାହାନ୍ତି। ଚୁକ୍ତିନାମାଠାରୁ ସେମାନେ କେଇଗୁଣ ଅଧିକ ଜଳ ଉଠାଇ ନଦୀଗୁଡ଼ିକୁ ଶୋଷି ଚାଲିଛନ୍ତି।

ସରକାରଙ୍କଠାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ରାଜ୍ୟର ୭ଟି ନଦୀ ଅବବାହିକାରୁ ଶିଳ୍ପ ସଂସ୍ଥାମାନଙ୍କୁ ଜଳ ଉଠାଣର ଅନୁମତି ମିଳିଛି। ସେଗୁଡ଼ିକ ହେଲା ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ଇନ୍ଦ୍ରାବତୀ, କୋଲାବ, ନାଗାବଳୀ ଓ ଋଷିକୁଲ୍ୟା। ଏହି ନଦୀ ଅବବାହିକାରୁ କେତେ ପରିମାଣରେ ଜଳ ଉତ୍ତୋଳନ କରାଯିବ ତାହା ଜଳସମ୍ପଦ ବିଭାଗ ସ୍ଥିରୀକୃତ ହୋଇଛି। ତେବେ ପ୍ରାୟ ୧୨୨ଟି ଶିଳ୍ପ ସଂସ୍ଥା ଜଳଉଠାଇବାକୁ ସରକାରଙ୍କ ସହ ଚୁକ୍ତି କରିଥିଲେ ହେଁ, ସେମାନଙ୍କ ମଧ୍ୟରୁ କେତେକ ସଂସ୍ଥା ଆବଶ୍ୟକତାଠାରୁ ଅଧିକ ଜଳ ଉତ୍ତୋଳନ କରୁଥିବା ବିଭାଗର ଦୃଷ୍ଟିଗୋଚର ହୋଇଛି। ଯାହାଫଳରେ ବିଭାଗ ୩୧ଟି ଜଳସମ୍ପଦ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀକୁ ଚିଠି ଲେଖି ସଂପୃକ୍ତ ସଂସ୍ଥାଗୁଡ଼ିକୁ ନୋଟିସ ଜାରି କରିବାକୁ କହିଛି। ଯଦି ସେମାନେ ୩ ମାସ ମଧ୍ୟରେ 'ଫ୍ଲୋ-ମିଟର' ଲଗାଇବାରେ ବିଫଳ ହୁଅନ୍ତି, ତାହେଲେ ସେମାନଙ୍କଠାରୁ ଚୁକ୍ତି ହୋଇଥିବା ଜଳ ବାବଦୀୟ ଅର୍ଥର ୬ ଗୁଣ ଆଦାୟ କରିବାକୁ ବିଭାଗ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛି।

ଶିଳ୍ପ ସଂସ୍ଥାଙ୍କ ଜଳ ଶୋଷଣ ଏଇଠି ସରୁନାହିଁ। ରାଜ୍ୟରେ ପ୍ରାୟ ୫୭ଟି ଶିଳ୍ପ ସଂସ୍ଥା ଉପରେ ୫୮୯୦ କୋଟି ଟଙ୍କାର ଜଳକର ବକେୟା ରହିଥିବା ଜଣାପଡ଼ିଛି। ମାତ୍ର ସରକାର ଏହି ରାଶିକୁ ଆଦାୟ କରିପାରୁ ନାହାନ୍ତି। ଗୋଟିଏ ପଟେ ଛତିଶଗଡ଼ ଉପରମୁଣ୍ଡରେ ବେଆଇନ ନିର୍ମାଣ କରି ଚାଲିଥିବା ବେଳେ ମହାନଦୀ ଅବବାହିକାରେ ଜଳସ୍ତର ଲଗାତାର ଭାବେ ହ୍ରାସ ପାଉଛି। ସେହିପରି ଅନ୍ୟ ନଦୀ ଅବବାହିକାରେ ମଧ୍ୟ କ୍ରମାଗତ ବାବେ ଜଳସ୍ତର ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଉଛି। ସମାନ ସମୟରେ ଶିଳ୍ପ ସଂସ୍ଥାଗୁଡ଼ିକ ମନଇଚ୍ଛା ଜଳଶୋଷଣ କରିବା ଆଗାମୀ ଦିନରେ ଓଡ଼ିଶା ପାଇଁ ବିପଦ ସୃଷ୍ଟି କରିପାରେ। ଏହାଦ୍ୱାରା କୃଷି, ମତ୍ସ୍ୟପାଳନ ସହ ପରିବେଶ ଉପରେ ସର୍ବାଧିକ କୁପ୍ରଭାବ ପଡ଼ିବାରେ ଆଶଙ୍କା ଥିବାରୁ ସରକାର ଏବେଠାରୁ ସମ୍ପୂର୍ଣ୍ଣ ସଜାଗ ହେବାକୁ ବିଶେଷଜ୍ଞ ମହଲ ଦାବି କରିଛନ୍ତି।

### ଜିଡିପି ଅଭିବୃଦ୍ଧି...

ବର୍ଗଙ୍କ ମଧ୍ୟରେ ଚିନ୍ତାର କାରଣ ହୋଇଛି। ଛୋଟ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ କାର୍ଯ୍ୟ ବନ୍ଦ ରହୁଥିବାରୁ ନୂତନ ନିଯୁକ୍ତି ସୁଯୋଗ ସଙ୍କୁଚିତ ହେଉଛି।

ଅପରପକ୍ଷେ ବାଂଲାଦେଶର ବ୍ୟାଙ୍କିଂ କ୍ଷେତ୍ରର ଅବସ୍ଥା ମଧ୍ୟ ଚିନ୍ତାର ବିଷୟ। ବହୁ ସଂଖ୍ୟକ ଋଣ ପୁନରୁଦ୍ଧାର ବାହାରେ। ଏହି ସମସ୍ୟାଗୁଡ଼ିକୁ ଦୀର୍ଘ ସମୟଧରି ଲୁଚାଇ ରଖାଯାଇଥିଲା, ଯାହା ପରିସ୍ଥିତିକୁ ଆହୁରି ଖରାପ କରୁଛି। ବର୍ତ୍ତମାନ, ବ୍ୟାଙ୍କଗୁଡ଼ିକ ନୂତନ ଋଣ ପ୍ରଦାନ କରିବାରେ ସତର୍କ ହୋଇପଡୁଛନ୍ତି, ଯାହା ବ୍ୟବସାୟକୁ ପ୍ରଭାବିତ କରିଛି। ବିକାଶର ମେରୁଦଣ୍ଡ ଭାବରେ ବିବେଚିତ ଦେଶରେ ଘରୋଇ କ୍ଷେତ୍ରର ନିବେଶ ଅତ୍ୟନ୍ତ ମନ୍ଥର ହୋଇଛି। ହେଲେ, ରାଜନୈତିକ ସଙ୍କଟ ସତ୍ତ୍ୱେ କିଛି ବିଦେଶୀ ନିବେଶ ବୃଦ୍ଧି ପାଇଛି। ବିଶେଷକରି ଶକ୍ତି କ୍ଷେତ୍ରରେ ଅନିଶ୍ଚିତତା ନିବେଶକୁ ପ୍ରଭାବିତ କରିଛି। ୨୦୨୬ ପ୍ରାରମ୍ଭରେ ହେବାକୁ ଥିବା ନିର୍ବାଚନ ଆଶା ସୃଷ୍ଟି କରିଛି ଯେ ଏକ ନିର୍ବାଚିତ ସରକାର ଗଠନ ହେବା ସହିତ ପରିସ୍ଥିତିରେ ଉନ୍ନତି ଆସିପାରେ। ବାଂଲାଦେଶର ଯୁବ ଜନସଂଖ୍ୟା ହେଉଛି ଦେଶର ସବୁଠାରୁ ବଡ଼ ଶକ୍ତି, ଏବଂ ସଠିକ୍ ନୀତି ସହିତ, ଏହା ଅର୍ଥନୀତିକୁ ପୁନର୍ଜୀବିତ କରିପାରିବ। ବାଂଲାଦେଶର ଅର୍ଥନୀତି ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇ ନ ଥିବାବେଳେ, ଏହା ଏକ ଦୀର୍ଘକାଳୀନ ସାରଞ୍ଚନିକ ସଙ୍କଟ ଦେଇ ଗତି କରୁଛି। ଏକ ଦୁର୍ବଳ ବ୍ୟାଙ୍କିଙ୍ଗ ବ୍ୟବସ୍ଥା, ବର୍ଦ୍ଧିତ ବେକାରି ଏବଂ ମନ୍ଥର ଅଭିବୃଦ୍ଧି ହାର ଏହି ବାସ୍ତବତାକୁ ସ୍ପଷ୍ଟ କରୁଛି।

### ବିଜେପିର ରାଷ୍ଟ୍ରୀୟ...

ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିବେ। ଫଳରେ ବିଜେପିର ମୁଖ୍ୟ ନିର୍ବାଚନ ଅଧିକାରୀ କେ ଲକ୍ଷ୍ମଣ ଔପଚାରିକ ଭାବେ ନିତିନଙ୍କୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଘୋଷଣା କରିବେ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ନିତିନ ଡିସେମ୍ବର ୧୪ ।।ରେ ବିଜେପିର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ହୋଇଥିଲେ। ୪୫ ବର୍ଷୀୟ ନିତିନ ବିହାରର ବାଙ୍କିପୁରରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ସେ ୨୦୧୦ରୁ ଏହି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଆସୁଛନ୍ତି। ଗତ ବିହାର ବିଧାନସଭା ନିର୍ବାଚନରେ ତାଙ୍କ ସଂଗଠନିକ ଦକ୍ଷତା କେନ୍ଦ୍ରୀୟ ନେତୃତ୍ୱକୁ ବେଶ୍ ପ୍ରଭାବିତ କରିଥିଲା।

### କଂଗ୍ରେସର ଅଡୁଆ...

ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛି। ବିଜେପି ମୁଖପାତ୍ର କେଶବନ କହିଛନ୍ତି ଯେ ଗାନ୍ଧୀ ପରିବାର କଂଗ୍ରେସରେ କିପରି ଏକପାଖିଆ ରାଜୁତି ଚଳାଇଛନ୍ତି, ଏହା ହେଉଛି ତାର ପ୍ରମାଣ।

ଦିଗବିଜୟ ସିଂହଙ୍କ ଏହି ପୋଷ୍ଟକୁ ନେଇ କଂଗ୍ରେସ ନେତାମାନେ ମୁହଁ ଖୋଲୁ ନାହାନ୍ତି। ତେବେ ଆଜି ଚାଲିଥିବା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଦିଗବିଜୟ ସଂଗଠନ ବିଷୟରେ କିଛି କହିବାକୁ ଚାହିଁଥିଲେ। କିନ୍ତୁ ପାଖରେ ବସିଥିବା ଅନ୍ୟ ନେତାମାନେ ତାଙ୍କୁ ଚୁପ ହୋଇ ବସିବାକୁ କହିଥିଲେ। ଏହାସତ୍ତ୍ୱେ ସେ ସାଂଗଠନିକ କଥା ଉଠାଇଥିଲେ। ସେ କହିଥିଲେ ଯେ ବିଜେପିକୁ ହରାଇବାକୁ ହେଲେ କଂଗ୍ରେସ ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରିବାକୁ ହେବ। ତେବେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ତାଙ୍କୁ ଏଥିରୁ ବାରଣ କରିଥିଲେ। ସେ କହିଥିଲେ ଯେ ମନରେଗା ଛଡ଼ା ଆଜିର ବୈଠକରେ ଅନ୍ୟ କୌଣସି ପ୍ରସଙ୍ଗରେ ଆଲୋଚନା ହେବନାହିଁ। ବୈଠକରେ ଅନ୍ୟ ନେତାମାନେ ଅଛନ୍ତି। ସେମାନେ ମନରେଗା ଉପରେ ମତାମତ ଦେବାକୁ ଚାହୁଁଛନ୍ତି। ତେଣୁ ଦିଗବିଜୟଙ୍କୁ ଆଉ କିଛି କହିବାକୁ ଦେଇନଥିଲେ। ଏହାସତ୍ତ୍ୱେ ସେ ବାରମ୍ବାର ସଂଗଠନ କଥା ଉଠାଇବାକୁ ଉଦ୍ୟମ କରୁଥିଲେ। କିନ୍ତୁ ଅନ୍ୟ ନେତାମାନେ ତାଙ୍କୁ ଚୁପ ରହିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ତାଙ୍କର ଏଭଳି ଆଚରଣ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା।

ତେବେ ବୈଠକ ପରେ ସଫେଇ ଦେଇ ଦିଗବିଜୟ ସିଂହ କହିଥିଲେ ଯେ ସେ ଏବେ ବି ବିଜେପି ଏବଂ ଆରଏସଏସକୁ ଦୃଢ଼ ବିରୋଧ କରୁଛନ୍ତି। ଆରଏସଏସ ଆଦର୍ଶର ସେ ଘୋର ବିରୋଧୀ। ଏହି ସଂଗଠନ କେ ।।ବେହେଲେ ସମ୍ବିଧାନକୁ ସମ୍ମାନ ଦିଏନାହିଁ। ସେ କେବଳ ଆରଏସଏସର ସାଂଗଠନିକ ଦକ୍ଷତାର ପ୍ରଶଂସା କରିଛନ୍ତି। ଏହାକୁ ଭିନ୍ନ ଅର୍ଥରେ ନେବା ଉଚିତ ନୁହେଁ ବୋଲି ସେ କହିଥିଲେ।

### ସଶକ୍ତ ସଂଗଠନ ପାଇଁ...

ଆଣିବା ସହ ଆଗାମୀ ଦିନରେ ବିଜେଡିକୁ ପୁଣିଥରେ କ୍ଷମତାକୁ ଫେରାଇ ଆଣିବାକୁ ଦଳର କର୍ମକର୍ତ୍ତା ସମ୍ପୂର୍ଣ୍ଣ ନିଷ୍ଠାର ସହ କାମ କରିବାକୁ ଆହ୍ୱାନ ଦେଇଥିଲେ ନବୀନ। ଲକ୍ଷ ଲକ୍ଷ କର୍ମୀ ଭାଇଭଉଣୀମାନଙ୍କ କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ଉପରେ ତାଙ୍କର ଗଭୀର ବିଶ୍ୱାସ ରହିଛି, ତେଣୁ ବର୍ତ୍ତମାନର ଆହ୍ୱାନକୁ ଭବିଷ୍ୟତ ପାଇଁ ସୁଯୋଗରେ ରୂପାନ୍ତରିତ କରି ଏକ ସଶକ୍ତ ଓଡିଶା ଗଠନ ଦିଗରେ ବ୍ରତୀ ହେବାକୁ ନବୀନ ପରାମର୍ଶ ଦେଇଥିଲେ। ଏଥିପାଇଁ ତୃଣମୂଳ ସ୍ତରରେ ଏକ ସଶକ୍ତ ସଂଗଠନର ଆବଶ୍ୟକତା ଥିବାବେଳେ ମାତ୍ର ୨୪ ଘଣ୍ଟାରେ ନବୀନ ତୃଣମୂଳ ସଂଗଠନକୁ ସଜାଡ଼ିବାକୁ ପଦକ୍ଷେପ ଆରମ୍ଭ କରିଛନ୍ତି।

ରାଜନୈତିକ ବିଶ୍ଳେଷକଙ୍କ ମତ ଅନୁଯାୟୀ, ଆଗାମୀ ଦିନରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ହାତରେ ଦେଢ଼ ବର୍ଷରୁ କମ୍ ସମୟ ରହିଛି। ରାଜ୍ୟ ସରାକାରଙ୍କ ଶାସନ ପ୍ରଣାଳୀ ତଥା ବିଭିନ୍ନ ନୀତିକୁ ନେଇ ଗାଁ ଗହଳିରେ ଜନଅସନ୍ତୋଷ ଦାନା ବାନ୍ଧିଲାଣି। ତେଣୁ ରାଜ୍ୟ ସରକାରଙ୍କ ବିରୋଧରେ ଏକ ମାହୋଲ ସୃଷ୍ଟି କରିବା ସହ ଏକ ଆଞ୍ଚଳିକ ଦଳ ଭାବେ କେବଳ ବିଜେଡି ଯେ ରାଜ୍ୟବାସୀଙ୍କୁ ପ୍ରକୃଷ୍ଟ ଶାସନ ଦେଇପାରିବ, ତାହା ପ୍ରମାଣିତ କରିବାକୁ ଦଳ ପାଖରେ ବଡ଼ ସୁଯୋଗ ରହିଛି। ଏହାକୁ ବାସ୍ତବରେ ପରିଣତ କରିବାକୁ ତୃଣମୂଳ ସ୍ତରରେ ଏକ ସଶକ୍ତ ଏବଂ ସଂଗଠିତ ସଂଗଠନର ଆବଶ୍ୟକତା ଥିବାବେଳେ ନବୀନ ଏଥିପାଇଁ ତ୍ୱରିତ୍ ଢଙ୍ଗରେ ଜିଲ୍ଲା କମିଟି ଗଠନ ଉପରେ ଗୁରୁତ୍ୱ ଦେଇଛନ୍ତି। ସମସ୍ତ ଜିଲ୍ଲାରେ କମିଟି ଗଠନ ପରେ ଖୁବ୍‌ଶୀଘ୍ର ବ୍ଲକ ଏବଂ ପଞ୍ଚାୟତସ୍ତରୀୟ କମିଟି ମଧ୍ୟ ପୁନର୍ଗଠନ କରାଯିବ ବୋଲି ଜଣାପଡ଼ିଛି। କେବଳ କମିଟି ପୁନର୍ଗଠନ ନୁହେଁ; ଦଳକୁ କ୍ରିୟାଶୀଳ କରିବା ପାଇଁ ନିୟମିତ ବ୍ୟବଧାନରେ ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମ କରାଯିବବୋଲି ଦଳର ବିଶ୍ୱସ୍ତ ମହଲରୁ ଜଣାପଡ଼ିଛି।

### ଦୋକାନ ସହ ଦୋକାନୀଙ୍କୁ...

ଅବରୋଧ କରିଥିଲେ। ପରେ କୁଦାନଗରୀ ଥାନା ଘେରଉ କରି ଦୋଷୀଙ୍କୁ ତୁରନ୍ତ ଗିରଫ ଦାବି କରିଥିଲେ। ଅନ୍ୟପଟେ ପୁଲିସ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚିବାରୁ ଲୋକଙ୍କ ମଧ୍ୟରେ ଚରମ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ କୁଦାନଗରୀ ଓ ପାଟକୁରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ମୃତ ସୁବାସଙ୍କ ପୁଅ ଓମ୍ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ବାହାର ପଟୁ ଦୋକାନ କବାଟ ବନ୍ଦ କରି ନିଆଁ ଲଗାଯାଇ ବାପାଙ୍କୁ ହତ୍ୟା କରାଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇଛି। ସମସ୍ତ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ ଚାଲିଥିବା କୁଦାନଗରୀ ଥାନାଧିକାରୀ ଅରବିନ୍ଦ ଶରଣ ମହାନ୍ତି କହିଛନ୍ତି।


**AFFIDAVIT**

By virtue of an Affidavit before Notary Public, Malkangiri, **I, Madhab Dura**, aged about 32 years, S/o.: Laichan Dura resident of Village: Katameta, PO.: Bhejaguda, P.S./Dist.: Malkangiri, Odisha, declare by this Affidavit No.: 807/25, Dated: 03.07.2025 that I have changed my name & my father's name from Madhab Dora, S/o.: Laichan Dora to **Madhab Dura, S/o.: Laichan Dura.** Henceforth I shall be known as **Madhab Dura, S/o.: Laichan Dura** for all future purposes.

**AFFIDAVIT**

I, Jayantilal Somaji Patel, S/o- Somji Jivraj Patel, R/O - H No. 5-5-39/2/2, Patel Hardware Ajab Nagar, Jalna Road, Kranti Chowk, Aurangabad, Po- Aurangabad (MH), Ps- Mukundwadi, Dist- Aurangabad, Maharashtra, Pin- 431005, declare by this affidavit No- 2386, dtd- 23/12/2025 that now onwards I shall be known as **JAYANTILAL SOMJI PATEL** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bargarh, vide no.1325 dated 21.11.2025, I Pushparaj Deheri, S/o- Barun Deheri resident of At- Badmal, Po.- Dunguri, Ps./ Tah.- Ambhabhona, Dist.- Bargarh, Pin- 768052 state that, I have changed my name from **Pushpak Deheri to Pushparaj Deheri**. Henceforth I shall be knoen as **Pushparaj Deheri** for all future purposes.

**AFFIDAVIT**

I, Vimla Jayantilal Patel, D/O- Manilal Khinji Patel, R/O - H No. 5-5-39/2/2, Patel Hardware, Ajab Nagar, Jalna Road, Kranti Chowk, Aurangabad, Po- Aurangabad (MH), Ps- Mukundwadi, Dist- Aurangabad, Maharashtra, Pin- 431005, declare by this affidavit No- 2385, dtd- 23/12/2025 that now onwards I shall be known as **VIMALABEN JAYANTILAL PATEL** for all future purposes.

**AFFIDAVIT**

I SRINIVASU RAO, S/o JAMI SURYA RAO resident of At - Bhupathi Street, Po/Ps - Jeypore, DT- Koraput - 764001, Odisha declare by this Affidavit No.2961 Dated - 24/12/2025, that now onwards I shall be known as JAMI SRINUVASU RAO For all future purpose.

**AFFIDAVIT**

I, Gautami Jayantilal Patel, D/o- Jayantilal Somaji Patel, R/O - Flat No- 301, Royal Residency, Forest Park, Bhubaneswar, Po- Ashok Nagar, Ps-Capital, Dist- Khordha, Odisha, Pin- 751009 declare by this affidavit No- 2387, dtd- 23/12/2025 that now onwards I shall be known as **GAUTAMI PATEL** for all future purposes.

**AFFIDAVIT**

I MONORAMA PUJARI, W/o Mono Mohan Pujari, resident of At- Bikram Nagar, Po/Ps- Jeypore, Dist- Koraput - 764001, Odisha declare by this Affidavit No.5553 Dated - 25/12/2025, that now onwards I shall be known as MANORAMA PUJARI For all future purpose.

**AFFIDAVIT**

By virtue of an affidavit sworn before Executive Magistrate Bhubaneswar dated 20-12-2025 (CF No-89). I PRAKASH KUMAR PATRA, S/o- Akuli Charan Patra on behalf of my (minor) son AURNOV ROSAN PATRA (old name) Resident of LC124/23, Sailashree Vihar, Ps.- Chandrasrkharpur, Bhubaneswar, Khordha, Pin- 751024 declare that, I have changed my son's name from **AURNOV ROSAN PATRA** to **ARNAV ROSHAN PATRA.** Henceforth my son shall be known as **ARNAV ROSHAN PATRA** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, Dist: Khordha dated 21.11.2025, I, Ganga Biswas, W/o- Bhaba Ranjan Biswas, At- Gobardhan Colony, Bhusandpur Sasan, District - Khordha, Pin-752021, Odisha declare that I have changed my daughter's name from Sidhi Biswas to Shriti Biswas. Henceforth, she shall be known as **Shriti Biswas** for all purposes.

**Ganga Biswas**

**OFFICE OF THE PRINCIPAL**
**Eklavya Model Residential School, Nuapada**
(A unit of NESTS) Ministry of Tribal Affairs Govt. of India
(Affiliated to CBSE, Delhi, Affiliation No. 1520009 & School No. 17097)
At – Sakhatara, Po – Maulibhatta, Ps – Nuapada, Dist – Nuapada, 766105 (Odisha)
Email id: emrs.nuapada@gmail.com

Letter No.: EMRS/NPD/OFF/523/2025-26 Date: 27.12.2025

**WALK-IN-INTERVIEW**

A Walk-in-Interview for the Guest Faculties will be conducted at 11.00 AM on 6th January 2026 for Eklavya Model Residential School, Nuapada, in the Office of the Principal, EMRS Nuapada. Eligible candidates having the requisite qualification as mentioned below may appear walk-in-interview with their Biodata along with a set of self-attested photo copies of mark sheet and experience certificate (if any) and one passport sized photograph at EMRS Nuapada. For further details visit Nuapada District Website- http://www.nuapada.odisha.gov.in. This engagement is purely need based, part time & temporary.

| SL NO | Discipline | Essential Qualification | Interview Date & Time | Remuneration |
|---|---|---|---|---|
| 1 | PGT Biology (Guest Faculty ) for EMRS Nuapada | 1. MSC in Biology /Zoology / Botany or any specialization in Biology/ zoology / Botany. Provided the candidates has studied Biology/ Zoology / Botany at graduation level with 50% marks in concerned subject and B.Ed from NCTE recognized institute / University 2. Proficiency in Hindi & English 3. Computer Knowledge | Date - 06.01.2026 from 11 AM onwards Place - EMRS Nuapada | With Qualifications as per RR of NESTS Rs. 35,000/- & Without Qualification as per RR of NESTS Rs. 31,000/-) |
| 2 | TGT Hindi (Guest Faculty ) for EMRS Nuapada | 1. Bachelor / Honours degree from a recognized university with at least 50 % marks in concerned subject , combination of subjects and in aggregate with B.Ed degree from NCTE recognized institute / University with at least 50% marks 2. Qualified in CTET - (Paper- II) 3. Computer Knowledge | Date - 06.01.2026 from 11 AM onwards Place - EMRS Nuapada | With Qualifications as per RR of NESTS Rs. 33,000/- & Without Qualification as per RR of NESTS Rs. 29,000/-) |

1. No TA / DA will be paid for attending the interview.
2. Authorities reserve the right to cancel / modify / postpone the Walk-in-Interview without assigning any reason thereof.

SD/- Principal, EMRS, Nuapada

### ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦ୍‌ଘାଟିତ

# ଘୁମୁରା ଲୋଗୋ, ପୋଷ୍ଟର ଉନ୍ମୋଚିତ

ଭବାନୀପାଟଣା, ୨୭ ।୧୨(ସମିସ)



କଳାହାଣ୍ଡି ଜିଲ୍ଲାର କଳା, ସଂସ୍କୃତି, ସାହିତ୍ୟ, ଲୁକାୟିତ ପ୍ରତିଭା, ଭାଇଚାରା ସମ୍ପର୍କର ବାର୍ତ୍ତାବହ କଳାହାଣ୍ଡି ଉତ୍ସବ 'ଘୁମୁରା'୨୦୨୬ ପ୍ରତି ବର୍ଷ ଭଳି ଆସନ୍ତା ଜାନୁଆରୀ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବ। ସେହିପରି ୧୫ ରୁ ୧୭ ଧର୍ମଗଡ଼ ପଞ୍ଚାୟତ ପଡ଼ିଆରେ ମହାସମାରୋହରେ ଅନୁଷ୍ଠିତ ହେବ। ଏହି ଅବସରରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦଘାଟନୀ ଉତ୍ସବ ଶନିବାର ଭବାନୀପାଟଣା ବ୍ଲକର କାମଠଣା ପଞ୍ଚାୟତ ପକ୍ଷରୁ ସ୍ଥାନୀୟ ଦୁର୍ଗାମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ର ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ି, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ି, ବିଡିଓ ଚନ୍ଦନ କୁମାର ଭୋଇ, ସ୍ଥାନୀୟ ସରପଞ୍ଚ ଲୋକନାଥ ଦୁର୍ଗା, ଜିଲ୍ଲା ଯୁବ ଅଧିକାରୀ (ମାଇ ଭାରତ) ପ୍ରସନ୍ନ ମେହେର, ଉତ୍ସବ ପ୍ରସାର ପ୍ରଚାର କମିଟିର ଅଧ୍ୟକ୍ଷ ଶାନ୍ତନୁ କୁମାର ବେହେରା, କମିଟି ର କନଭେନର ହରଜିନ୍ଦର ସିଂ, ସଦସ୍ୟ ସ୍ୱାଧୀନ ପାତ୍ର, ଦେବେନ୍ଦ୍ର ବିଶି, ପ୍ରଦୀପ ଦାସ, ଭବାନୀ ନିଆଲ ପ୍ରମୁଖ ଯୋଗଦେଇଥିଲେ। ପରେ ଅତିଥିଙ୍କ ଦ୍ୱାରା ଘୁମୁରା ଲୋଗୋ ଓ ପୋଷ୍ଟର ଉନ୍ମୋଚନ ହୋଇଥିଲା। ମୁଖ୍ୟ ଅତିଥି ସାଂସଦ ଦେବୀ କଳାହାଣ୍ଡିର କଳା ସଂସ୍କୃତି ପରମ୍ପରା ମହାନ୍ ଏହାକୁ ବଞ୍ଚାଇ ରଖିବା ସହିତ, ଲୁକାୟିତ ପ୍ରତିଭାର ବିକାଶ ଦିଗରେ ସମସ୍ତେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲାର କଳା, ସଂସ୍କୃତିର ବିକାଶ ଓ ଭାଇଚାରା ସମ୍ପର୍କର ବାର୍ତ୍ତାବହ କଳାହାଣ୍ଡି ଉତ୍ସବ 'ଘୁମୁରା' ପଞ୍ଚାୟତସ୍ତରରୁ ବ୍ଲକ ଏବଂ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମସ୍ତେ ସହଯୋଗ କରିବା ସହ ଭାଇଚାରା ସମ୍ପର୍କରେ ଯୋଡି ହେବାକୁ ଜିଲ୍ଲାପାଳ ପ୍ରକାଶ ପରାମର୍ଶ ଦେଇଥିଲେ।ଏହି ଅବସରରେ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ଲୋକନାଥ ଦୁର୍ଗା ସ୍ୱାଗତ ଅଭିଭାଷଣ ଦେଇଥିଲା ବେଳେ ବିଡିଓ ଚନ୍ଦନ ଭୋଇ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସବୁ କାର୍ଯ୍ୟକ୍ରମକୁ ଜଗନ୍ନାଥ ତ୍ରିପାଠୀ ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତି ବିଶେଷ ଙ୍କୁ ସମ୍ମାନିତ କରାଯାଇଥିଲା।

## କଳାହାଣ୍ଡି ବିଜେଡିର ଜିଲ୍ଲା କମିଟି ଘୋଷଣା

**ଭବାନୀପାଟଣା, ୨୭ ।୧୨ (ସମିସ):** ବିଜେଡି ପକ୍ଷରୁ ୧୧ ଜିଲ୍ଲା ପାଇଁ ଜିଲ୍ଲା କମିଟି ଘୋଷଣା ହୋଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ କମିଟି ଗଠନ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲା କମିଟିରେ ଉପସଭାପତି ପଦରେ ପ୍ରଦିପ ମୁଣ୍ଡ, ଜିତେନ୍ଦ୍ର ନାରାୟଣ ସିଂଦେଓ, ଗିରିଶ ଚନ୍ଦ୍ର ବେହେରା, ଟିକେଲାଲ ସାହୁ, ଥବିରପ୍ରସାଦ ସାହୁ, ଧର୍ମେନ୍ଦ୍ର ନାଏକ, ବଦ୍ରି ପଟ୍ଟନାୟକ, ଦିଗାମ୍ବର ନାଏକ ସରୋଜ କୁମାର ରାଉତ ପ୍ରମୁଖଙ୍କୁ ମନୋନୀତ କରାଯାଇଥିବାବେଳେ ଜିଲ୍ଲା ସାଧାରଣ ସମ୍ପାଦକ ଭାବରେ ରାଜିବ କୁମାର ଅଗ୍ରୱାଲ, ଦିଲିପ ଠାକୁର, ସଚିଦାନନ୍ଦ ମହାକୁଡ଼, ଯଯାତି କେଶରୀ ନାଏକ, ଦିବ୍ୟସିଂହ ମହାନ୍ତି, ମାଣିକ୍ୟ ଚନ୍ଦ୍ର ନାଏକ, ରୁତୁରାଜ ମାଝୀ, ସୁରେନ୍ଦ୍ର ସାହୁ, ଜୟନ୍ତ କୁମାର ଗଉଡ଼ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ସେହିପରି କୋଷାଧ୍ୟକ୍ଷ ଭାବେ ଆଶୁତୋଷ ପୁରୋହିତ, ସମ୍ପାଦକ ଜଗଦୀଶ ବେନିଆ, ଗୋବିନ୍ଦ ପ୍ରଧାନୀ, ରାମଚନ୍ଦ୍ର ମାଝୀ, ରବୀନ୍ଦ୍ର ମୁଣ୍ଡ ତାରା ଶଙ୍କର ରାୟଗୁରୁ, ପ୍ରଶାନ୍ତ ତିଆରି, ନବୀନ ପଣ୍ଡା, ରାଜେନ୍ଦ୍ର ନାଏକ, ୟୁଫ୍ ମହମ୍ମଦ ଖାନ୍ ଶିଶିର କୁମାର ପରିଡ଼ା, ଗୋପାଳ ସାହୁ, ରାଜେଶ ପ୍ରସାଦ ସାହୁ ପଞ୍ଚାନନ ଦାସ, ହରିଶ୍ଚନ୍ଦ୍ର ବୁଦ୍ଧିଆ, ଲକ୍ଷ୍ମଣ ନିଆଲ, ମଦନ ସାହୁ, ପ୍ରେମ ଘି, ଲବଣୀ ରାଉତ, କ୍ଷିରୋଦ ବାଗ, ବେଣୁ ନାଏକ, ପଞ୍ଚକା ପୋଡ଼, ସଦାନନ୍ଦ ଚନ୍ଦନ, ବୃନ୍ଦାବନ ରାଉତ, ଜୟ ମେହେର, ଭୁବନେଶ୍ୱର ସାହୁ, ଯୁଗଲ କିଶୋର ନାଏକ, ପ୍ରଦିପ କୁମାର ସାହୁ, ଦିନେଶ କୁମାର ପ୍ରଧାନ, ଦିଲିପ କୁମାର ସାହୁ, ରଜନୀକାନ୍ତ ମହାକୁଡ଼, ଭିଶ୍ମ ଚନ୍ଦ୍ର ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଛି।

## ୪୦ ଲିଟର ଖଜୁରୀ ତାଡି ମଦ ଜବତ

**କୋକସରା, ୨୭ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ଅବକାରୀ ଥାନା ପୁଲିସ ପକ୍ଷରୁ ଶୁକ୍ରବାର ଚଢ଼ଉ କରି ଖଜୁରୀତାଡି ମଦ ବିକ୍ରି ଅଭିଯୋଗରେ ବାହାର ରାଜ୍ୟର ଜଣେ ବ୍ୟକ୍ତିକୁ ଗିରଫ କରି କୋର୍ଟ ଚାଲାଣ କରିଛି ।କୋକସରା ଅବକାରୀ ଓଆଇସି ଗୁପ୍ତେଶ୍ୱର ପଟେଲଙ୍କ ନେତୃତ୍ୱରେ କୋକସରା ବ୍ଲକ ଟେମରା ପଞ୍ଚାୟତ ସିର୍ଲିଗୁଡା ଗ୍ରାମରେ ଚଢ଼ଉ ବେଳେ ତେଲେଙ୍ଗାନା ରାଜ୍ୟ ନାଲଗୋଣ୍ଡା ଜିଲ୍ଲା ଆଇଟିପାମୁଲା ଗ୍ରାମର ନିଲମ ରମେଶ (୪୦)କୁ ଅବକାରୀ କର୍ମଚାରୀ ୪୦ ଲିଟର ଖଜୁରୀ ତାଡି ମଦ ସହ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଓଆଇସି ସୂଚନା ଦେଇଛନ୍ତି।

### ମୋ ପୋଖରୀରୁ ଲକ୍ଷପତି ଚାଷୀ ତୋଷ ରଞ୍ଜନ

## ଏକ୍ସପୋଜର ଭିଜିଟରେ ଚାଷୀ



**ନୂଆପଡ଼ା, ୨୭ ।୧୨ (ସମିସ):** ନୂଆପଡ଼ାରେ ରୋଜଗାର ନାହିଁ ବୋଲି ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି ବୋଲି କୁହାଯାଏ। ହେଲେ ଏହାକୁ ଭୁଲ ବୋଲି ପ୍ରମାଣିତ କରି ଦେଖାଇଛନ୍ତି ନୂଆପଡ଼ା ସହରର ଯୁବକ ତୋଷରଞ୍ଜନ ସାହୁ।ପାଠପଢ଼ି ବେରୋଜଗାର ଥିଲେ ବୋଲି ସରକାରୀ ଯୋଜନା ଗୁଡିକର ସଫଳ ରୂପାୟନ କରି ନିଜେ ରୋଜଗାର ପାଇବା ସହ ଅନ୍ୟକୁ ରୋଜଗାର ଦେଇ ବର୍ତ୍ତମାନ ଲକ୍ଷପତି ଚାଷୀ ତାଲିକାଭୁକ୍ତ ହୋଇପାରିଛନ୍ତି। ଏପରିକି ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ଏକ୍ସପୋଜର ଭିଜିଟରେ ଆସି ଯୋଜନା ଗୁଡିକ ସମ୍ପର୍କରେ ଧାରଣା ନେଉଛନ୍ତି। ନୂଆପଡ଼ା ଜିଲ୍ଲା ସଦର ମହକୁମା ଅନ୍ତର୍ଗତ ଏନ୍‌ଏସିର ୭ ନମ୍ବର ୱାର୍ଡ ରେଲୱେ କଲୋନୀରେ ତୋଷ ରଞ୍ଜନଙ୍କ ଘର। ଆଜିକୁ ଚାରି ବର୍ଷ ତଳେ ୨୦୨୧ମସିହାରେ ସରକାରଙ୍କ ସମନ୍ୱିତ କୃଷି ଯୋଜନାରୁ ପ୍ରଥମେ ଉଦ୍ୟାନକୃଷି ବିଭାଗରୁ ଏକ ପୋଖରୀ ଯୋଜନାରୁ ଏକ ପୋଖରୀ ଖନନ କରିଥିଲେ। ପରେ ଛେଳି ଚାଷ, ବତକ ଚାଷ ସହ ବର୍ତମାନ କାମଧେନୁ ଯୋଜନାରୁ ଗୋପାଳନ ଆରମ୍ଭ କରିଛନ୍ତି। ଏଥିରୁ ବାର୍ଷିକ ୫ରୁ ୬ଲକ୍ଷ ଟଙ୍କା ଆୟ କରୁଥିବା ତୋଷ ରଞ୍ଜନ କହିଛନ୍ତି।ଏଥିରେ ୪ଟି ପରିବାରକୁ ରୋଜଗାର ଦେଇଥିବା ବେଳେ ପ୍ରତିଦିନ ସଫଳ ଚାଷୀ ହେତୁ ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ଚାଷ ସମ୍ପର୍କରେ ଆସି ବୁଲି ଦେଖୁଛନ୍ତି। ତୋଷ ଚାଷୀମାନଙ୍କୁ କମ ଜମିରେ କିପରି ସମନ୍ୱିତ କୃଷିରେ ବଭିନ୍ନ ଅର୍ଥକାରୀ ଚାଷ କରିହେବ ସେ ଉପରେ ବିଷଦ ଭାବରେ ଉପସ୍ଥାପନ କରୁଛନ୍ତି। ତୋଷ ରଞ୍ଜନ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

### ବୁଢ଼ାଡଙ୍ଗରେ ଲୋକ ମହୋତ୍ସବ ଉଦ୍‌ଘାଟିତ

## ଢୋଲ ମହୁରୀ ତାଳେ ତାଳେ ଦର୍ଶକ ଝୁମିଲେ

**କେସିଙ୍ଗା, ୨୭ ।୧୨(ସମିସ):** କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ବୁଢାଡଙ୍ଗର ଲୋକ ମହୋତ୍ସବ ଢୋଲ ନିଶାନର ତାଳେ ତାଳେ ଉଦ୍‌ଘାଟିତ ହୋଇଯାଇଛି। ଅନ୍ୟପଟେ ସାଂସ୍କୃତିକ ଶୋଭାଯାତ୍ରାରେ ସାଂସ୍କୃତିକ ଦଳ ମାନଙ୍କର ବିଭିନ୍ନ ବେଶରେ ନାଚ ଗୀତ ସହରକୁ ଉତ୍ସବ ମୁଖରିତ କରିଛି ।ଅନୁଷ୍ଠାନରେ ପୂର୍ବାହ୍ନ ୧୦ ଟାରେ ଉଦ୍‌ଘାଟକ ଭାବରେ ତହସିଲଦାର ପ୍ରଶାନ୍ତି ପ୍ରଧାନ ଯୋଗଦାନ କରି ଉତ୍ସବ ଦ୍ୱାରା ଅଞ୍ଚଳର ସଂସ୍କୃତିର ବିକାଶ ହେଉଛି ବୋଲି କହିଥିଲେ। ପରେ ଅପରାହ୍ନ ୪ଟାରେ ସମ୍ବଲପୁରୀ ସଙ୍ଗୀତ ବିଚିତ୍ରାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି ଉପଲକ୍ଷେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ସନ୍ଧ୍ୟାରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦର୍ବାନ ଯୋଗଦାନ କରି ବୁଢାଡଙ୍ଗର ଲକୋ ମହୋତ୍ସବ ଜିଲ୍ଲାର ସଂସ୍କୃତି ଓ ପରମ୍ପରାକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ଏକ ଅନନ୍ୟ ପ୍ରୟାସ କରୁଛି। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଯୋଗଦାନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଯୋଗଦାନ କରି ଲୋକସଂସ୍କୃତି ଏହି ଅନୁଷ୍ଠାନ ବିଶ୍ୱ ଦରବାରରେ ପହଞ୍ଚାଇ ଜିଲ୍ଲାକୁ ଗର୍ବ ଆଣିଛି। ଅନ୍ୟତମ ଅତିଥି ଭାବରେ କେସିଙ୍ଗା କଲେଜ ଅଧ୍ୟକ୍ଷ ସୁଶାନ୍ତ ପାଢ଼ୀ ଯୋଗଦାନ କରିଥିଲେ। ଅନୁଷ୍ଠାନର ସଭାପତି ସୁଶାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଅକ୍ଷୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ସେବା କ୍ଷେତ୍ରରେ ଡା ଅଶୋକ କୁମାର ମୁଣ୍ଡ ଓ ଶିକ୍ଷା କ୍ଷେତ୍ରରେ ରବି ପଟ୍ଟନାୟକ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କୃତୀ ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।ସାମ୍ବାଦିକ କ୍ଷେତ୍ରରେ ଯଯାତି କେଶରୀ ଦେଓ, ଦୟା ସୁନାନୀ, ତୁମେଶ୍ୱର ସାହୁ, କଳା ଓ ସେବାକ୍ଷେତ୍ରରେ ୧୨ ଜଣଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା ।ପୁରୀର ଗୋଟି ପୁଅ, ଗଂଜାମର ପଶୁ ନୃତ୍ୟ, ସମ୍ବଲପୁରୀ, ବଜାଶାଳ ନୃତ୍ୟ ଦର୍ଶକଙ୍କୁ ବିଳମ୍ବିତ ରାତି ଯାଏ ଝୁମାଇଥିଲେ ।ଜ୍ଞାନେନ୍ଦ୍ର ଭୋଇ ଓ ଦିପ୍ତୀ ସିଂ ମଞ୍ଚ ପରିଚାଳନା କରିଥିଲେ।



## ସେଁପୁର ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

**ଭବାନୀପାଟଣା, ୨୭ ।୧୨(ସମିସ):** ଓଡ଼ିଶାର କଳା ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବା, ମୁକ୍ତ ଆକାଶ ରଙ୍ଗମଞ୍ଚ ସେଁପୁର ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି ।ଉଦ୍‌ଘାଟନ ମହୋତ୍ସବରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିଳାଶ ଦୁର୍ଗା, ନାଏବ ସରପଞ୍ଚ ରୋହିତ ଯୁଆଡଙ୍କ ସମେତ ସଭାପତି ମାନଗୋବିନ୍ଦ ମାଝୀ, ଉପ ସଭାପତି ସୁକାନ୍ତ ମାଝୀ, ଭାଗ୍ୟବାନ ସାହୁ, କିଶୋର ସାହୁ, ଜିତେନ୍ ବାଗ, ମୁଖ୍ୟ ଉପଦେଷ୍ଟା ରାଜେଶ ପ୍ରସାଦ ସାହୁ, ସୁଧାଂଶୁ ଶେଖର ସାହୁ, ବାଳ କ୍ରିଷ୍ଣା ପାରି, ପଙ୍କଜ ବାଗ, ଫଟୁଲାଲ ବାଗ, ବାଞ୍ଛାନିଧି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।ପ୍ରଥମ ଦିବସରେ ଦେବକୀ ବିବାହ, କଂସଙ୍କ ରାଜ୍ୟ ଭିଷେକ ଓ ଦେବକୀ ବାସୁଦେବଙ୍କ କାରାଗାର ପ୍ରେରଣ ମଞ୍ଚସ୍ଥ ହୋଇଥିଲା। ମହାରାଜ କଂସ ଭୂମିକାରେ ଝସକେତନଙ୍କ ଭୂମିକା ଦର୍ଶକଙ୍କ ଶ୍ରଦ୍ଧାଭାଜନ ହୋଇଛି। ଯୁଥ ମାସ କମିଟିର ସମସ୍ତ ସଦସ୍ୟ ତଥା ଗ୍ରାମବାସୀ ସହଯୋଗ କରୁଛନ୍ତି।

### ଶ୍ରୀଗୁରୁ କୃପା ମହୋତ୍ସବ ଦ୍ୱିତୀୟ ଦିବସ

## ବ୍ୟତିକ୍ରମ ଭିତରେ ଗତି କରୁଛି ପାରିବାରିକ ସମ୍ପର୍କ

**ଭବାନୀପାଟଣା, ୨୭ ।୧୨(ସମିସ):** ବାବା ବଳିଆଙ୍କ ମାର୍ଗ ଦର୍ଶନର ଦ୍ୱିତୀୟ ଦିବସରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଆଦର୍ଶ ଓ ମହନୀୟ ଗୁଣ ଓ ଏବଂ ଆଜିର ସାମାଜିକ ଜୀବନ ସମ୍ପର୍କରେ ଉପସ୍ଥାପନା କରିଥିଲେ। ନଷ୍ଟ ହେଉଛି ପରିବାର ଭିତରେ ଆବେଗିକ ଓ ଆନ୍ତରିକ ସମ୍ପର୍କ। ସାମାଜିକ ଓ ବ୍ୟକ୍ତିଗତସ୍ତରରେ ସଦାଚାର, ସମ୍ମାନ ଦେବାରେ ମଧ ଆଜିକାଲି କୁଣ୍ଠାବୋଧ କରୁଥିବା ଲକ୍ଷକରାଯାଉଛି ।ପ୍ରଭୁ ଶ୍ରୀରାମଙ୍କୁ ନୈତିକତା ଓ ଶିଷ୍ଟଚାରର ପ୍ରତୀକ, ସତ୍ୟ ଧର୍ମ ଆଦର୍ଶ ପୁତ୍ରବୋଲି ଯେତେ କହିଲେ ସୁଦ୍ଧା ନିଜକୁ ସଂସ୍କାରିତ ନକରିପାରିଲେ ସବୁ ଅର୍ଥହୀନ ହୋଇଯାଉଛି। ସର୍ବଶ୍ରେଷ୍ଠ ଧନୁର୍ଦ୍ଧର ଶ୍ରୀ ରାମଥିଲେ ଜଣେ ଉତ୍ସର୍ଗକୃତ ସ୍ୱାମୀ। ମାଁ ସୀତାଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଓ ପ୍ରେମ ଅମାପ ଥିଲା। ଗୁରୁ ବାବା ବଳିଆଙ୍କ ମତରେ ପିତାମାତାଙ୍କ ପ୍ରତି ଅନୁଗତ ରହିବ। ମାନବୀୟ ଧର୍ମକୁ ପାଳନ କରିବା। ଜିଜ୍ଞାସା ହେବା, ଈଶ୍ୱରଙ୍କ ଉପରେ ଗଭୀର ବିଶ୍ୱାସ। ସତ୍ୟ ପ୍ରତି ନିଷ୍ଠା ପ୍ରଦର୍ଶନ କରିବା ସହିତ ହିଂସା କ୍ରୋଧ ଓ ଲୋଭଠାରୁ ନିଜକୁ ମୁକ୍ତ ରଖିବାର ସମୟ ଆସିଛି ସତ କିନ୍ତୁ ଠିକ ମାର୍ଗରେ ଠିକଣା ସ୍ଥାନରେ ପାଳନ କରିବା ଜରୁରୀ। ଆଶୀର୍ବାଦ ମହାରାଜ କାର୍ଯ୍ୟକ୍ରମକୁ ଆୟୋଜକ ଗୋଷ୍ଠୀ ତଥା କଳାହାଣ୍ଡି ଜିଲ୍ଲାର ଜଗନ୍ନାଥ ଅନନ୍ତ ବଳିଆ ସେବା ସଂଘ ବାବାଙ୍କ ସେବାରେ ନିଜକୁ ବ୍ରତୀ ରଖିଛନ୍ତି। ସାମ୍ବାଦିକ ତଥା ଆଶୁ କବି ଲଳିତ କାନୁନଗୋ ସମେତ ବିଭିନ୍ନ କ୍ଷେତ୍ରରେ ଥିବା ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଶ୍ରୀଗୁରୁ କୃପା ମହୋତ୍ସବ ୨୦୨୫ର ସମସ୍ତ କାର୍ଯ୍ୟକ୍ରମକୁ ଶିଶୁ ଅନନ୍ତ ପରିବାର କଳାହାଣ୍ଡି, ଭବାନୀପାଟଣାର ସମସ୍ତ ଭାଇମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

### ବାଂଲାଦେଶ ବିରୋଧରେ ମାତୁଛି ହିନ୍ଦୁ ସମାଜ

## ଖଡ଼ିଆଳରେ ଦୀର୍ଘ ସମୟ ଧରି ଜାତୀୟ ରାଜପଥ ଜାମ୍

**ନୂଆପଡ଼ା/ଖଡ଼ିଆଳ, ୨୭ ।୧୨ (ସମିସ):** ବଙ୍ଗଳା ଦେଶରେ ଅଳ୍ପସଂଖ୍ୟକ ଦଳିତ ହିନ୍ଦୁ ଯୁବକଙ୍କୁ ଅତ୍ୟାଚାର କରି ନିର୍ମମ ଭାବେ ହତ୍ୟା କରିବା ଘଟଣା ପ୍ରଚାରିତ ହେବାପରେ ବିଭିନ୍ନ ଜାଗାରେ ହିନ୍ଦୁ ସଂଗଠନ ଗୁଡିକ ତରଫରୁ ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଖଡ଼ିଆଳ ଠାରେ ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ବଙ୍ଗଳାଦେଶୀ ଓ ରୋହିଙ୍ଗ୍ୟା ମୁସଲମାନ ବସବାସ ବିରୁଦ୍ଧରେ ଏବଂ ଲର୍କାରେ ହେବାକୁ ଥିବା ମୁସଲମାନ ସମ୍ପ୍ରଦାୟର ସମାବେଶ ବିରୁଦ୍ଧରେ ଖଡିଆଳ ଥାନା ଛକରେ ଆନ୍ଦୋଳନ କରାଯାଇଛି। ଖଡିଆଳ ଅଗ୍ରେସନ ଧର୍ମଶାଳାରୁ ଶୋଭାଯାତ୍ରା ବାହାରି ଖଡିଆଳ ଥାନା ଛକରେ ପହଞ୍ଚିଥିଲା। ଲର୍କା ଠାରେ ମୁସ୍‌ଲିମଙ୍କ ବିଶାଳ ସମାବେଶକୁ ପ୍ରଶାସନିକ ସ୍ୱୀକୃତି ନ ଦେବା ପାଇଁ ଦାବି କରିଛନ୍ତି। ବଙ୍ଗଳାଦେଶରେ ପତାକା ଏବଂ ମହମ୍ମଦ ୟୁନିସଙ୍କ ପୁତ୍ତଳିକା ଦାହ ସହ ଶୋଭାଯାତ୍ରା କରିଛନ୍ତି। ଜାତୀୟ ରାଜପଥକୁ ଦୀର୍ଘ ସମୟ ଧରି ଜାମ କରାଯାଇଥିଲା। ପରେ ପ୍ରଶାସନର ବୁଝାସୁଝା ପରେ ଓହରିଯାଇଥିଲେ। ଆନ୍ଦୋଳନରେ ବିନୋଦ ଅଗ୍ରୱାଲ, ସଞ୍ଜୟ ତିୱାରୀ, ମନୋଜ ପଟ୍ଟନାୟକ, ଅଜିତ ଚାଲାନ, ସୁରେନ ଶର୍ମା, ସୁଜିତ ପାତ୍ର ସହ ବହୁ ନାଗରିକ, ଯୁବ ଗୋଷ୍ଠୀ ସାମିଲ ଥିଲେ।



## ପୋଲ ତଳୁ ମିଳିଲା ନିଖୋଜ ରାତ୍ର ଜଗୁଆଳିଙ୍କ ଶବ

**ଥୁଆମୂଳରାମପୁର, ୨୭ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାପାଟ ଥାନା ସାଇସୁରନୀ ପୋଲତଳୁ ଗଳିତ ଶବ ଉଦ୍ଧାର କରିଛି ପୁଲିସ। ଗୁଣୁପୁର ହାଇସ୍କୁଲରେ ଅସ୍ଥାୟୀ ଭାବେ କାର୍ଯ୍ୟରତ ରାତ୍ର ଜଗୁଆଳିଙ୍କ ମୃତଦେହ ବୋଲି ଚିହ୍ନଟ ହୋଇଛି। ସୂଚନା ମୁତାବକ ମୃତ ଜଗୁଆଳି ଜଣକ ହେଉଛନ୍ତି ସାଇସୁରନୀ ଗ୍ରାମର ବିଭୀଷଣ ଗଉଡ ବୋଲି ଜଣାପଡ଼ିଛି। ବିଭୀଷଣ ଗତ ୧୭ ତାରିଖରେ ଉକ୍ତ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା। ସେହି ରାତିରୁ ବିଭୀଷଣ ନିଖୋଜ ଥିଲେ ।ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ଖବର ମିଳିନଥିଲା। ବିଭୀଷଣଙ୍କ ନିଖୋଜ ନେଇ ଗତ ୨୩ ତାରିଖ ଦିନ ବିଭୀଷଣଙ୍କ ଭାଇ ଭାଗରଥୀ ଗଉଡ଼ କର୍ଲାପାଟ ଥାନାରେ ଅଭିଯୋଗ କରିଥିଲେ। ଆଜି ସାଇସୁରନି ଛକ ନିକଟରେ ଥିବା ଏକ ପୋଲ ତଳେ ପାଣିରେ ପଡ଼ିଥିବା ନେଇ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପରେ ପୁଲିସକୁ ଖବର ଦେବା ପରେ ଶବକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ଭବାନୀପାଟଣା ଡାକ୍ତରଖାନାକୁ ପଠାଇଛି ଆସନ୍ତା କାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପଟେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସନ୍ଦେହ ଘେରରେ ଅଛି। ଅନ୍ୟ ପକ୍ଷରେ ପରିବାର ଲୋକେ ହତ୍ୟା ଅଭିଯୋଗ କରିଥିବା ବେଳେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ନେଇ କର୍ଲାପାଟ ଥାନା ଅଧିକାରୀ ଶ୍ରୀକାନ୍ତ କୋଲକା କହିଛନ୍ତି।

## ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତାରେ କଳାହାଣ୍ଡିର ୯ ଛାତ୍ର



**ଲାଞ୍ଜିଗଡ଼, ୨୭ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୯ଜଣ କରାଟେ ଛାତ୍ରୀଛାତ୍ର ସର୍ଭାରତୀୟ ଓପନ କରାଟେ ପ୍ରତିଯୋଗିତା ଭାଗ ନେବା ପାଇଁ ଶନିବାର ଭୁବନେଶ୍ୱର ଗସ୍ତ କରିଛନ୍ତି। ଡିସେମ୍ବର ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ପ୍ରତିଯୋଗିତା ହେବ ।ପ୍ରତିଯୋଗୀମାନେ ହେଲେ ବାଳକ ବିଭାଗର ୧୩ ବର୍ଷରୁ କମ୍ ବର୍ଗରେ ସ୍ୱୟଂମ ଓଡ଼ିଆ, ପୁଷ୍ପନ୍ଦୁ ବିଶ୍ୱାଳ, ଆର୍ଶୀବାଦ ବାଡତିଆ ରହିଥିବା ବେଳେ ୧୮ ରୁ କମ୍ ବର୍ଷ ବର୍ଗରେ ହିତେଶ ମହାଖୁଡ଼, ଲୋକେଶ ବିଶ୍ୱାଳ, କିରନ ବେମାଲ ଓ ଗଙ୍ଗାଧର ମଲ୍ଲିକ ରହିଛନ୍ତି। ସେହିପରି ବାଳିକା ବିଭାଗର ୧୪ରୁ କମ୍ ବର୍ଗରେ କୁସୁମପ୍ରଭା ମାଝୀ, ୧୭ରୁ କମ୍ ବର୍ଗରେ ଅର୍ପିତା ବାଡ଼ତିଆ ରହିଛନ୍ତିଛ ଲାଞ୍ଜିଗଡ଼ କରାଟେ କୋଚ ସନପାଇ କ୍ଷମାନିଧି ମହାଖୁଡ଼ଙ୍କ ନେତୃତ୍ୱରେ ଏହି ଖେଳାଳିମାନେ ଭୁବନେଶ୍ୱର ଗସ୍ତ କରିଛନ୍ତି। ପ୍ରତିଯୋଗୀମାନଙ୍କୁ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଅଧକ୍ଷା ଡ. ମାନବିନ କୌର, କଳାହାଣ୍ଡି ଉତ୍କଳ କରାଟେ ସ୍କୁଲ୍ ଚିଫ୍ ଟେକନିକାଲ ନିର୍ଦ୍ଦେଶକ ସୁରେଶ ଜାଲ ଯାଦବ, ଡିଏଭି ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଜିଲ୍ଲା ତଥା ଲାଞ୍ଜିଗଡ଼ ଅଞ୍ଚଳବାସୀ ଖେଳାଳିଙ୍କୁ ସମ୍ବଦ୍ଧନା ଦେଇଥିଲେ।

## ଧର୍ମଗଡ଼କୁ ହରାଇ ଫାଇନାଲରେ ଟିଟିଲାଗଡ଼

**ଧର୍ମଗଡ଼, ୨୭ ।୧୨(ସମିସ):** ଧର୍ମଗଡ଼ ମାଁ ଭଣ୍ଡାରଘରଣୀ ଫୁଟବଲ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଧର୍ମଗଡ଼ କପ ଫୁଟବଲ ପ୍ରତିଯୋଗିତା ୨ୟ ସେମିଫାଇନାଲ ମ୍ୟାଚ ଧର୍ମଗଡ଼ ଓ ଟିଟିଲାଗଡ଼ ମଧ୍ୟରେ ହୋଇଥିଲା। ଦୁଇ ଦଳ ମଧ୍ୟରେ ଚିତ୍ତାକର୍ଷକ ଖେଳଦେଖିବାକୁ ମିଳିଥିଲା। ଟିଟିଲାଗଡ଼ ୪-୦ରେ ବିଜୟ ଲାଭ କରିଥିଲା। ମୁଖ୍ୟଅତିଥି ଭାବେ ଗୋଳାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ସାମ୍ବାଦିକ ସଂଘସଭାପତି ବିରଞ୍ଚି ନାରାୟଣ ଜାଲ, ବରିଷ୍ଠ ସାମ୍ବାଦିକ ଅଂଶୁମାନ ପାତ୍ର, ବାଳକୃଷ୍ଣ ନାଏକ, ଆଶୁତୋଷ ରାଉତ, ସୁଧୀର ଗୋପଲ, ଢଗ ନାଏକ, ଧର୍ମଗଡ଼ ଏନଏସି ଅଧକ୍ଷ ଅଶୋକ ମହାନ୍ତି, ପୂର୍ବତନ ଏନ୍‌ଏସି ଅଧକ୍ଷା ହୀରା ବାଗ, କ୍ରୀଡାବିତ ଦିନେସ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳ ପରିଚାଳକ ଭାବେ ଭବେନ୍ଦ୍ର ଗୋପାଳ ଖେଳ ପରିଚାଳନା କରିଥିବା ବେଳେ ତାପସ କୁମାର ଦାସ ଓ ସଞ୍ଜୀବ ଦୁର୍ଗା ଲାଇନ୍‌ରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଫୁଟବଲ କମିଟି କର୍ମକର୍ତ୍ତା ସଭାପତି ଲକ୍ଷ୍ମୀକାନ୍ତ ଧଙ୍ଗଡ଼ା ମାଝୀ, ସମ୍ପାଦକ ସୁଶାନ୍ତ ସାହୁ, କୋଷାଧକ୍ଷ ବିକାଶ ଅଗ୍ରୱାଲ, ଅଜିତ କୁମାର ସେନା, ସୁନୀଲ ମେହେର, ସୁବ୍ରତ ବେହେରା, ନନ୍ଦଲାଲ ବଛା, ମନୀଷ ଝା ପ୍ରମୁଖ ସହଯୋଗ କରିଥିଲେ।



## ଖଜୁରପଡ଼ା କ୍ରିକେଟ ଟୁର୍ଣ୍ଣାମେଣ୍ଟ ;କଣ୍ଟୃପଡ଼ା ଚାମ୍ପିଅନ

କେସିଙ୍ଗା, ୨୭ ।୧୨(ସମିସ)

କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ତୁଣ୍ଡଲା (ଖଜୁରପଡ଼ା) ଠାରେ ଖଜୁରପଡ଼ା କ୍ରିକେଟ କ୍ଲବ୍ ତୁଣ୍ଡଲା ପକ୍ଷରୁ ଗତ ୨୩ ତାରିଖରେ ଟେନିଶ୍ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଉକ୍ତ ଟୁର୍ଣ୍ଣାମେଣ୍ଟରେ ୧୬ ଦଳ ଭାଗ ନେଇଥିବା ବେଳେ ଫାଇନାଲରେ କଣ୍ଟୃପଡ଼ା ଏବଂ କିନେରକେଲା ପ୍ରବେଶ କରିଥିଲେ। ପ୍ରଥମେ କଣ୍ଟୃପଡ଼ା ଟସ୍ ଜିଣି କିନେରକେଲାକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। କିନେରକେଲା ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭର୍‌ରେ ୯ ୱିକେଟ ବିନିମୟରେ ୭୪ ରନ୍‌ର ବିଜୟ ଲକ୍ଷ୍ୟ କଣ୍ଟୃପଡ଼ାକୁ ଦେଇଥିଲେ। ପରେ ଦ୍ୱିତୀୟ ବାଟିଂ କରି କଣ୍ଟୃପଡ଼ା ଦଳ ମାତ୍ର ୫ ଓଭରରେ ୩ ୱିକେଟ ବିନିମୟରେ ଅତି ସହଜରେ ୭୪ ରନ୍‌ର ବିଜୟ ଲକ୍ଷ୍ୟକୁ ହାସଲ କରି ନେଇଥିଲେ। ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେସିଙ୍ଗା କଂଗ୍ରେସ ଯୁବ ସଂଗଠକ ସୁରେଶ ରାଓ ଏବଂ ସମ୍ମାନିତ ଅତିଥି ବେଲଖଣ୍ଡି ପଞ୍ଚାୟତ ସରପଞ୍ଚ ସୁଶାନ୍ତ ବାଗ୍, ବିଶିଷ୍ଟ ଅତିଥି କେସିଙ୍ଗା ଯୁବ ସାମ୍ବାଦିକ ବିବେକାନନ୍ଦ ଦାଶ୍ ଉପସ୍ଥିତ ରହି ଉଭୟ ଦଳ ଏବଂ ସମସ୍ତ କମିଟିକୁ ଉତ୍ସାହିତ କରିଥିଲେ। ଫାଇନାଲରେ ବିଜେତା ଦଳ କଣ୍ଟୃପଡ଼ାକୁ ଟ୍ରଫି ସହିତ ନଗଦ ୧୭ହଜାର ଟଙ୍କା ପୁରସ୍କାର ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା।



# ବିଜୁ ଜନତା ଦଳର ଜିଲ୍ଲା ନୂତନ କମିଟି ଗଠିତ

**ଝାରସୁଗୁଡ଼ା, ୨୭।୧୨(ସମିସ):** ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲା ପାଇଁ ନୂତନ ଜିଲ୍ଲା କମିଟି ଘୋଷଣା କରାଯାଇଛି। ଦଳର ଅଧ୍ୟକ୍ଷ ନବୀନ ପଟ୍ଟନାୟକଙ୍କ ତରଫରୁ ଏହି କମିଟିରେ ୨୭ ଜଣ କାର୍ଯ୍ୟକର୍ତ୍ତାଙ୍କୁ ବିଭିନ୍ନ ପଦବୀରେ ନିଯୁକ୍ତ କରାଯାଇଛି। ପୂର୍ବରୁ ଜିଲ୍ଲା ସଭାପତି ହରିଶ ଗଣତ୍ରା ରହିଥିବା ବେଳେ ଶବିବାର ଉପସଭାପତି ଭାବେ ଜଗନ୍ନାଥ ଜେନା, ଅଶୋକ ଦାଶ, ରଘୁମଣି ପଟେଲ, ବିଶ୍ୱନାଥ ନାୟକ, କୁଳମଣି ଦାସ, ଗୌତମ ପ୍ରଧାନ, ନନ୍ଦ କିଶୋର ଅଗ୍ରୱାଲଙ୍କୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ମନୋନୀତ କରିଛନ୍ତି। ସେହିପରି ସାଧାରଣ ସମ୍ପାଦକ ପଦର ଗୁରୁଦାୟିତ୍ୱ ପାଇଁ ରଘୁନନ୍ଦନ ପାଢ଼ୀ (ପିଣ୍ଟୁ ପାଢ଼ୀ), ଲକ୍ଷ୍ମଣ ସାହୁ, ପୱନ ସିଂହ ଯାଦବ, ସନ୍ତୋଷ ମହାନ୍ତି ପ୍ରମୁଖଙ୍କୁ ମନୋନୀତ କରାଯାଇଛି। କୋଷାଧ୍ୟକ୍ଷ ଭାବେ ଭବାନୀ ସାଙ୍କୁ ମନୋନୀତ କରାଯାଇଛି। ଏହା ସହିତ ସମ୍ପାଦକ ଭାବେ ସରୋଜ ନାଏକ, କୃଷ୍ଣଚନ୍ଦ୍ର ପ୍ରଧାନ, ଅଶୋକ ମାଝୀ, ବାସୁଦେବ ଭଏଁଷା, ନିର୍ମଳ ସାହୁ, ବନମାଳୀ ଖର୍ସେଲ, ହିତେଶ ଠକ୍କର, ବୀର ମହାପାତ୍ର, ତୁଲେଶ୍ୱର ପଟେଲ, ଟିକେଶ୍ୱର ସେନାପତି, ଦେବୀପ୍ରସାଦ ମିଶ୍ର, ରବିରତ୍ନ ପଧାନ, ମଧୁସୂଦନ ସିଂହ, ରାଜେନ୍ଦ୍ର ପ୍ରସାଦ ସାହୁ, ପ୍ରମୋଦ ଗର୍ତିଆଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ତେବେ ସମସ୍ତ ମନୋନୀତ କର୍ମକର୍ତ୍ତା ମାନେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ସହିତ ଆଗାମୀ ଦିନରେ ଦଳକୁ ତୃଣମୂଳ ସ୍ତରରୁ ଆହୁରି ମଜବୁତ କରିବା ନେଇ ନୂତନ କମିଟି ପକ୍ଷରୁ କାର୍ଯ୍ୟକରାଯିବା ନେଇ ଦଳ ପକ୍ଷରୁ କୁହାଯାଇଛି।

**ଦେବଗଡ଼:** ବିଜୁ ଜନତା ଦଳ ଦେବଗଡ଼ ଜିଲ୍ଲା ସଂଗଠନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଶନିବାର ଜିଲ୍ଲା ସଂଗଠନର ନୂତନ କର୍ମକର୍ତ୍ତାଙ୍କ ନାମକୁ ଦଳ ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଥିବା ଜଣାପଡ଼ିଛି। ଏଥିରେ ବିଜେଡି ଜିଲ୍ଲା ଉପସଭାପତି ଭାବେ ୪ ଜଣ, ସାଧାରଣ ସମ୍ପାଦକ ଭାବେ ୪ ଜଣ, କୋଷାଧ୍ୟକ୍ଷ ଭାବେ ଜଣେ ରହିଥିବା ବେଳେ ୮ ଜଣଙ୍କୁ ସମ୍ପାଦକ ପଦବୀରେ ଅବସ୍ଥାପିତ କରାଯାଇଛି। ସେମାନଙ୍କ ମଧ୍ୟରେ ଉପ ସଭାପତି ପଦବୀରେ ଜିଲ୍ଲାପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ଦେବଗଡ଼ ପୌରାଞ୍ଚଳର ମନୋଜ ପ୍ରଧାନ, ତିଳେଇବଣି ବ୍ଲକର ନଗେନ ପଣ୍ଡା ଓ ବାରକୋଟ ବ୍ଲକର ସଞ୍ଜୀବ ଶତପଥୀଙ୍କୁ ଅବସ୍ଥାପିତ କରାଯାଇଛି। ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ତିଳେଇବଣି ଜୋନ ଜିଲ୍ଲା ପରିଷଦ ସଦସ୍ୟ ରାଜେଶ ମହାନାୟକ, ଦେବଗଡ଼ ପୌରାଞ୍ଚଳର ସମୀର ପ୍ରଧାନ ଓ ବାରକୋଟ ବ୍ଲକର ରାଜକିଶୋର ସାହୁଙ୍କୁ ସାଧାରଣ ସମ୍ପାଦକ, ଦେବଗଡ଼ ପୌରାଞ୍ଚଳର ମାନସ ପ୍ରଧାନଙ୍କୁ କୋଷାଧ୍ୟକ୍ଷ ପଦବୀ ମିଳିଥିବା ବେଳେ ବାରକୋଟ ବ୍ଲକର ଦୀକ୍ଷିତ ନାୟକ, ପ୍ରକାଶ ପ୍ରଧାନ ଓ ଲଳିତ ପାଲ, ତିଳେଇବଣି ବ୍ଲକର ରଞ୍ଜନ ବିଶ୍ୱାଳ ଓ ଶ୍ରୀବତ୍ସ ପ୍ରଧାନ, ଦେବଗଡ଼ ପୌରାଞ୍ଚଳର ପ୍ରଶାନ୍ତ ଭଞ୍ଜ ଓ ଭୁବନେଶ୍ୱରୀ ଗଙ୍ଗଦେବ ଏବଂ ରିଆମାଳ ବ୍ଲକର ତରଣୀସେନ ପ୍ରଧାନଙ୍କୁ ଜିଲ୍ଲା ସମ୍ପାଦକ ଭାବେ ଦଳ ପକ୍ଷରୁ ନିଯୁକ୍ତି ମିଳିଥିବା ଜଣା ପଡ଼ିଛି।

# ତେନ୍ତଲାବାହାଲ ବ୍ରାହ୍ମଣ ସମାଜର ବୈଠକ

**ରିଆମାଳ, ୨୭।୧୨(ସମିସ):** ରିଆମାଳ ବ୍ଲକ ତେନ୍ତଲାବାହାଲ ବ୍ରାହ୍ମଣ ସମାଜର ତ୍ରୈମାସିକ ବୈଠକ ରେଙ୍ଗାଲବେଡା ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ନୂତନ ସଭାପତି ବିରଞ୍ଚି ନାରାୟଣ ମହାପାତ୍ର, ସମ୍ପାଦକ ସୁଶାନ୍ତ ଦ୍ୱିବେଦୀ ପରିଚାଳନା କରିଥିଲେ। ବାମଣ୍ଡା ବ୍ରାହ୍ମଣ ସମାଜ ସଭାପତି ଅଶୋକ ମିଶ୍ର, ସମ୍ପାଦକ ଗୌରହରି ଷଡଙ୍ଗି, ଅଖିଳ ବ୍ରାହ୍ମଣ ସମାଜର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସମାଜସେବୀ ରାମଚନ୍ଦ୍ର ମହାପାତ୍ର ଯୋଗ ଦେଇ ସମାଜକୁ ଏକତ୍ରୀତ, କର୍ତ୍ତବ୍ୟ, ସଙ୍ଗଠନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପର୍ଶୁରାମ ବାହିନୀ ସଭାପତି ପ୍ରକାଶ ଆଚାର୍ଯ୍ୟ, ଅକ୍ଷୟ ନନ୍ଦକୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା। ବୈଠକରେ ପୂର୍ବତନ ସଭାପତି ପଦ୍ମଲୋଚନ ଶତପଥୀ, ପୁରୁଷୋତ୍ତମ ପଣ୍ଡା, ଘନଶ୍ୟାମ ଆଚାର୍ଯ୍ୟ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବନ୍ଧବାହାଲ ଧନୁଯାତ୍ରା ପାଇଁ ଶାନ୍ତି କମିଟି ବୈଠକ

**ଇବଥର୍ମାଲ, ୨୭।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ଠାରେ ଆସନ୍ତା ୨୮ ତାରିଖରୁ ସପ୍ତାହେ ବ୍ୟାପି ପ୍ରସିଦ୍ଧ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହେବାକୁ ଯାଉଛି। ମହୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ପାଳିତ କରାଯିବା ନେଇ ସ୍ଥାନୀୟ ପୁଲିସ ପକ୍ଷରୁ ଧନୁଯାତ୍ରା କମିଟି, ଏମସିଏଲ ଲଖନପୁର, ସ୍ଥାନୀୟ ଜନପ୍ରତିନିଧିଙ୍କ ସମେତ ଅଞ୍ଚଳବାସୀଙ୍କୁ ନେଇ ସନ୍ଧ୍ୟାରେ ବନ୍ଧବାହାଲ ଫାଣ୍ଡି ଠାରେ ଶାନ୍ତି ବୈଠକ ଆଜି ସନ୍ଧ୍ୟା ୭ ଟାରେ ଅନୁଷ୍ଠିତ ହୋଇଯାଇଛି। ବନହରପାଲି ଥାନା ଅଧିକାରୀ ରଞ୍ଜିତ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏମସିଏଲ ପକ୍ଷରୁ ମହୋତ୍ସବର ୭ ଦିନ ଆମ୍ବୁଲାନ୍ସ ସେବା ସହିତ ଡାକ୍ତରୀ ଷ୍ଟାଫ, ପ୍ରାଥମିକ ଚିକିତ୍ସା ସାମଗ୍ରୀ, ଅସ୍ଥାୟୀ ଶୌଚାଳୟ, ବ୍ଲିଚିଂ ପାଉଡର, ପାନୀୟ ଜଳ ଯୋଗାଣ, ଧନୁଯାତ୍ରା ପଡ଼ିଆକୁ ଦୈନିକ ସଫାସୁତୁରା ସହ ପାଣି ସିଞ୍ଚନ, କାଳୀଦ୍ରି ହ୍ରଦ ତଥା ଯମୁନା ବନ୍ଧର ସଫେଇ, ଷ୍ଟ୍ରିଟ ଲାଇଟ ଓ ସୁରକ୍ଷା କର୍ମୀ ମୁତୟନ ନିମନ୍ତେ ଏମସିଏଲରୁ ପ୍ରତିନିଧିତ୍ୱ କରିଥିବା ଅଧିକାରୀଙ୍କୁ କୁହାଯାଇଛି। ପୁଲିସ ପକ୍ଷରୁ ବନ୍ଧବାହାଲରୁ ଇବଥର୍ମାଲ ପର୍ଯ୍ୟନ୍ତ ସଂଧ୍ୟା ସମୟରେ ପାଟ୍ରୋଲିଂର କଡା ବ୍ୟବସ୍ଥା, ଗାଡି ମଟରର ପାର୍କିଂ, ସଂଧ୍ୟା ୪ରୁ ରାତ୍ର ୧୧ ପର୍ଯ୍ୟନ୍ତ ବନ୍ଧବାହାଲ ମୁଖ୍ୟ ରାସ୍ତାରେ ଭାରୀଯାନକୁ ନୋଏଣ୍ଟ୍ରି ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ବନ୍ଧବାହାଲ ଫାଣ୍ଡି ଅଧିକାରୀ ଗଣେଶ କଲେତ, ଇବଥର୍ମାଲ ବନହରପାଲିର ଅଗ୍ନିଶମ ଅଧିକାରୀ ପ୍ରଭାକର ପଧାନ, ଏମସିଏଲ ଲଖନପୁର ପକ୍ଷରୁ, ଡ.ଅଙ୍କିତ ଶର୍ମା, ଭୋଜରାଜ ପ୍ରଧାନ, ଧନୁଯାତ୍ରା କମିଟିର ସଭାପତି ବେଣୁଧର ସିଂହ, ସଞ୍ଜୟ ସିଂହ, କୃଷ୍ଣଚନ୍ଦ୍ର ସିଂହ, ଶୌକି ପଧାନ, ବିରଞ୍ଚି ପଧାନ, ସାଲେଗ୍ରାମ ନାଏକ ପ୍ରମୁଖ ଅନେକ କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ସେବା ସମବାୟ ସମିତିର ପରିଚାଳନା ପରିଷଦକୁ ନିଲମ୍ବନ ଘଟଣାକୁ ନେଇ ସାମ୍ବାଦିକ ସମ୍ମିଳନୀ

**ଝାରସୁଗୁଡ଼ା, ୨୭।୧୨(ସମିସ)**

ଚାରପାଲି ସେବା ସମବାୟ ସମିତି ପରିଚାଳନା ପରିଷଦକୁ ନିଲମ୍ବନ ଘଟଣାକୁ ନେଇ ସଭାପତି ଓ ସଦସ୍ୟଙ୍କ ପକ୍ଷରୁ ଝାରସୁଗୁଡ଼ାର ଏକ ଘରୋଇ ହୋଟେଲ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଧୀନ ଚାରପାଲି ସେବା ସମବାୟ ସମିତି ଉପାନ୍ତ ୧୯ ଖଣ୍ଡ ଅଞ୍ଚଳର ଚାଷୀଙ୍କ ଉନ୍ନତି ପାଇଁ ସବୁବେଳେ ଚେଷ୍ଟା କରି ଆସୁଛି। ୨୦୨୨ ମସିହାରୁ ସମିତିର ନିର୍ବାଚିତ ପରିଚାଳନା ପରିଷଦ ଅହରହ ଚାଷୀଙ୍କୁ ଠିକ ସମୟରେ ଋଣ ଓ ସାର ଯୋଗାଇଦେବା ସହ ଚାଷୀଙ୍କ ଧାନ ସୁରୁଖୁରୁରେ ବିକ୍ରି କରିବାରେ ସାହାଯ୍ୟ କରିବାରେ କେବେ କୌଣସି ଅବହେଳା କରିନାହିଁ। ଗତ ରବି ଧାନ ବିକ୍ରି ସମୟରେ ଚାଷୀଙ୍କ ପାଖରେ ଟୋକନ ଥାଇ ମଧ୍ୟ ଠିକ ସମୟରେ ଧାନର ଟାର୍ଗେଟ ନ ଆସିବା ଯୋଗୁଁ ଧାନ ବିକ୍ରି ପାଇଁ ଅନେକ ସମସ୍ୟା ସୃଷ୍ଟି ହେଉଥିଲା। ସେଥିପାଇଁ ଚାଷୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଉଥିବା ସଭାପତି ପ୍ରଦୀପ ବିଶ୍ୱାଳ ବିଭିନ୍ନ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ବିଧାୟକ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀଙ୍କୁ ସାହାଯ୍ୟ ପାଇଁ ନିବେଦନ କରିଥିଲେ। ମାତ୍ର କାହାରି ନିକଟରୁ ସହାୟତାର ନିର୍ଭର ପ୍ରତିଶ୍ରୁତି ନ ପାଇବାରୁ ସମବାୟ ସମିତି ସମୂହ ମାଧ୍ୟମରେ ପ୍ରେସବାର୍ତ୍ତା ଜାରିକରି ସରକାରଙ୍କୁ ଧାନ ବିକ୍ରି ପାଇଁ ଗୁହାରି କରିଥିଲେ। ରାଜ୍ୟରେ ମନମୁଖୀ ତୋଗଲକି ସରକାର ଚାଲିଥିବା ଓ ରାଜ୍ୟସ୍ୱ ମନ୍ତ୍ରୀଙ୍କ ନିଜସ୍ୱ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଚାଷୀଙ୍କ ସମସ୍ୟା ବେଳେ ଛିଡା ନହୋଇ ଧୃତରାଷ୍ଟ୍ର ସାଜିଥିବା ଅଭିଯୋଗ କରିଥିଲେ। ବୋଧହୁଏ ଏହାକୁ ଜିଲ୍ଲା ପ୍ରଶାସନ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନିଜ ଅପମାନ ମନେକରିଥିଲେ।



ପରେ ନିଜର କିଛି ସମର୍ଥକଙ୍କ ମାଧ୍ୟମରେ ସଭାପତିଙ୍କ ନାମରେ ଏକ ମିଥ୍ୟା ଅଭିଯୋଗ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରାଇଥିଲେ। ଗତ ୭ ଜୁଲାଇରେ ଏକ କମିଟି ଗଠନକରି ସଭାପତିଙ୍କ ବିରୁଦ୍ଧରେ ତଦନ୍ତ କରାଇଥିବା ସମିତିର ସଭାପତି ଓ ସଦସ୍ୟ ସଦସ୍ୟା ବୃନ୍ଦ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ମାତ୍ର ସମବାୟ ସମିତି ସଭାପତି ଓ ପରିଚାଳନା ପରିଷଦକୁ କିଛି ନ ଜଣାଇ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରି ଦାଖଲ ମଧ୍ୟ କରିଥିଲେ। ପୁଣିଥରେ ଗତ ୨ ତାରିଖରେ ଆଉ ଏକ ଦୁଇ ଜଣିଆ କମିଟି ମାଧ୍ୟମରେ

**କାରଣ ନ ଦର୍ଶାଇ ନିଲମ୍ବନ**

**ଚାଷୀ ସମସ୍ୟା ନେଇ ସରକାରଙ୍କୁ ସମାଲୋଚନା କରିଥିଲା ପରିଚାଳନା ପରିଷଦ**

ତଦନ୍ତ କରିବା ବାହାନାରେ କୌଣସି ତଥ୍ୟ ସଂଗ୍ରହ ନ କରି ଡିସେମ୍ବର ୨୪ ତାରିଖରେ ପରିଚାଳନା ପରିଷଦକୁ ନିଲମ୍ବନ କରିବା ଦୁର୍ଭାଗ୍ୟଜନକ ଅଟେ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ବର୍ତ୍ତମାନ ଧାନ ବିକ୍ରି ସମୟରେ ଚାଷୀଙ୍କ ପାଖରେ ଠିକ ସମୟରେ ଟୋକନ ପହଞ୍ଚି ନ ପାରିବା, ଜମି ତୁଳନାରେ ବହୁତ କମ ଟୋକନ ଆସିବା ଏବଂ ଧାନ ବିକ୍ରିରେ ଅବ୍ୟବସ୍ଥା, ୫/୬ କିଗ୍ରା କଟଣି ଛଟଣିକୁ ନେଇ ଚାଷୀ ଦ୍ୱନ୍ଦରେ ରହିଛନ୍ତି। ଏତିକି ବେଳେ ପରିଚାଳନା ପରିଷଦକୁ ନିଲମ୍ବନ କରିବା ଆଦେଶରେ ଚାଷୀଙ୍କ ଅନ୍ୟ ଏକ ଚିନ୍ତାର କାରଣ ହୋଇଛି। ଜିଲ୍ଲା ପ୍ରଶାସନର ଏ ଅଞ୍ଚଳର ଚାଷୀଙ୍କ ପ୍ରତି ଏକ ଉପହାସ ଛଡା ଅନ୍ୟ କିଛି ନୁହେଁ। ଧାନ ବିକ୍ରି ସମସ୍ୟାକୁ ସଠିକ ଭାବେ ପରିଚାଳନା କରିପାରୁ ନଥିବା ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାର ବିଭିନ୍ନ ଉପାୟରେ ଚାଷୀଙ୍କୁ ହଇରାଣ କରୁଥିବା ନେଇ ଅଭିଯୋଗ ହେଉଛି। ଆଗାମୀ ଦିନରେ ଚାଷୀ ଏହାର କଡା ଜବାବ ଦେବେ ବୋଲି ନିଲମ୍ବିତ ଚାରପାଲି ସେବା ସମବାୟ ସମିତିର ପରିଚାଳନା ପରିଷଦର ସଦସ୍ୟଙ୍କ ତରଫରୁ କୁହାଯାଇଛି।

# ଡୁନ୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଝାରସୁଗୁଡ଼ା, ୨୭।୧୨ (ସମିସ):** ଝାରସୁଗୁଡ଼ା ବଡମାଲ ଠାରେ ଥିବା ଡୁନ ପବ୍ଲିକ ସ୍କୁଲରେ ୧୩ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ୨ୟ ଓଏସ୍ଏପିର ଦୁର୍ଗପତି ଶ୍ରୀତମାଙ୍ଗ ପ୍ରସାଦ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ପତାକାକୁ ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ସମ୍ମାନୀୟ ଅତିଥି ଭାବେ ହକି ଆସୋସିଏସନ ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି ସଫଳ କ୍ରୀଡ଼ା ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଡୁନ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ନିର୍ମଳ ସିଂ ବାର୍ଷିକ କ୍ରୀଡା ବିବରଣୀର ସୂଚନା ଦେଇଥିଲେ। ସ୍କୁଲର ନିର୍ଦ୍ଦେଶକ ଅନିଲ ଅତିଥି ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବୟସ ବର୍ଗରେ ୩୪ଟି ବିଭାଗରେ ୩୦୦ରୁ ଉର୍ଦ୍ଧ୍ୱ ବାଳକ, ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଖେଳ ପରିଚାଳନାରେ ଘନଶ୍ୟାମ ମେହେର, ଅଲିଭା କୁଅଁର ପ୍ରମୁଖ ପରିଚାଳନାରେ ସାହାଯ୍ୟ କରିଥିଲେ।




# ଝାରସୁଗୁଡ଼ା ଡିଏଭିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଝାରସୁଗୁଡ଼ା, ୨୭।୧୨ (ସମିସ):** ଝାରସୁଗୁଡ଼ା ଡିଏଭି ସ୍କୁଲ ପକ୍ଷରୁ ୨୬ ଓ ୨୭ ଦୁଇ ଦିନ ଧରି ଅନୁଷ୍ଠିତ ହେଉଥିବା ବାର୍ଷିକ କ୍ରୀଡା ଶନିବାର ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ କ୍ରୀଡା ପ୍ରତିଯୋଗିତାର ଉଦ୍‌ଘାଟନୀ ତଥା ପ୍ରଥମ ଦିବସରେ ଝାରସୁଗୁଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ସାଧାରଣ) ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୁସ୍ତକ ସହ ଖେଳ କସରତ ଆବଶ୍ୟକ ବୋଲି ସେ କହିଥିଲେ। ଓଡ଼ିଶା ଅଲମ୍ପିକ ଆସୋସିଏସନର ଉପସଭାପତି ତଥା ସମିତି ସଭ୍ୟ ତାପସରାୟ ଚୌଧୁରୀ, ଅବସରପ୍ରାପ୍ତ ଶିକ୍ଷକ ଲିଙ୍ଗରାଜ ସାହୁ ଓ ବିଶ୍ୱନାଥ ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶନିବାର ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଷ୍ଟେଟ ହକି ଫେଡେରେସନର ଉପସଭାପତି ଜୀବନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ସମିତି ସଭ୍ୟ ନରେନ୍ଦ୍ର ପଣ୍ଡା, ଶୁଭେଚ୍ଛୁ ସମାଜସେବୀ ତଥା ସରବାହାଲ ସରସ୍ୱତୀ ଶିଶୁ ମନ୍ଦିରର ସଂସ୍ଥାପକ ସୁବ୍ରତ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ସୁବାସ ମିଶ୍ର, ପ୍ରାକ୍ତନ ଶିକ୍ଷକ ଏମଭିଏଲଏନ ରାଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳ ଶିକ୍ଷକ ବିଜୟ ଦାଶ ଓ ପୁନମ ଦ୍ୱିଦିବସୀୟ ଖେଳର ସଂଯୋଜନା କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ବିଭିନ୍ନ ଇଭେଣ୍ଟରେ ଉତ୍ସାହର ସହିତ ଭାଗ ନେଇଥିଲେ। ଏସବୁ ମଧ୍ୟରେ ଏକ 'ହେଲଦି ଫୁଡ ଫେଷ୍ଟିଭାଲ' ସାଙ୍ଗକୁ ମନୋରଞ୍ଜନଧର୍ମୀ ଖେଳଗୁଡିକର ଆୟୋଜନ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପଦକ ସହ ପୁରସ୍କୃତ କରଯାଇଥିଲା। ଡ.ମଞ୍ଜୁଶ୍ରୀ ବେଦୁଲା, ଅଞ୍ଜଳି ବାଲସୁବ୍ରମନ୍ୟନ, ଅଲେଖ ବିହାରୀ ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ।




# ଓଡ଼ିଶା ମେଟାଲିକ୍ସ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା

**ଝାରସୁଗୁଡ଼ା, ୨୭।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ମରାକୁଟା ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ମରାକୁଟା ସ୍ଥିତ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରାଉରକେଲା ସ୍ଥିତ ଜେପି ହସ୍ପିଟାଲରେ ବିଶେଷଜ୍ଞ ଡାକ୍ତର ଓ କର୍ମଚାରୀ ପରୀକ୍ଷା ଉପକରଣ ସହିତ ଜନସାଧାରଣଙ୍କ ନିଶୁଳ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଆୟୋଜିତ ପରୀକ୍ଷା ଶିବିରରେ ଓଡ଼ିଶା ମେଟାଲିକ୍ସ କମ୍ପାନୀର ଅପରେସନ ସଭାପତି ସୁମିତ ପାଲ, ସ୍ଥାନୀୟ ମରାକୁଟା ସରପଞ୍ଚ ଲିଲି ତନ୍ତି, ସାମାଜିକକର୍ମୀ ମହେନ୍ଦ୍ର ଗୁରୁଙ୍କ ସମେଟ କାରଖାନାର ଅନେକ କର୍ମଚାରୀ ତଥା ଅନେକ ସ୍ଥାନୀୟ ଜନସାଧାରଣ ନିଜର ପରୀକ୍ଷା କରାଇଥିଲେ।

# ଗ୍ରାହକଙ୍କ ଅଭିଯୋଗ ସମାଧାନ ନକଲେ ଟେଲିକମ୍ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ: ଟ୍ରାଇ

**ଝାରସୁଗୁଡ଼ା, ୨୭।୧୨(ସମିସ):** ଭାରତ ସରକାରଙ୍କ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ସହଯୋଗରେ ଉପଭୋକ୍ତା ଓକିଲାତି ସଂଘ 'ବାର୍ଡ' (ବିଆଇଆରଡି) ପକ୍ଷରୁ ବିଞ୍ଜାପଲ୍ଲୀ ସ୍ଥିତ ମହିମା ସ୍ନାତକ ମହାବିଦ୍ୟାଳୟଠାରେ ଏକ 'ଟେଲିକମ୍ ଅଭିଯୋଗ ସମାଧାନ ଓ ସାଇବର ନିରାପତ୍ତା ସଚେତନତା କର୍ମଶାଳା' ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ବ୍ରଜରାଜନଗର ଉପଖଣ୍ଡ ଏସ୍‌ପି ଚିନ୍ତାମଣି ପ୍ରଧାନ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ରମଣୀ ରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସିଏଜି 'ବାର୍ଡ'ର ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବେ ଲଖନପୁର ଅତିରିକ୍ତ ତହସିଲଦାର କୁଳମଣି ଦଳାଇ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଭାରତରେ ସାଇବର ଅପରାଧ ଯୋଗୁଁ ବାର୍ଷିକ ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କା କ୍ଷତି ହେଉଛି, ଏହା ଦେଶର ଜିଡିପିର ପ୍ରାୟ ୦.୭ ପ୍ରତିଶତ। ତେଣୁ ଦେଶର ଅର୍ଥନୈତିକ ପ୍ରଗତିରେ ଏହା ଏକ ବଡ ବାଧକ। ବିଦେଶୀ ଆପ୍ ମାଧ୍ୟମରେ ପ୍ରତି ମିନିଟରେ ଗ୍ରାହକମାନେ ଠକାମିର ଶିକାର ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ସାଇବର ଥାନା ଅଧିକାରୀ ଅଜଣା ଲିଙ୍କ୍, ଫେକ୍ ୱେବସାଇଟ୍ ଏବଂ ସନ୍ଦେହଜନକ ମେସେଜ୍ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଓଟିପି କାହାରିକୁ ସେୟାର ନକରିବାକୁ ଦୃଢ଼ ଭାବେ ଚେତାଇ ଦେଇଥିଲେ। ଶିକ୍ଷାବିତ୍ ସୁଦାମ ଡାକୁଆ ଟ୍ରାଇ ପ୍ରଦତ୍ତ ବିଭିନ୍ନ ଆପ୍ ଯଥା: (ଡିଏନ୍‌ଡି), ମାଇ ସ୍ପିଡ୍, ସଞ୍ଚାର ସାଥୀ, ଚକ୍ଷୁ ଆପ୍ ଏବଂ ସାଇବର ହେଲ୍ପଲାଇନ ନମ୍ବର ୧୯୩୦ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଝାରସୁଗୁଡ଼ା ଜିଲ୍ଲାର ଦୁର୍ଗମ ଅଞ୍ଚଳ, ବିଶେଷ କରି ଲଖନପୁର ବ୍ଲକର ପ୍ରାୟ ୩୭୨ଟି ଗାଁରେ ଟେଲିକମ୍ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଯେପରିକି ୩୦ ଦିନ ବଦଳରେ ୨୮ ଦିନର ବୈଧତା ଏବଂ ବର୍ଦ୍ଧିତ ରିଚାର୍ଜ ପ୍ଲାନକୁ ସଂଶୋଧନ କରାଯାଉ। ଅଭିଯୋଗ ପ୍ରକ୍ରିୟାକୁ ଓଡ଼ିଆ ଭାଷାରେ ସହଜ ଓ ସୁଗମ କରାଯାଉ। ଗ୍ରାମାଞ୍ଚଳରେ ନେଟୱର୍କ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ। ସିଏଜି ପ୍ରକାଶ ଚନ୍ଦ୍ର ସାହୁ ସୂଚନା ଦେଇଥିଲେ ଯେ, ଯଦି କୌଣସି ଟେଲିକମ୍ କମ୍ପାନୀ ଟ୍ରାଇର ନିୟମ ଉଲ୍ଲଂଘନ କରନ୍ତି କିମ୍ବା ଗ୍ରାହକ ସେବାରେ ଅବହେଳା କରନ୍ତି, ତେବେ ସେମାନଙ୍କ ଉପରେ ମୋଟା ଅଙ୍କର ଅର୍ଥଦଣ୍ଡ ସହ ସେବା ନିଷେଧାଦେଶ ମଧ୍ୟ ଜାରି କରାଯାଇପାରେ। କର୍ମଶାଳାରେ ବିଏସଏନଏଲ, ଏୟାରଟେଲ ଏବଂ ଜିଓର କ୍ଷେତ୍ର ଅଧିକାରୀଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷା ବିଭାଗ ପ୍ରମୁଖ ସୁବ୍ରତ ବଡ଼ାଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଓଡିଆ ବିଭାଗ ମୁଖ୍ୟ ବିରଞ୍ଚି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଗରିବ ପାଇଁ ଆୟୁଷ୍ମାନ କାର୍ଡ ମରୀଚିକା

**ଦେବଗଡ଼, ୨୭।୧୨(ସମିସ)**

ଦେବଗଡ଼ ଜିଲ୍ଲାରେ ଆୟୁଷ୍ମାନ କାର୍ଡରେ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଗରିବଙ୍କ ପାଇଁ ମରୀଚିକା ସାଜିଛି। କାର୍ଡରେ ଚିକିତ୍ସା ସେବା ଯୋଗାଇବାକୁ ଚୁକ୍ତି ବଦ୍ଧ ହୋଇଥିଲେ ମଧ୍ୟ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଘରୋଇ ଡାକ୍ତରଖାନା ପଛଘୁଞ୍ଚା ଦେଉଥିବା ଦେଖା ଦେଉଛି। ଫଳରେ ଜଣେ ଗରିବ ନିଃସହାୟ ବୃଦ୍ଧ ଅର୍ଥାଭାବ କାରଣରୁ ଚିକିତ୍ସାରୁ ବଞ୍ଚିତ ହୋଇ ଦୀର୍ଘ ୩ ମାସରୁ ଭଙ୍ଗା ଗୋଡରେ ଘରେ ପଡ଼ି ରହିଥିବା ଜଣାପଡ଼ିଛି।

ବାରକୋଟ ବ୍ଲକ ବମ୍ପରଡା ଗାଁର ୬୦ ବର୍ଷୀୟ ବୃଦ୍ଧ ଅଇଁଠୁ ସାହୁ ଗତ ଅକ୍ଟୋବର ୨ରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ପ୍ରଥମେ ନିକଟସ୍ଥ ପାଲଲହଡା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ସେଠାରୁ ତାଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ଦୁଇ ଗୋଡ ଭାଙ୍ଗିଥିବା ଜଣା ପଡ଼ିଥିଲା। ଅଇଁଠୁ ସେଠାରେ କିଛି ଦିନ ରହି ଚିକିତ୍ସିତ ହେବାପରେ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ପଠାଇଥିଲେ। ମାତ୍ର ତାଙ୍କ ପାଖରେ ଅର୍ଥ ନ ଥିବାରୁ ଅର୍ଦ୍ଧ ଚିକିତ୍ସିତ ହୋଇ ନିଜ ଘରେ ଭଙ୍ଗା ଗୋଡରେ ପଡ଼ିରହିଲେ। ପରେ କିଛି ଦିନ ପୂର୍ବେ ସ୍ଥାନୀୟ ଯୁବକଙ୍କ ସହାୟତାରେ ବାରକୋଟ ବ୍ଲକ ଅଧୀନ କଣ୍ଢେଲ ସ୍ଥିତ ଘରୋଇ ନର୍ସିଂହୋମ ଆନନ୍ଦସେବା



ସଦନକୁ ନେଇଥିଲେ। ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ଚିକିତ୍ସା କରିବା ପରିବର୍ତ୍ତେ ଆୟୁଷ୍ମାନ କାର୍ଡରେ ତାଙ୍କ ନର୍ସିଂହୋମରେ ଚିକିତ୍ସା ସୁବିଧା ନଥିବା କହି ଫେରାଇ ଦେଇଥିଲେ। ଶେଷରେ ଭାଗ୍ୟକୁ ଆଦରି ଗରିବ ଅଇଁଠୁ ଏ ବୟସରେ ପ୍ରତିଦିନ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିବାକୁ ମିଳିଛି। ଅଇଁଠୁ ଗାଁରେ ମିଠା ବେପାର କରି ପରିବାର ପ୍ରତିପୋଷଣ କରୁଥିବା ବେଳେ




**ଚିକିତ୍ସା ପାଇଁ ଅର୍ଥ ବାଧକ**

**ଭଙ୍ଗା ଗୋଡ଼ରେ ଘରେ ପଡ଼ି ରହିଛନ୍ତି ଗରିବ ବୃଦ୍ଧ**

**ଘରୋଇ ଡାକ୍ତରଖାନା ଆୟୁଷ୍ମାନ କାର୍ଡରେ ଚିକିତ୍ସା କରିବାକୁ ଅରାଜି**

ତାଙ୍କ ସ୍ତ୍ରୀ ମଧ୍ୟ ପକ୍ଷାଘାତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଅଛନ୍ତି। ଏକମାତ୍ର ପୁଅ ଅନୁଗୁଳ ଜିଲ୍ଲାରେ କୌଣସି ଫାଷ୍ଟଫୁଡ ଦୋକାନରେ କାର୍ଯ୍ୟ କରୁଛି। ନିଜ ୩୫ ବର୍ଷୀୟ ଅବିବାହିତ ଝିଅର ସେବା ଶୁଶ୍ରୂଷାରେ ବୃଦ୍ଧ ଦମ୍ପତି ପଡ଼ି ରହିଛନ୍ତି। ଦୁର୍ଘଟଣା ଦିନ ମଧ୍ୟ ସେ ମିଠା ବେପାର କରିବା ପାଇଁ ନିକଟସ୍ଥ ସରୁଆଳି ହାଟକୁ ଏକ ଅଟୋରିକ୍ସା ଯୋଗେ ଯାଉଥିଲେ। ଏକ ମାଲ ବୋଝେଇ ଟ୍ରକ ଧକ୍କା ଦେବାରୁ ଦୁର୍ଘଟଣା ଘଟିଥିଲା। ଏହାପରେ ଅଇଁଠୁଙ୍କ ପରିବାରରେ ଦୁର୍ଦ୍ଦଶା ମାଡ଼ି ବସିଥିଲା। ଏପରି ଦୁସ୍ଥିତିରେ ମାଗଣା ସ୍ୱାସ୍ଥ୍ୟ ସେବା ପାଇଁ ମିଳିଥିବା ଆୟୁଷ୍ମାନ କାର୍ଡ ତାଙ୍କ ପାଇଁ ଏକ ଉପହାସ ହୋଇଛି। ଅନ୍ୟ ପକ୍ଷରେ ଉକ୍ତ ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ମୋବାଇଲ ଫୋନ ଯୋଗେ ମତାମତ ନେବାରୁ ସେ ତାଙ୍କ ଚିକିତ୍ସାଳୟରେ ସର୍ଜରୀ ଡାକ୍ତର ନ ଥିବା ଏବଂ ୧୯ ଶଯ୍ୟା ବିଶିଷ୍ଟ ଉକ୍ତ ସେବା ସଦନରେ ପ୍ରତିଦିନ ପ୍ରସୂତି ମହିଳାଙ୍କ ଯୋଗୁଁ ଶଯ୍ୟା ଭର୍ତ୍ତି ରହୁଥିବା କହିଥିଲେ। ସର୍ଜରୀ ଚିକିତ୍ସାରେ ଗୋଟିଏ ରୋଗୀଙ୍କ ପାଇଁ ଦୀର୍ଘ ଦିନ ଶଯ୍ୟା ଆବଶ୍ୟକ ହେଉଥିବାରୁ ଆୟୁଷ୍ମାନ କାର୍ଡରେ ସର୍ଜରୀ ବିଭାଗ ରୋଗୀଙ୍କୁ ଭର୍ତ୍ତି କରୁ ନଥିବା ସେ କହିଥିଲେ। ତେବେ ପ୍ରବଳ ଶୀତରେ ଭଙ୍ଗା ଗୋଡ ଯନ୍ତ୍ରଣାରେ ଛଟପଟ ହେଉଥିବା ଗରିବ ଅଇଁଠୁ ଓ ତାଙ୍କ ଶଯ୍ୟାଶାୟୀ ସ୍ତ୍ରୀଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ସହାୟତାରେ ଚିକିତ୍ସା ସୁବିଧା ଯୋଗାଇବାକୁ ସାହି ପଡ଼ିଶା ଜିଲ୍ଲା ପ୍ରଶାସନକୁ ଗୁହାରି କରିଛନ୍ତି।

**ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ରାଞ୍ଚି ଫାଇଟର୍‌କୁ ପରାସ୍ତ କରି ଫାଇନାଲରେ କଟକ ୟୁନିଅନ୍ ସ୍ପୋର୍ଟିଂ

**ଦେବଗଡ଼, ୨୭।୧୨(ସମିସ):** ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍ ଠାରେ ବାମଣ୍ଡା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ୩୫ ତମ ସର୍ବ ଭାରତୀୟ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ଦ୍ୱିତୀୟ ସେମିଫାଇନାଲ




ମ୍ୟାଚ୍ ରାଞ୍ଚି ଫାଇଟର୍ ବନାମ ୟୁନିଅନ୍ ସ୍ପୋର୍ଟିଂ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ରାଞ୍ଚି ଦଳକୁ ୧୫୯ ରନ୍‌ରେ ପରାସ୍ତ କରି କଟକ ଫାଇନାଲରେ ପ୍ରବେଶ କରିଛି। ରାଞ୍ଚି ଦଳ ଟସ୍ ଜିତି କଟକ ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। କଟକ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୪ ୱିକେଟ୍ ହରାଇ ୨୪୫ ରନ୍ କରିଥିଲା। ଦଳ ପକ୍ଷରୁ ବିଶ୍ୱଜିତ୍ ପ୍ରଧାନ ଅପରାଜିତ ୧୦୦ ଓ ରାଜୀବ ଲୋଚନ ସାହୁ ୯୦ ରନ କରିଥିବା ବେଳେ ରାଞ୍ଚି ଦଳର ବୋଲର ଅରୁଣ ଯାଦବ ୨ଟି ୱିକେଟ ନେଇଥିଲେ। ଏହାର ଜବାବରେ ରାଞ୍ଚି ଦଳ ବ୍ୟାଟିଂ କରି ୧୩.୫ ଓଭରରେ ସମସ୍ତ ୱିକେଟ ହରାଇ ୮୬ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ରାହୁଲ ମାହାତୋ ୨୯ ଓ ପ୍ରଦ୍ୟୁମ୍ନ ୨୨ ରନ୍ ସଂଗ୍ରହ କରିଥିଲେ। କଟକ ଦଳର ବୋଲର ଗଣେଶ ତମାର ୪ଟି ଓ ଅଧିନାୟକ ସୌରଭ କାନୋଜିଆ ୩ଟି ୱିକେଟ ନେଇଥିଲେ। ମ୍ୟାଚ୍‌କୁ ଅମ୍ପାୟାର ସତ୍ୟ ପ୍ରସାଦ ରଥ ଓ ସୌମ୍ୟ ଦର୍ଶନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରୋମି ନାୟକ ଓ ରିତିକ୍ ଦେହୁରୀ ଦାୟିତ୍ୱ ତୁଲାଇଥିଲେ। ସେହିପରି ବେଣୁଧର ଗଡ଼ନାଏକ ଓ ଦିଲୁ ଦାସଭାୟା ଧାରାବିବରଣୀ ପ୍ରଦାନ କରିଥିଲେ। ଆଜିର ମ୍ୟାଚ୍‌ରେ କଟକ ଦଳର ବିଶ୍ୱଜିତ୍ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଅପରାହ୍ଣରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ଜିଲ୍ଲା ସରପଞ୍ଚ ସଙ୍ଘ ସଭାପତି ସତ୍ୟ ନାରାୟଣ ପାଣି ଓ ଯୁବ ନେତା ଭୋଳେଶ୍ୱର ପ୍ରଧାନ ଅତିଥି ଭାବେ ଯୋଗ ଦେଇ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

### ବଲାଙ୍ଗିରରେ ଅଗ୍ନି ନିରାପତ୍ତା ଆଇନର ଖୋଲା ଉଲ୍ଲଂଘନ

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ୍ସପାୟାରୀ ଅଗ୍ନି ନିର୍ବାପକ ଯନ୍ତ୍ର

ବଲାଙ୍ଗିର,୨୭ ।୧୨(ସମିସ)

ବଲାଙ୍ଗିର ଜିଲ୍ଲାରେ ଅଗ୍ନି ନିରାପତ୍ତା ଆଇନ କାମ କରୁନି। ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନ, କୋଠା, ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର, ହୋଟେଲ, ହୋଷ୍ଟେଲ, ସପିଂ ମଲ୍ ପାଇଁ ସ୍ୱତନ୍ତ୍ର ଅଗ୍ନି ନିରାପତ୍ତା ଆଇନ ରହିଛି। ଏହି ଆଇନ ଅନୁସାରେ ଏହି ସବୁ ସ୍ଥାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିବା କଥା। ସେହିପରି ଜରୁରୀ କାଳିନ ପରିସ୍ଥିତି ପାଇଁ ପାଣି, ନିଆଁ ଲିଭାଇବା ଯନ୍ତ୍ର(ଫାୟାର ଏକ୍ଷିଙ୍ଗ୍ୟୁରିସର) ଓ ଜରୁରୀକାଳିନ ଦ୍ୱାର ରହିବା କଥା; କିନ୍ତୁ ବଲାଙ୍ଗିର ସହର ସମେତ ଜିଲ୍ଲାରେ ଏହିଥିବା ଏହିଭଳି ପ୍ରତିଷ୍ଠାନ ଏହି ଆଇନକୁ ବେଖାତରି କରୁଥିବା ପ୍ରମାଣ ମିଳିଛି। ଏହାର ଅନେକ ଉଦାହରଣ ରହିଛି। ଖୋଦ୍ ସରକାରୀ କାର୍ଯ୍ୟାଳୟରେ ଏହାକୁ ବେଖାତିର କରାଯାଉଛି।



ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ବିଭିନ୍ନ ବିଭାଗରେ ଲାଗିଥିବା ଅଗ୍ନି ନିର୍ବାପକ ଯନ୍ତ୍ରଗୁଡିକ ନାମକୁ ମାତ୍ର ଲାଗିଛି। ରକ୍ତ ଭଣ୍ଡାର ଭିତରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ରର ଅବସ୍ଥା ମଧ୍ୟ ଶୋଚନୀୟ। ଏହି ସବୁ ଯନ୍ତ୍ରଗୁଡିକର ବର୍ଷକ ପୂର୍ବରୁ ଅବଧି ସରିଯାଇଛି। ଶେଷଥର ଏହା ୨୦୨୩ ନଭେମ୍ବର ୧୪ ତାରିଖରେ ରିଫିଲିଂ

- ସବୁଆଡେ ନାମକୁ ମାତ୍ର ଲାଗିଛି
- ବର୍ଷେ ହେଲା ଅବଧି ସରିଲାଣି
- ନା ରିଫିଲିଂ ହେଉଛି ନା ନୂଆ ଲାଗୁଛି

ହୋଇଥିଲା। ବର୍ଷେ ଅର୍ଥାତ ୨୦୨୪ ନଭେମ୍ବର ୧୪ ତାରିଖରୁ ଏହାର ଅବଧି ସରିସାରଲାଣି। ଅବଧି ସରିବାକୁ ବି ବର୍ଷେ ହୋଇସାରିଛି। ଏହା ସତ୍ତ୍ୱେ ନା ଏହା ରିଫିଲିଂ ହୋଇଛି ନା ନୂତନ ଯନ୍ତ୍ର ଲଗାଯାଉଛି। ତେବେ ଏହି ଅଗ୍ନି ନିର୍ବାପକ ଯନ୍ତ୍ର କେବଳ ଲୋକ ଦେଖାଣିଆ ଭାବେ ଲାଗିଛି। ଏଗୁଡ଼ିକର ଅବଧି କେବେ ସରିବ ସେ ନେଇ କେହି ତତ୍ପର ନୁହନ୍ତି। ନିୟମିତ ଭାବେ ରିଫିଲିଂ କରିବାକୁ ସରକାରୀ ଅଧିକାରୀ ମାନେ ଭୁଲି ଯାଇଛନ୍ତି।

ବଲାଙ୍ଗିର ସହରରେ ଥିବା ହୋଟେଲ, ପେଟ୍ରୋଲ ପମ୍ପ, ବ୍ୟାଙ୍କ, ସପିଂ ମଲ, ଶିକ୍ଷାନୁଷ୍ଠାନ, ନର୍ସିଂହୋମ ଲାଇସେନ୍ସ କରିବା ସମୟରେ ଏହି ଅଗ୍ନି ନିର୍ବାପକ ଯନ୍ତ୍ରକୁ ଠିକ୍ ରଖୁଥିବା ବେଳେ ଥରେ ଅନୁମତି ମିଳିଗଲେ ଆଉ ସେଥିପ୍ରତି କେହି ଧ୍ୟାନ ଦେଉ ନାହାନ୍ତି। ସହରରେ ଥିବା କିଛି ପେଟ୍ରୋଲ ପମ୍ପରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ର ଗୁଡିକ ବର୍ଷ ବର୍ଷ ପୂର୍ବରୁ ଅବଧି ସରିଯାଇଥିବା ସତ୍ତ୍ୱେ ତାକୁ ପରିବର୍ତ୍ତନ କରାଯାଇନି। ଗତ କିଛି ଦିନ ହେଲା ବଲାଙ୍ଗିରରେ ଥିବା ହୋଟେଲଗୁଡ଼ିକରେ ବିଭିନ୍ନ ପ୍ରକାର ଅନୁମତିକୁ ନେଇ ଯାଞ୍ଚ କରାଯିବା ସହ ସିଲ୍ କରାଯାଉଛି। ଏହି କ୍ରମରେ ଦୁଇଟି ହୋଟେଲ ଓ ଗୋଟିଏ ବିବାହ ମଣ୍ଡପ ସିଲ୍ ହୋଇଛି। ଏଯାଏଁ ଅଗ୍ନିଶମ ବିଭାଗ ପକ୍ଷରୁ ଯେଉଁଭଳି ଭାବେ ଅଗ୍ନି ନିରାପତ୍ତା ଆଇନ ସୁନିଶ୍ଚିତ କରିବା ପାଇଁ ଯାଞ୍ଚ କରାଯିବା କଥା ତାହା ହୋଇନି। ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ କେବଳ ନିଆଁ ଲିଭାଇବା କାମରେ ଲାଗିଛନ୍ତି। ଅଗ୍ନି ନିରାପତ୍ତା ଆଇନ ପ୍ରମାଣପତ୍ର ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ନିୟମିତ ଭାବେ ବିଭାଗ ପକ୍ଷରୁ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ରହିଛି। ବଲାଙ୍ଗିରରେ ଏହାର କୌଣସି ପ୍ରଭାବ ଦେଖିବାକୁ ମିଳୁନାହିଁ। ଏମିତିକି ଅନେକ ବଡ ପ୍ରତିଷ୍ଠାନ ରହିଛି ଯେଉଁମାନଙ୍କ ପାଖରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ମଧ୍ୟ ନାହିଁ। ଯଦି ବଲାଙ୍ଗିର ଜିଲ୍ଲାରେ କୌଣସି ବି ସ୍ଥାନରେ ବଡ ଧରଣର ଅଗ୍ନିକାଣ୍ଡ ଘଟିଲା ତେବେ କିଏ ଦାୟୀ କିଏ ରହିବ ତାହା ବଡ ପ୍ରଶ୍ନ।

# ବିକାଶର ବହୁ ଦୂରରେ ସଇଁତଲା

ସଇଁତଲା,୨୭ ।୧୨(ସମିସ): ବଲାଙ୍ଗୀର ଜିଲ୍ଲାର ସଇଁତଲା ଅଞ୍ଚଳବାସୀଙ୍କ ସମୂହ ସ୍ୱାର୍ଥକୁ ସରକାର ଉପେକ୍ଷା କରୁଛନ୍ତି। ଏଣୁ ସାଧାରଣ ଜନତାଙ୍କ ଦୁଃଖ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଏପରି ସ୍ଥିତିରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ସେବାରେ ଲୋକଭିମୁଖୀ ନେଇ ସାଧରଣଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସହରରେ ଜନସଂଖ୍ୟା ୧୫୦୦୦ରୁ ଅଧିକ ରହିଛି। ବ୍ଲକର ଜନସଂଖ୍ୟା ଲକ୍ଷାଧିକ ଟପିଲାଣି। ଏ ସବୁ ଦୃଷ୍ଟିରୁ ସଇଁତଲା ଅଞ୍ଚଳବାସୀଙ୍କ ଆବଶ୍ୟକତା ଅନୁସାରେ ସରକାରଙ୍କ ପ୍ରଶାସନିକ ସେବା ଲୋକଭିମୁଖୀ ଯୋଜନାଗୁଡିକ ଠିକ ଫଳପ୍ରଦ ହେଇ ପାରୁ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ସଇଁତଲା ଏକ ପ୍ରାଚୀନ ସହର ହୋଇଥିବା ବେଳେ ଏହାର ଏକ ସ୍ୱତନ୍ତ୍ର ପରିଚୟ ରହିଛି; କିନ୍ତୁ ଏ ସବୁ ଭିତରେ ଦୀର୍ଘ ବର୍ଷ ହେଲା ସଇଁତଲା ଅଞ୍ଚଳବାସୀଙ୍କୁ ସରକାର ଉଚିତ ଲୋକଭିମୁଖୀ ଯୋଜନା ପହଞ୍ଚାଇବାରେ ଅସମର୍ଥ। ସଇଁତଲା ସହରକୁ ବହୁ ଦିନରୁ ଏନଏସି ମାନ୍ୟତା ପାଇଁ ଦାବି ହୋଇ ଆସୁଛି; ହେଲେ ସରକାର କର୍ଣ୍ଣପାତ କରୁନାହାନ୍ତି। ଏହା ଯୋଗୁଁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରର ମୁଖ୍ୟ ରାସ୍ତାଗୁଡିକର ଅବସ୍ଥା ନ କହିବା ଭଲ। ଖାଲଖମା ଓ ଟିକିଏ ବର୍ଷା ହେଲେ କାଦୁଅ ପଚପଚ ହେଉଛି। ସହରରେ ନା ଭଲ ରାସ୍ତା ଅଛି ନା ଆଲୋକୀକରଣ ବ୍ୟବସ୍ଥା। ଚାରିଆଡେ ଅଳିଆ। ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ବସଷ୍ଟାଣ୍ଡରେ ପରିସ୍ରାଗାର ନାହିଁ। ଏଣୁ ଯାତ୍ରୀ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରରେ ଡ୍ରେନେଜ ଅବସ୍ଥା ମଧ୍ୟ ଠିକ ନାହିଁ। ସଇଁତଲା ସରପଞ୍ଚ ସୁବ୍ରତ ନାଗ କହିଛନ୍ତି ଯେ, ସଇଁତଲା ଏକ ବଡ଼ ସହର। ସହରକୁ ସୁନ୍ଦର କରିବା ପାଇଁ ସବୁ ଅବ୍ୟବସ୍ଥା ସୁଧାରିବା ପାଇଁ ବହୁ ପଇସା ଦରକାର। ସରକାର ପଞ୍ଚାୟତକୁ ସେତିକି ଅନୁଦାନ ଦେଉ ନାହାନ୍ତି। ସେଥିପାଇଁ ଏମିତି ଅବସ୍ଥା ରହୁଛି ବୋଲି କହିଥିଲେ। ସେହିଭଳି ୨୨ଟି ପଞ୍ଚାୟତର ଲୋକଙ୍କ ସାହା ଭରସା ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର; ହେଲେ ଏଠାକୁ ଆସି ଲୋ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ଡାକ୍ତର ପଦବୀ ବହୁ ଦିନରୁ ଖାଲି ପଡ଼ିଛି। ଯେଉଁ ଡାକ୍ତରମାନେ ଅଛନ୍ତି ସେମାନେ ମଧ୍ୟ ଭଲ ଭାବେ ତାଙ୍କ କାର୍ଯ୍ୟ କରୁ ନାହାନ୍ତି। ଅଳ୍ପ ବର୍ଷା ହେଲେ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟକୁ ପାଣି ପଶୁଛି। ନିକଟରେ ସଇଁତଲା ଅଞ୍ଚଳବାସୀ ବିଧାୟକଙ୍କୁ ଭେଟି ମେଡିକାଲ ଅଫିସରଙ୍କ ବଦଳି ଓ ନୂତନ ଡାକ୍ତରଙ୍କ ନିଯୁକ୍ତି ପାଇଁ ଏକ ଦରଖାସ୍ତ ଦେଇଛନ୍ତି। ତାହାର ମଧ୍ୟ କିଛି ସୁଫଳ ମିଳିନି। ଅଞ୍ଚଳକୁ ବିକାଶ କରିବା ପାଇଁ ନା ସାଂସଦ ସଂଗୀତା ସିଂଦେଓଙ୍କ ଇଚ୍ଛା ଅଛି ନା ବିଧାୟକ ନବୀନ ଜୈନଙ୍କ ଇଚ୍ଛା ଅଛି। ଦେଢ଼ ବର୍ଷ ହେବ ବିଧାୟକ ଏ ଅଞ୍ଚଳ ପାଇଁ କ'ଣ କରିଛନ୍ତି ବୋଲି ସାଧାରଣ ଜନତା ଏବେ ପ୍ରଶ୍ନ କରୁଛନ୍ତି। ବାସ୍ତବରେ ସଇଁତଲା ବିକାଶରୁ ବହୁ ଦୂରରେ ରହିଛି। ସରକାରୀ ଅବହେଳା ପାଇଁ ଲୋକେ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି।



ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଡାକ ସେବା କାର୍ଯ୍ୟାଳୟ ପକ୍ଷରୁ ସୁକନ୍ୟା ସମୃଦ୍ଧି ଯୋଜନା ଉପରେ ସଚେତନ ଶୋଭାଯାତ୍ରା

# ମାର୍ଚ୍ଚ ୧୬ରେ ନିଃଶୁଳ୍କ ବ୍ରତୋପନୟନ

ବଲାଙ୍ଗିର,୨୭ ।୧୨(ସମିସ): ସ୍ଥାନୀୟ ଶ୍ରୀ ଶ୍ରୀ ନୃସିଂହ ମନ୍ଦିର କାର୍ଯ୍ୟାଳୟରେ ନିଖିଳ ଓଡିଶା ବ୍ରାହ୍ମଣ ମହାସଭା ଦ୍ୱାରା ଅନୁବନ୍ଧିତ ଜିଲ୍ଲା ବ୍ରାହ୍ମଣ ମହାସଭା ବଲାଙ୍ଗିରର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଭାର କାର୍ଯ୍ୟକାରୀ ପରିଷଦର ବୈଠକ ସଭାପତି ପ୍ରାଣବଲ୍ଲଭ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ସଭା ପ୍ରାରମ୍ଭରେ ସଂପାଦକ ନରେନ୍ଦ୍ର ଆ.ର୍ଯ୍ୟ ପୂର୍ବ ବୈଠକର ବିବରଣୀ ସହ ବିଭିନ୍ନ ସମସ୍ୟା ଓ କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ। ପୂର୍ବରୁ ଗଠନ ହୋଇଥିବା ସ୍ମରଣିକା କମିଟିର କେତେକ ତ୍ରୁଟିକୁ ସଂଶୋଧନ କରାଯାଇ ଅଭିଜ୍ଞ, ବିଦ୍ୟାନ, ଦକ୍ଷତା ସମ୍ପନ୍ନ ବ୍ୟକ୍ତିଙ୍କୁ ନେଇ ମୁଦ୍ରଣ ଓ ପ୍ରକାଶନ କରିବା ପାଇଁ ବୈଠକ ନିଷ୍ପତ୍ତି ନିଆଯାଇଛି। ମାର୍ଚ୍ଚ ୧୬ରେ ଗରିବ ବ୍ରାହ୍ମଣ ସନ୍ତାନମାନଙ୍କୁ ସାମୂହିକ ନିଃଶୁଳ୍କ ବ୍ରତୋପୟନ ପାଇଁ ସ୍ଥିର ହୋଇଛି। ଏଥିପାଇଁ ଆଗ୍ରହୀ ବ୍ୟକ୍ତି ଫୋନ ନଂ. ୯୪୩୭୨୪୧୭୩୨କୁ ଯୋଗାଯୋଗ କରିପାରିବେ ବୋଲି କୁହାଯାଇଛି।

# ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ତରଭା,୨୭ ।୧୨(ସମିସ): ତରଭା ବ୍ଲକ ମେଣ୍ଡା ହାଇସ୍କୁଲ ଖେଳପଡ଼ିଆରେ ମେଣ୍ଡା ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ୪୩ତମ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଶନିବାର ଆରମ୍ଭ ହୋଇଛି।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶମ୍ଭୁଭୂଷଣ ପରଧିଆ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ କୁମୁଣ୍ଡେ ଓ ରାଣୀକଟା କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଣୀକଟା ଦଳ ଟସ ଜିଣି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ନିର୍ଧାରିତ ୯ ଓଭରରେ କୁମୁଣ୍ଡେ ଦଳ ୭୯ରନ ସଂଗ୍ରହ କରିଥିବା ବେଳେ ରାଣୀକଟା ୫ ଓଭରରେ କୌଣସି ୱାଇକେଟ ନ ହରାଇ ୮୦ରନ୍ ସଂଗ୍ରହ କରିଥିଲା। ଡୁବୁଲ୍ ଦଣ୍ଡସେନା ଓ ଗଜେନ୍ଦ୍ର ମେହେର ଖେଳ ପରିଚାଳନା କରିଥିଲେ। ଧୀରେନ୍ଦ୍ର ଝାଙ୍କର ଧାରାବିବରଣୀ ପ୍ରଦାନ କରିଥିଲେ। ଅଂଶ ପୁଜାହାରୀ ଓ ପିଣ୍ଟୁ ଦାସ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଅନ୍ତର୍ଯ୍ୟାମୀ ଦଣ୍ଡସେନା, ପିଙ୍କୁ ହାତୀ, ଡୁବୁଲ, ସୁନିଲ ସେଠୀ, ବିଶି, ସୁରଜ, ପିଣ୍ଟୁ, ପ୍ରଶାନ୍ତ, କୁନ୍ଦନ, ସୁରେଶ, ସନ୍ତୋଷ, ହୃଷିକେଶ ପାତ୍ର, ଗୋବିନ୍ଦ ଦଣ୍ଡସେନା, ବିଶ୍ୱ ରଞ୍ଜନ ଦଳବେହେରା, ମହାଦେବ ଜେନା ସହ ସ୍ପୋର୍ଟିଂ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଭାବପୁର-ହିଞ୍ଜୀଳ ରାସ୍ତା ଶୋଚନୀୟ

# ମାଟି ମୁଠାଏ ମଧ୍ୟ ପଡୁନି

ବୌଦ୍ଧ,୨୭ ।୧୨(ସମିସ)

ଭାବପୁରଠାରୁ ଗେରିଡିସାହି ଦେଇ ହିଞ୍ଜୀଳ ରାସ୍ତା ଶୋଚନୀୟ ହୋଇ ପଡିଛି। ଭାବପୁର ଛକରୁ ହିଞ୍ଜୀଳ ପର୍ଯ୍ୟନ୍ତ ୧୫ କିଲୋମିଟର ରାସ୍ତା ସଂପୂର୍ଣ୍ଣ ଖରପ ହୋଇ ପଡିଛି। ଏହା ଫଳରେ ଖରା ଓ ଶୀତ ଦିନେ ଛାଡିଦେଲେ ବର୍ଷା ଦିନେ ଏହି ରାସ୍ତାରେ ମଟର ସାଇକଲ ଓ ସାଇକଲ ଯିବା ସମ୍ଭବ ହୋଇପାରୁନାହିଁ। ଏହି ରାସ୍ତା ଦେଇ ସିଧାସଳଖ ବୌଦ୍ଧରୁ ନୟାଗଡ଼କୁ ଯିବା ଆସିବା ସହଜ ହୁଏ।



ଏହି ରାସ୍ତା ୧୨ ଖଣ୍ଡ ମୌଜାର ଜନସାଧାରଣଙ୍କ ନୀତିଦିନିଆ ରାସ୍ତା। କୁସଙ୍ଗ ଦୈନିକ ବଜାର ସହିତ ବ୍ୟାଙ୍କ, ସ୍କୁଲ ସମବାୟ, ଚିକିତ୍ସାଳୟ, ମଙ୍ଗଳବାର ସାପ୍ତାହିକ ହାଟ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଶହଶହ ଲୋକେ ପ୍ରତିଦିନ ଏହି ରାସ୍ତାରେ ଯିବା ଆସିବା କରିଥାନ୍ତି। ରାଜ୍ୟରେ ବିଜେପି ସରକାର ଗଢିବା ଦେଢ ବର୍ଷ ହୋଇ ଗଲାଣି; ହେଲେ ଏହି ରାସ୍ତାରେ ଏ ପର୍ଯ୍ୟନ୍ତ ମାଟି ମୁଠେ ପଡିନି। ଏହି ରାସ୍ତା ଭାବପୁର, ମୁତୁରି ବଣିଆ, ହାତୀଗଡ଼, ଘୁଙ୍ଗୁରୁ ପଡା, ନୁଆଁପଡା, ବୁବା ଆମ୍ବ, ସିମିଗୁଡା, ଗେରିଡି ସାହି, ତଇଲା ସାହି, ଧୂବା ସାହି, ଶ୍ରୀପାଜୁ ଓ ହିଞ୍ଜଳବାସୀଙ୍କ ନୀତି ଦିନିଆଁ ରାସ୍ତା। ରାସ୍ତା ସମସ୍ୟା ଦୂର ନ ହେଲେ ପଞ୍ଚାୟତ ନିର୍ବାଚନରେ ଜନସାଧାରଣ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ପଞ୍ଚାନନ ବେହେରା, ଗୁଲେଖ ବେହେରା, ଚଇତନ୍ୟ ଦଣ୍ଡସେନା, ପ୍ରଦୀପ ଗୁରୁ, ସୁଧୀର ସାମଲ, ଜୟନ୍ତ ଦେହୁରୀ, ଜନକ ବେହେରା, ରଞ୍ଜନ ସେନାପତି, ପ୍ରଦୀପ ସାହୁ ପ୍ରମୁଖ ସରକାର ଓ ପ୍ରଶାସନ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି।

# ବାଳାଶ୍ରମ ପ୍ରଥମ ହାଉସ୍ ମଦରଙ୍କ ସ୍ମୃତିଚାରଣ



ହରଭଙ୍ଗା,୨୭ ।୧୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବିରନରସିଂହପୁରସ୍ଥିତ ରାମକୃଷ୍ଣ ବାଳାଶ୍ରମର ପ୍ରଥମ ହାଉସ୍ ମଦର ତଥା ତିଳେଶ୍ୱର ଗ୍ରାମର ସ୍ୱର୍ଗତ ଶ୍ରୀନିବାସ ମିଶ୍ରଙ୍କ ଜ୍ୟୋଷ୍ଠ କନ୍ୟା କୁମାରୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଅନୁଷ୍ଠାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ନବୀନ ବଘାରଙ୍କ ନେତୃତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଆଶ୍ରମର ସମସ୍ତ ଅନ୍ତେବାସୀ ତାଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ କୁମାରୀଙ୍କ ଭାଇ ଅନ୍ତର୍ଯ୍ୟାମୀ ମିଶ୍ର, ଭାଉଜ ସବିତା ମିଶ୍ର, ପୁତୁରା ବିକାଶ ରଞ୍ଜନ ମିଶ୍ର, ବୋହୁ ତୃପ୍ତି ମିଶ୍ର, ନାତୁଣୀ ଖୁସି ଯୋଗ ଦେଇଥିଲେ।

# ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କଲା ମନମୁଣ୍ଡା ପୁଲିସ

ଶଡଡା, ୨୭ ।୧୨(ସମିସ): ମନମୁଣ୍ଡା ଥାନା ଅଧୀନ ବାଦାଙ୍ଗି ଓ ଖରଙ୍ଗାଗାଡୁ ଗ୍ରାମ ନିକଟ ଜଙ୍ଗଲରେ ପୁଲିସ ୮୩ ଏକର ଜାଗାରୁ ୮୨ ହଜାର ୭୭୦ରୁ ଅଧିକ ଗଞ୍ଜେଇ ଗଛକୁ କାଟି ପୋଡି ନଷ୍ଟ କରିଛି। ଏହି ଚଢ଼ଉରେ ଥାନା ଅଧିକାରୀ ସସ୍ମିତା ମଗରଙ୍କ ସହ କର୍ମଚାରୀ ସାମିଲ ଥିଲେ। ଏ ନେଇ ମନମୁଣ୍ଡା ଥାନାରେ ୪୧୭/୨୫ରେ ଏକ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି।



### ୧୦ଦିନ ହେଲା ସ୍ୱାମୀ ନିଖୋଜ

# ନ୍ୟାୟ ପାଇଁ ୨ ଝିଅ ସହ ମହିଳା ଥାନାର ଦ୍ୱାରସ୍ଥ

ବିନିକା,୨୭ ।୧୨(ସମିସ): ୧୦ଦିନ ହେଲା ସ୍ୱାମୀ ନିଖୋଜ ଥିବା ଅଭିଯୋଗ ଆଣି ଜଣେ ମହିଳା ତାଙ୍କ୨ଝିଅ ସହ ନ୍ୟାୟ ପାଇଁ ବିନିକା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବିନିକା ଥାନା ଅଧୀନ ଗୁଲାପଡ଼ା ଗ୍ରାମର ପ୍ରକାଶ ମହାନ୍ତି କାମସାରି ସନ୍ଧ୍ୟାରେ ଘରକୁ ଫେରିଥିଲେ। ପୁଣି ଚପଲ କିଣିବାକୁ ଘରୁ ବାହାରି ଚାଲି ଯାଇ ଆଉ ସେହିଦିନ ଠାରୁ ଘରକୁ ଆସି ନ ଥିବା ସ୍ତ୍ରୀ ବନିତା ମହାନ୍ତି ବିନିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ କହିବା ଅନୁସାରେ ମୋ ସ୍ୱାମୀ ୧୦ଦିନ ହେଲା ନିଖୋଜ ଅଛନ୍ତି। ତାଙ୍କୁ କେହି ହତ୍ୟା କରିଥିବା ଓ ମାଟିରେ ପୋତି ଦେଇଥିବା ସନ୍ଦେହ କରି ନ୍ୟାୟ ମାଗିଛନ୍ତି। ତାଙ୍କୁ ଜୀବିତ ହେଉ କି ମୃତ ଖୋଜି ଆଣି ମତେ ଦେବାକୁ ସେ ପୁଲିସ ଆଗରେ ଗୁହାରି କରିଛନ୍ତି। ତାଙ୍କର ଖୋଜଖବର ମିଳୁ ନ ଥିବାରୁ ଆମେ ଦୁଃଖକଷ୍ଟରେ ଚଳୁଛୁଁ। ପୁଲିସ ଘଟଣାକୁ ଗୁରୁତ୍ୱଦେଇ ସବୁ ଦିଗରୁ ତଦନ୍ତ ପ୍ରକ୍ରିୟାକୁ ଜୋର କରିଥିବା ସୂଚନା ମିଳିଛି।

# ବାଲ୍ୟ ବିବାହ ମୁକ୍ତ ଭାରତ ପାଇଁ ସଚେତନତା କାର୍ଯ୍ୟକ୍ରମ




ବୌଦ୍ଧ,୨୭ ।୧୨(ସମିସ): ବୌଦ୍ଧ ବ୍ଲକ୍ ପଦ୍ମନପୁର ପଞ୍ଚାୟତ ବୁଢୀପଦରସ୍ଥିତ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ଯୁବ କେନ୍ଦ୍ର (ବଣିନାଳି) ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ବାଲ୍ୟ ବିବାହ ଭାରତ ମୁକ୍ତ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଶ୍ୱେତା ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସଚେତନତା ଅଭାବରୁ ଗ୍ରାମାଞ୍ଚଳରେ ବାଲ୍ୟ ବିବାହ ହେଉଛି। ଏହାକୁ କିପରି ରୋକାଯାଇ ପାରିବ ସେ ସମ୍ପର୍କରେ ସେ ବୁଝାଇଥିଲେ। ଯଦି ଏପରି ଘଟଣା ନଜରକୁ ଆସେ ତେବେ ତୁରନ୍ତ ସର୍ବଭାରତୀୟ ଟୋଲ୍ ଫ୍ରି ନମ୍ବର ୧୦୯୮ରେ ଜଣାଇବାକୁ କହିଥିଲେ। ସେହିଭଳି ସ୍ଥାନୀୟ ଅଙ୍ଗନବାଡି କର୍ମୀ କିମ୍ବା ଆଇସିଡ଼ିଏସ କାର୍ଯାଳୟକୁ ଖବର ଦେବାକୁ ସେ ପରାମର୍ଶ ଦେଇଥିଲେ। ବାଲ୍ୟ ବିବାହର କୁପରିଣାମ, ଏହାର ଦଣ୍ଡ ବିଧାନ ଓ ଏହାକୁ କିପରି ବନ୍ଦ କରାଯାଇ ପାରିବ ସେ ଉପରେ ଆଲୋଚନା ସେ କରିଥିଲେ।

### ୨୯ତମ ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍

# କର୍ଣ୍ଣାଟକକୁ ହରାଇ ଫାଇନାଲରେ କ୍ୟୁସିଆଇ ଛତିଶଗଡ଼

ବୀରମହାରାଜପୁର,୨୭ ।୧୨(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଲୁତୁରପଙ୍କ ହାଇସ୍କୁଲ ପଡ଼ିଆରେ ହେଉଥିବା ୨୯ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପର ଶନିବାର ସେମିଫାଇନାଲ ମ୍ୟାଚରେ ବାଙ୍ଗାଲୋର ସିଟି ଏକାଦଶ କର୍ଣ୍ଣାଟକକୁ ହରାଇ କ୍ୟୁସିଆଇ ଛତିଶଗଡ଼ ଫାଇନାଲରେ ପ୍ରବେଶ କରିଛି।




ଫାଇନାଲ ମ୍ୟାଚ ଟି ଟି-୨୦ ଓ ଟି-୧୦ ଫର୍ମାଟ ରେ ଖେଳାଯାଇଥିଲା। ଛତିଶଗଡ଼ ଦଳ ଟସ୍ ଜିଣି ପ୍ରଥମ ଫର୍ମାଟରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୨୪ ରନ୍ କରିଥିଲା। ଦଳର କ୍ରିତେଶ ସାହୁ ୩୨ ବଲ ରୁ ୭୫ ରନ୍, ହମିଦ ରାଜା ଓ ଆକାଶ ସିଂ ୩୯ ରନ୍ ଲେଖାଏଁ କରିଥିଲେ। ବିପକ୍ଷ ରାଗା ଶିବଶଙ୍କର ୨ ଟି ଉଇକେଟ ନେଇଥିଲେ। ଜବାବରେ କର୍ଣ୍ଣାଟକ ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୯ ରନ୍ କରିଥିଲା। ଦଳର ବିନୟ ମିସ୍କି ୩୬ ଓ ସନ୍ଦୀପ କୁମାର ୩୪ ରନ କରିଥିଲେ। ବିପକ୍ଷ ବିବେକ କୁମାର ୪ ଟି ଓ ହମିଦ ରାଜା ୨ ଟି ଉଇକେଟ ନେଇଥିଲେ। ଟି -୧୦ ଫର୍ମାଟରେ ଛତିଶଗଡ଼ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୩୬ ରନ୍ କରିଥିଲା। ଦଳର ଶଶାଙ୍କ ଚନ୍ଦ୍ରକର ୨୯ ଟି ବଲରୁ ୯୧ ରନ୍ କରିଥିଲେ। ବିପକ୍ଷ ବିନୟ କୁମାର ୨ ଟି ଉଇକେଟ ନେଇଥିଲେ। ଜବାବରେ କର୍ଣ୍ଣାଟକ ୮.୫ ଓଭର ରେ ସମସ୍ତ ଉଇକେଟ ହରାଇ ୭୮ ରନ କରିଥିଲା। ଦଳର ବିନୟ ମସ୍କି ୩୦ ଓ ପବନ ପାୱାର ୨୩ ରନ କରିଥିବାବେଳେ ବିପକ୍ଷ ହମିଦ ରାଜା ଓ ଶନ୍ନୀ ତିୱାରୀ ପ୍ରତ୍ୟେକ ୩ ଟି ଲେଖାଏଁ ଉଇକେଟ ନେଇଥିଲେ। ପିତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଇଂ. ବବ୍ରୁ ବାହନ ପ୍ରଧାନ, ଓମ୍ ପ୍ରକାଶ ମିଶ୍ର, ଜଗତ ଶିରୋମଣି ମେହେର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛତିଶଗଡ଼ର ଶଶାଙ୍କ ଚନ୍ଦ୍ରକରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚ ମଧ୍ୟନ୍ତରରେ ପଞ୍ଚାୟତିରାଜ ପାନୀୟ ଜଳ ଯୋଗାଣ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନାରାୟଣ ନାଏକ, ରାଜ୍ୟ ଅଲମ୍ପିକ ସଂଘର ଉପସଭାପତି ଦୁଲାଲ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ଶାନ୍ତି ଲୁହା, ସରପଞ୍ଚ ସୂର୍ଯ୍ୟନନ୍ଦ, ରେଢାଖୋଲ ଜିଲ୍ଲା ପରିଷଦ ସଭ୍ୟା ଶ୍ରାବଣୀ ଭୋଇ, ଭାଜପା ଜିଲ୍ଲା ସଭାପତି ବେଣୁଧର ଦାସ, ସାଂସଦ ପ୍ରତିନିଧି ନଳିନୀ ପଣ୍ଡା, ଉଷା କୁମାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମ୍ୟାଚଟିକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଶ୍ୟାମସୁନ୍ଦର ପଣ୍ଡା ଓ ପୃଥ୍ୱୀରାଜ ମିଶ୍ର ପରିଚାଳନା କରିଥିବା ବେଳେ ମାନସ ରଞ୍ଜନ ମହାକୁର ସ୍କୋରିଂ, ଚମାରୁ ମହାକୁର ଅନଲାଇନ ସ୍କୋରିଂ ଏବଂ ତନୁଜରାଜ ସାହୁ, ଆଶିଷ ଦେଓ, ମାନସ ନନ୍ଦ, ମ୍ୟାକମିଲନ ମହାକୁର, ପ୍ରାଣବନ୍ଧୁ ସାହୁ ଓ ପୀତାମ୍ବର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ।






# ମୋଦୀ ନା ମମତା


ସବୁ ବର୍ଷ ଭାରତରେ କେଉଁଠି ନା କେଉଁଠି ନିର୍ବାଚନ ହୋଇଥାଏ । ନୂଆ ବର୍ଷରେ ମଧ୍ୟ ଏହି ଧାରା ଜାରି ରହିବ । ୨୦୨୬ରେ ରାଜ୍ୟସଭାର ୭୨ଟି ଆସନ ଖାଲି ହେବ । ଏଥିରେ ଉତ୍ତର ପ୍ରଦେଶର ସର୍ବାଧିକ ୧୦ଟି, ମହାରାଷ୍ଟ୍ରର ୭ଟି, ତାମିଲନାଡୁର ୬ଟି, ପଶ୍ଚିମବଙ୍ଗର ୫ଟି, ଆସାମର ୩ଟି ଆସନ ରହିଛି । ଏହା ସହିତ ତିନିଟି ରାଜ୍ୟ ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ତେଣୁ ବିଜୟୀ ହେଉଥିବା ଦଳର ପ୍ରତିନିଧିତ୍ୱ ରାଜ୍ୟସଭାରେ ବଢ଼ିବ । ସେହିପରି କେରଳ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ମଧ୍ୟ ବିଧାନସଭା ନିର୍ବାଚନ ହେବ । ଏହି ନିର୍ବାଚନରେ ଆଞ୍ଚଳିକ, ଜାତୀୟ ଦଳ ମଧ୍ୟରେ ଲଢେଇ ହେବ । ଆସାମରେ ବିଜେପି-କଂଗ୍ରେସ, ତାମିଲନାଡୁରେ ଡିଏମକେ-ଭିଟିକେ-ଏଆଇଏଡିଏମକେ ଏବଂ ବିଜେପି, ପଶ୍ଚିମବଙ୍ଗରେ ଟିଏମସି-ବିଜେପି, କେରଳରେ ସିପିଆଇ-କଂଗ୍ରେସ ଏବଂ ବିଜେପି ମଧ୍ୟରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ହେବ । ଏସଆଇଆର, ଭୋଟ ଚୋରି ପ୍ରସଙ୍ଗକୁ ନେଇ ବିରୋଧୀ ଏନ୍‌ଡିଏ ବିରୋଧରେ ସଡ଼କରୁ ସଂସଦ ପର୍ଯ୍ୟନ୍ତ ବିକ୍ଷୋଭ ଜାରି ରଖିଛନ୍ତି । ସେହିଭଳି ରାଜସ୍ଥାନରୁ ନେଇ ସାରା ଦେଶରେ ଆରାବଳୀ ପର୍ବତମାଳାରେ ଖଣି ଖୋଳିବା ମାମଲାକୁ ନେଇ ମଧ୍ୟ ଜନ ଆକ୍ରୋଶ ସୃଷ୍ଟି ହୋଇଛି । ଏହା ଭୋଟକୁ ପ୍ରଭାବିତ କରିପାରେ ବୋଲି କୁହାଯାଉଛି । କିନ୍ତୁ ଫଳାଫଳ କଣ ହେବ, ତାହା ଏବେ ଠାରୁ କହିବା ମୁସ୍କିଲ । ତେବେ ସାରା ଦେଶର ନଜର ଏହି ବିଧାନସଭା ନିର୍ବଚନ ଉପରେ ରହିବ ।



ନୂଆ ବର୍ଷରେ ପଶ୍ଚିମବଙ୍ଗରେ ହାଇ ଭୋଲ୍ଟେଜ ଲଢ଼େଇ ଦେଖିବାକୁ ମିଳିବ । ଏଠାକାର ୨୯୬ ଆସନ ବିଶିଷ୍ଟ ବିଧାନସଭାରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମସି ଏବଂ ବିଜେପି ମଧ୍ୟରେ ପ୍ରତ୍ୟକ୍ଷ ମୁକାବିଲା ହେବ । ତେବେ କଂଗ୍ରେସ ଏବଂ ବାମଦଳର ପ୍ରଭାବ ଦିନକୁ ଦିନ ରାଜ୍ୟରୁ ହ୍ରାସ ପାଇବାରେ ଲାଗିଛି । ଏଠାରେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ତାଙ୍କର ପୂର୍ବତନ ସହଯୋଗୀ ମମତାଙ୍କ ମଧ୍ୟରେ କଡ଼ା ମୁକାବିଲା ହେବ । ବିଜେପି ଶୁଭେନ୍ଦୁଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖୁଛି । ସେ ହିଁ ମମତାଙ୍କୁ କଡ଼ା ଟକ୍କର ଦେଇପାରିବେ ବୋଲି ଅନେକ ନେତା ଭାବୁଛନ୍ତି । ମାତ୍ର ଗତ ଥର ଯେଭଳି ଭାବେ ଶୁଭେନ୍ଦୁ ହାରୁ ହାରୁ ଜିତିଗଲେ ୨୦୨୬ରେ ତାହାର ପୁନରାବୃତ୍ତି ନ କରିବା ପାଇଁ ବିଜେପି ଯୋଜନା କରିଛି । ମହିଳା ବିରୋଧୀ ହିଂସା, ସଂଖ୍ୟାଲଘୁ ରାଜନୀତି ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା ଭଳି ମାମଲାକୁ ନେଇ ମମତା ସରକାର ବିବାଦରେ ଥିବା ବେଳେ ବିଜେପି ଏହାର ଫାଇଦା ଉଠାଇବାକୁ ଚାହୁଁଛି । ମାତ୍ର ବିଜେପିକୁ ଅଟକାଇବା ପାଇଁ ମମତା ଦିଦି ଯୋଜନା ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି । ଏହି ନିର୍ବାଚନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମାଦୀ ବନାମ ମମତା ବାନାର୍ଜୀ ଭାବେ ବିବେଚନା କରାଯାଉଛି ।


## ଆସାମରେ ହିମନ୍ତଙ୍କୁ ବିପଦ ଗୌରବ

ଆସାମରେ ଏବେ ଏନଡିଏ ସରକାର ରହିଛି । ୧୨୬ ବିଧାନସଭା ଆସନ ବିଶିଷ୍ଟ ଏହି ରାଜ୍ୟରେ ଆସାମ ଗଣ ପରିଷଦ, ୟୁପିପିଏଲ ଏବଂ ବୋଡୋଲାଣ୍ଡ ପିପୁଲ୍ସ ଫ୍ରଣ୍ଟ ବିଜେପି ସହ ମିଳିତ ଭାବେ ସରକାର ଗଢ଼ିଛନ୍ତି । ସେହିପରି ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ମେଣ୍ଟରେ ସିପିଆଇଏମ, ରାଇଜୋର ଦଳ, ଏଜେପି, ଏଜିଏମ, ସିପିଆଇ, ସିପିଆଇଏମଏଲ, ଏପିଏଚଏଲସି ସାମିଲ ରହିଛି । ଅନ୍ୟ ଦଳଗୁଡ଼ିକ ମଧ୍ୟରେ ଏଆଇୟୁଡିଏଫ, ଏଆଇଏମଆଇଏମ, ଆପ୍, ଟିଏମସି ସାମିଲ ରହିଛି । ତେବେ ଏଠାରେ ବିଜେପି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏବଂ କଂଗ୍ରେସ ମୁଖିଆ ଗୌରବ ଗୋଗଇଙ୍କ ମଧ୍ୟରେ କଡ଼ା ମୁକାବିଲା ହେବ । ଏଥିପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇସାରିଛି । ଅନୁପ୍ରବେଶ, ହିଂସା, ଅରାଜକତା ରୋକିବାରେ ମୁଖ୍ୟମନ୍ତ୍ରୀ ବିଫଳ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି । ହିମନ୍ତ ନିଜ ପତ୍ନୀଙ୍କ ସମ୍ବନ୍ଧିତ କମ୍ପାନୀଙ୍କୁ ଠିକା ଦେବା ମାମଲାରେ ଫସିଛନ୍ତି । ସେହିପରି କଂଗ୍ରେସକୁ ସଂଖ୍ୟାଲଘୁଙ୍କ ଦଳ ଏବଂ ଗୌରବଙ୍କ ପତ୍ନୀଙ୍କୁ ହିମନ୍ତୁ ପାକିସ୍ତାନୀ ଏଜେଣ୍ଟ କହିଛନ୍ତି । ତାଙ୍କ ସ୍ତ୍ରୀ ପାକିସ୍ତାନ ପାଇଁ କାମ କରୁଥିବା ଅଭିଯୋଗ ଲଗାଇଛନ୍ତି । ଆରୋପପ୍ରତ୍ୟାରୋପକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇ ଉଠିଥିବା ବେଳେ ବାଜି କିଏ ମାରିବ ତାହା ଜନତାଙ୍କ ଦରବାରରେ ସ୍ଥିର ହେବ ।



## ତାମିଲନାଡୁରେ ବିଜୟ ଜଲୱା

ନିର୍ବାଚନୀ ମୁହାଁ ତାମିଲନାଡୁରେ ଚତୁର୍ମୁଖୀ ଲଢ଼େଇ ଦେଖିବାକୁ ମିଳିବ । ଏହି ରାଜ୍ୟର ୨୩୪ ଆସନରେ ଅଭିନେତାରୁ ରାଜନେତା ପାଲଟି ଥିବା ବିଜୟଙ୍କ ଟିଭିକେ କ୍ଷମତାସୀନ ଡିଏମକେ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବ । ଏଆଇଡିଏମକେ ଏବଂ ବିଜେପି ମଧ୍ୟ କ୍ଷମତାସୀନ ଦଳର ମୁଣ୍ଡବିନ୍ଧା ସୃଷ୍ଟି କରିବେ । ଏହି ରାଜ୍ୟରେ ବିରୋଧୀ ଇଣ୍ଡିଆ ମେଣ୍ଟ ଡିଏମକେକୁ ସମର୍ଥନ କରିବେ ବୋଲି ଆଶା । ମାତ୍ର ବିହାର ପରାଜୟକୁ ଦେଖି କଂଗ୍ରେସ ନିଜ ଆଭିମୁଖ୍ୟ ବଦଳାଇ ଏକାକୀ ଲଢ଼ିଲେ ଡିଏମକେର କ୍ଷତି ହୋଇପାରେ । ସେହିପରି ବିଜେପି ମୁଖିଆ ଏନ ନାଗେନ୍ଦ୍ରନ ଏବଂ ନେତା କେ ଆନ୍ନାମଲାଇଙ୍କ ଯୋଜନା ସଫଳ ହେଲେ ବିଜେପି ଏହି ରାଜ୍ୟରେ ଆଖିଦୃଷ୍ଟିଆ ସଫଳତା ପାଇପାରିବ । ଏହି ରାଜ୍ୟକୁ ଦେଖି ବିଜେପି ଜାତୀୟ ନେତୃତ୍ୱ ରଣନୀତି ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି । ଏହାର ଫାଇଦା ନେବାକୁ ଟିଭିକେ ଏବଂ ବିଜୟ ପ୍ରୟାସ କରୁଛନ୍ତି । କରୁର ଦଳାଚକଟା ପରଠରୁ ବିଜୟ ମାପିଚୁପି ବୟାନ ଦେଉଛନ୍ତି । ସବୁ ବର୍ଗର ଭୋଟ ହାସଲ କରି ସରକାର ଗଠନ କରିବାକୁ ଲକ୍ଷ୍ୟ ରଖିଛନ୍ତି । ତେବେ ହିନ୍ଦୀ ଭାଷାକୁ ନେଇ ଷ୍ଟାଲିନଙ୍କ ଡିଏମକେ ରଣହୁଙ୍କାର ଦେଇଥିବାରୁ ଏହା ତାଙ୍କ ଦଳ ପାଇଁ କେତେ ଲାଭବାନ ହେବ, ତାହା କେବଳ ନିର୍ବାଚନ ଫଳାଫଳରୁ ହିଁ ଜଣାପଡ଼ିବ ।



## କେରଳରେ ଏଲ୍‌ଡିଏଫ୍‌କୁ ବିପଦ

ଈଶ୍ୱରଙ୍କ ନିବାସ ସ୍ଥଳ କେରଳରେ ଦୀର୍ଘ ଦିନ ହେଲା ବାମଦଳ କ୍ଷମତାରେ ରହିଛି । ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଏଠାକାର ସରକାର ପରିବର୍ତ୍ତନ ହୋଇପାରେ । ୧୪୦ ବିଧାନସଭା ଆସନରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଏବଂ ସିପିଏମ୍ ନେତୃତ୍ୱାଦୀନ ଏଲଡିଏଫ୍ ମଧ୍ୟରେ ମୁକାବିଲା ଦେଖିବାକୁ ମିଳିବ । ଦୁର୍ନୀତି ଓ ସୁନା ଚୋରା ଚାଲାଣ ମାମଲାରେ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନଙ୍କ ସମସ୍ୟା ବଢ଼ିପାରେ । କେରଳ କଂଗ୍ରେସ ମୁଖ୍ୟ ସନି ଜୋସେଫ ଏବଂ ସାଂସଦ ଶଶୀ ଥରୁରଙ୍କ ରଣନୀତି ରାଜ୍ୟରେ ଦଳକୁ କ୍ଷମତାସୀନ କରିପାରେ । ରାଜ୍ୟରେ ଥରୁରଙ୍କ ଛବି ଭଲ ରହିଛି । ତାଙ୍କୁ ଲୋକେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖୁଛନ୍ତି । କିନ୍ତୁ ଜାତୀୟ ନେତୃତ୍ୱଙ୍କ ସହ ବିବାଦ ଥରୁରଙ୍କ ପାଇଁ ମହଙ୍ଗା ହୋଇପାରେ ।। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ବିଜେପିକୁ କୂଳରେ ଲଗାଇବାକୁ ପ୍ରୟାସ କରୁଛନ୍ତି । ସେ ନୂଆ ଆରମ୍ଭ କରିବାକୁ ଆଶାବାଦୀ ଅଛନ୍ତି ।

# ଅଶାନ୍ତି, ଅସ୍ଥିରତା, ଯୁଦ୍ଧ ଯନ୍ତ୍ରଣା

## ଯୁଦ୍ଧ ଯନ୍ତ୍ରଣାରୁ ମୁକ୍ତି ମିଳିବ ତ?

ବିତି ଯାଉଥିବା ବର୍ଷ ବିଶ୍ୱକୁ ଅନେକ ଯନ୍ତ୍ରଣା ଦେଇଛି । ବିଦ୍ରୋହ, ହିଂସା, ଆତଙ୍କବାଦୀ ଆକ୍ରମଣ, ଯୁଦ୍ଧ ବିଭୀଷିକାରେ ପୃଥିବୀ ତ୍ରାହି ତ୍ରାହି ଡାକ ଦେଇଛି । ନେପାଳ, ଶ୍ରୀଲଙ୍କା, ସିରିଆ, ବାଂଲାଦେଶ ଆଦିରେ ବିଦ୍ରୋହ ହୋଇ ସରକାର ବଦଳି ଯାଇଥିଲା । ଆଠ ଆଠଟି ଯୁଦ୍ଧ ପୃଥିବୀ ମାତାର ବକ୍ଷକୁ ଗଭୀର ଯନ୍ତ୍ରଣା ଦେଇଥିଲା । ଜୀବନକୁ ଅନିଶ୍ଚିତତା ମଧ୍ୟକୁ ଠେଲି ମାନବିକତା ପ୍ରତି ଭୟଙ୍କର ବିପଦ ସୃଷ୍ଟି କରିଥିଲା । କ୍ଷଣିକ ମଧ୍ୟରେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବା ପରି ଲାଗିଥିଲା । ଯୁଦ୍ଧର କରାଳ ଛାୟାରେ ଲକ୍ଷ ଲକ୍ଷ ଏକରର ଫସଲ ଉଜୁଡ଼ି ଯାଇଥିଲା । ଖାଇବାକୁ ନ ପାଇ ହଜାର ହଜାର ଲୋକ ପ୍ରାଣ ହରାଇ ଥିଲେ । କାଳକ୍ରମେ ଇସ୍ରାଏଲ-ଇରାନ, ରୱାଣ୍ଡା-କଙ୍ଗୋ, ଥାଇଲାଣ୍ଡ-କାମ୍ବୋଡିଆ, ଆର୍ମେନିଆ-ଆଜରବୈଜାନ, ଇଜିପ୍ଟ-ଇଥିଓପିଆ, ସର୍ବିଆ-କୋସୋଭ ଯୁଦ୍ଧ ବନ୍ଦ ହୋଇ ଯାଇଥିଲା । ମାତ୍ର ଏବେ ବି ଇସ୍ରାଏଲ-ହମାସ ଏବଂ ରୁଷିଆ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ଜାରି ରହିଛି । ଦୀର୍ଘ ବର୍ଷ ବିତି ଯାଇଥିଲେ ବି ଏହା ବନ୍ଦ ହୋଇ ନାହିଁ । ୨୦୨୬ରେ ଏହି ଯୁଦ୍ଧରୁ ମୁକ୍ତି ମିଳିବ ତ? ଏହି ପ୍ରଶ୍ନ ସମସ୍ତଙ୍କୁ ଘାରିଛି ।

୨୦୨୨ ଫେବୃଆରୀ ୨୪ରୁ ଆରମ୍ଭ ହୋଇଥିବା ରୁଷ-ୟୁକ୍ରେନ ଯୁଦ୍ଧ ଥମିବାର ନା ଧରୁନି । ଉଭୟ ଦେଶ ପରସ୍ପର ଉପରେ ଭୟଙ୍କର ଆକ୍ରମଣ ଜାରି ରଖିଛନ୍ତି । ଏହି ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ୨ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଲେଣି । ଏଥିରେ ୧୫ ହଜାରରୁ ଅଧିକ ସାଧାରଣ ନାଗରିକ ରହିଥିବା ବେଳେ ରୁଷର ଏକ ଲକ୍ଷ ୨୦ ହଜାର ସୈନିକ ଏବଂ ୟୁକ୍ରେନର ୭୦ ହଜାରରୁ ଅଧିକ ସୈନ ପ୍ରାଣ ହରାଇଲେଣି । ଅନେକ ପର୍ଯ୍ୟାୟ ଆଲୋଚନା ସତ୍ତ୍ୱେ ଶାନ୍ତିର ମାର୍ଗ ବାହାରି ପାରିନାହିଁ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ନିଜ ପ୍ରତିଶ୍ରୁତି ବି ପୂରଣ କରିପାରିନାହାନ୍ତି । ସେ ଶପଥ ଗ୍ରହଣର ଦିନକ ଭିତରେ ଯୁଦ୍ଧ ବନ୍ଦ କରିବାରେ ବିଫଳ ହୋଇଛନ୍ତି । ମାତ୍ର ନୋବେଲ ଶାନ୍ତି ପୁରସ୍କାର ଚାହୁଁଥିବା ଟ୍ରମ୍ପ ଏ ଦିଗରେ ପ୍ରୟାସ କରି ୟୁକ୍ରେନ ରାଷ୍ଟ୍ରପତି ଭୋଲଡାମିର ଜେଲେଁସ୍କି ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଆଲୋଚନା କରିଛନ୍ତି । ଆମେରିକା ଅଧିକାରୀମାନେ ଏହି ଦୁଇ ଦେଶର ଅଧିକାରୀଙ୍କ ସହ ଅନେକ ପର୍ଯ୍ୟାୟ ଆଲୋଚନା ମଧ୍ୟ ଜାରି ରଖିଛନ୍ତି । କିନ୍ତୁ ଯୁଦ୍ଧ ବନ୍ଦ ପାଇଁ ବାଟ ଫିଟୁନି ।



ଇସ୍ରାଏଲ ସୀମାରେ ପଶି ହମାସ ନରଂସାହର କରି ୫୦ରୁ ଅଧିକ ନାଗରିକଙ୍କୁ ପଣବନ୍ଦୀ କରିବାରୁ ୨୦୨୩ ଅକ୍ଟୋବର ୭ରେ ଗାଜା ଯୁଦ୍ଧ ଆରମ୍ଭ ହୋଇଥିଲା । ଏହାର ଜବାବ ଦେବାକୁ ଯାଇ ଉଭୟ ଆକାଶ ମାର୍ଗରୁ ଏବଂ ସ୍ଥଳ ଭାଗରୁ ହମାସର ଠିକଣା ଉପରେ ଦୁଇ ବର୍ଷ ହେଲା ବୋମା ଏବଂ କ୍ଷେପଣାସ୍ତ୍ର ମାଡ଼ ଜାରି ରଖିଛି ଇସ୍ରାଏଲ । ଏବେ ଗାଜା ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଛି । ପ୍ରାୟ ୭୩ ହଜାର ଲୋକ ନିହତ ହେଲେଣି । କେବଳ ପାଲେଷ୍ଟାଇନରେ ୭୦ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଲେଣି । ଲକ୍ଷାଧିକ ଲୋକ ଖାଇବାପିଇବାକୁ ନ ପାଇ ଭୋକରେ ଆଉଟ ପାଉଟୁ ହେଉଛନ୍ତି । ଏହି ସଂଘର୍ଷରେ ହମାସର ଅନେକ ମୁଖିଆଙ୍କୁ ଇସ୍ରାଏଲ ହତ୍ୟା କରିଥିଲେ ବି ଯୁଦ୍ଧ ବନ୍ଦ ହୋଇ ନାହିଁ । ଏହି ଯୁଦ୍ଧରେ ହୁତି ବିଦ୍ରୋହୀ ଏବଂ ଇରାନ ପଶି ଥିଲା । ଏହା ସଂଘର୍ଷକୁ ଅଧିକ ଭୟଙ୍କର କରିଥିଲା । ଇସ୍ରାଏଲ ଏକାଥରେ ତିନୋଟି ସାମ୍ମୁଖ୍ୟରୁ ଯୁଦ୍ଧ ଲଢୁଥିଲା । ଅନେକ ପର୍ଯ୍ୟାୟ ଶାନ୍ତି ଆଲୋଚନା ବିଫଳ ହୋଇଥିଲା । ଅସ୍ତ୍ରବିରତି ଆରମ୍ଭ ହେବାର କିଛି ଘଣ୍ଟା ମଧ୍ୟରେ ବନ୍ଦ ହୋଇଯାଇଥିଲା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ଇସ୍ରାଏଲ ଏବଂ ହମାସ ନରମ ଆଭିମୁଖ୍ୟ ପୋଷଣ କରିଥିଲେ । ଟ୍ରମ୍ପ ପ୍ରଶାସନ ଆଣିଥିବା ୨୪ ସୂତ୍ରୀ ଯୋଜନାକୁ ମାନିବା ପାଇଁ ଦୁଇ ପକ୍ଷ ରାଜି ହୋଇଥିଲେ । ଏହି କ୍ରମରେ ଇସ୍ରାଏଲ ପଣବନ୍ଦୀଙ୍କୁ ହମାସ ଛାଡ଼ିଥିଲା । ଏହା ପ୍ରତି ବଦଳରେ ହମାସ ବନ୍ଦୀଙ୍କୁ ଇସ୍ରାଏଲ ମୁକ୍ତ କରିଥିଲା । ଆସନ୍ତା ବର୍ଷ ଏହି ଯୁଦ୍ଧରେ ସମ୍ପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ପଡ଼ିବ ବୋଲି ଆଶା । ଯୁଦ୍ଧ ବନ୍ଦ ହେବା ପରେ ଆମେରିକା ଏବଂ ଇସ୍ରାଏଲ ଗାଜାରେ ସ୍ମାର୍ଟ ସିଟି ନିର୍ମାଣ କରିବେ । ରେସ୍ତୋରାଁ, ହୋଟେଲ, ଦ୍ରୁତ ଟ୍ରେନ ଚଳାଚଳ ଆଦି ପାଇଁ ୯.୩ ଲକ୍ଷ କୋଟି ଟଙ୍କା ବ୍ୟୟ ଧାର୍ଯ୍ୟ କରାଯାଇଛି । ନୂଆ ବର୍ଷ ଉଭୟ ଇସ୍ରାଏଲ ଏବଂ ଗାଜା ପାଇଁ ଶାନ୍ତି ଆଣିବ ବୋଲି ଆଶା କରାଯାଉଛି ।

## ମହାକାଶ ପାଇଁ ମହାସମ୍ଭାବନା



ନୂଆ ବର୍ଷରେ ପ୍ରଯୁକ୍ତିବିଦ୍ୟାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆସିପାରେ । ଏଆଇର ଦ୍ରୁତ ବିକାଶ ପାଇଁ ନୂଆ ନୂଆ ଉଦ୍ଭାବନା ହୋଇପାରେ । ଚୀନ୍, ଜାପାନ ଏ କ୍ଷେତ୍ରକୁ ଆଗକୁ ବଢ଼ାଇବେ । ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ମଧ୍ୟ ଅନେକ ପରୀକ୍ଷଣ କରିବ । ୨୦୨୬ରେ ଇସ୍ରୋର ୭ଟି ବଡ଼ ଉତ୍‌କ୍ଷେପଣ ଯୋଜନା ରହିଛି । ଏହା ମଧ୍ୟରେ ମାନବ ମିଶନ, ଉନ୍ନତ ଉପଗ୍ରହ କାର୍ଯ୍ୟକ୍ରମ ଏବଂ ବାଣିଜ୍ୟିକ ଉତ୍‌କ୍ଷେପଣ ସାମିଲ ରହିଛି । ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରୁ ଫେରିଥିବା ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ମାନବିକ ମିଶନର ନେତୃତ୍ୱ ନେବେ । ଇସ୍ରୋ ଆସନ୍ତା ବର୍ଷରେ ନିଜର ବହୁ ପ୍ରତୀକ୍ଷିତ ମାନବ ମିଶନ ଗଗନଯାନ ଆରମ୍ଭ କରି ରୋବୋଟ ବୋମ୍ୟମିତ୍ରକୁ ମହାକାଶକୁ ପଠାଇବ । ମହାକାଶରେ ମହାକାଶ ଷ୍ଟେସନ ପ୍ରତିଷ୍ଠା ଆରମ୍ଭ କରାଯିବ । ଅର୍ବିଟାଲ ମଡ୍ୟୁଲ ଅପରେସନ (ଓଏମଓ) ପରୀକ୍ଷଣ କରାଯିବ । ଚୀନ୍ ଏବଂ ରୁଷ ଭଳି ଦେଶ ଅନ୍ୟ ଗ୍ରହରୁ ଖଣିଜ ପଦାର୍ଥ ଆଣିବା ପାଇଁ ପ୍ରଯୁକ୍ତିବିଦ୍ୟାର ବିକାଶ କରି ଚାଲିଛନ୍ତି । ଚୀନ୍ ନିଜ ମହାକାଶ ଷ୍ଟେସନରୁ ଏ ଦିଗରେ ଅଧିକ ଗବେଷଣା କରୁଛି ।




## ଅନିଶ୍ଚିତତାରେ ଭାଗ୍ୟ

ଏସିଆରେ ଦେଖା ଦେଇଥିବା ଅସ୍ଥିରତା ମଧ୍ୟରେ ଭାରତର ପଡୋଶୀ ରାଷ୍ଟ୍ର ବାଂଲାଦେଶରେ ନିର୍ବାଚନ ପ ।।ରେ ନୂଆ ସରକାର ଗଠନ ହେବ । ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପାଇଁ ଅଡୁଆ ବଢ଼ିପାରେ । । ତାଙ୍କ ଦଳକୁ ବି ନିଷିଦ୍ଧ କରାଯାଇଛି । ତେଣୁ ନିର୍ବାଚନରେ ଖାଲେଦା ଜିଆଙ୍କ ବାଂଲାଦେଶ ନେସନାଲ ପାର୍ଟି, ଜମିୟତ, ଇନକିଲାବ ମଞ୍ଚ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ । କିନ୍ତୁ ଫେବୃଆରୀ ୧୨ରେ ହେବାକୁ ଥିବା ନିର୍ବାଚନ ଘୁଞ୍ଚାଇବା ପାଇଁ କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଷଡ଼ଯନ୍ତ୍ର କରିଛନ୍ତି । ଏପରି ସ୍ଥଳେ ନିର୍ବାଚନକୁ ନେଇ ଅନିଶ୍ଚିତତା ଲାଗି ରହିଛି । ପାକିସ୍ତାନରେ କ୍ଷମତା ପୁଣି ସେନା ନିୟନ୍ତ୍ରଣରେ ରହିପାରେ । କାରଣ ଏବେ ନିର୍ବାଚନ ହେବାର ନାହିଁ କି ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଜେଲ୍‌ରୁ ବାହାରିବାର ସମ୍ଭାବନା ନାହିଁ । ସେହିପରି ଦୀର୍ଘ ଦିନ ହେଲା ସେନା ନିୟନ୍ତ୍ରଣରେ ଥିବା ମିଆଁମାରରେ ମଧ୍ୟ ସାଧାରଣ ନିର୍ବାଚନ ହେବାର ଅଛି । ୨୦୨୫ରେ ବର୍ଷ ସାରା ଚର୍ଚ୍ଚାରେ ଥିବା ହସିନା, ଇମ୍ରାନ ଓ ୟୁନୁସଙ୍କ ଭାଗ୍ୟ ଏବେ ବି ଅନିଶ୍ଚିତତାରେ ରହିଛି । ନୂଆବର୍ଷରେ ସେମାନଙ୍କ ପାଇଁ ନୂଆ ଆଶା କିଛି ଦେଖାଯାଉନି ।

ସେହିଭଳି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚର୍ଚ୍ଚା ଜାରି ରହିଛି । ଟ୍ରମ୍ପ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଲେଆମେରିକା ।।ରେକ୍ଷମତାକେନ୍ଦ୍ରପରିବର୍ତ୍ତନ ।।ହେବ ।ୟୁକ୍ରେନ ସହ ଯୁଦ୍ଧ ବନ୍ଦ ହୋଇଗଲେ ବିଶ୍ୱରେ ରୁଷ ରାଷ୍ଟ୍ରପତି ପୁତିନଙ୍କ ପ୍ରଭାବ ବଢ଼ିବ ।। ମାତ୍ର ଦୁର୍ନୀତି ଅଭିଯୋଗରେ ଫସିଥିବା ୟୁକ୍ରେନ ରାଷ୍ଟ୍ରପତି ଜେଲେଂସ୍କିଙ୍କ ସମସ୍ୟା ବୃଦ୍ଧି ପାଇପାରେ ।

# ଆହୁରି ଅଥୟ ହେବ ପୃଥିବୀ



ଅତୀତ ପାଲଟୁ ଥିବା ୨୦୨୫ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ର କୃତ୍ରିମ ବୁଦ୍ଧିରେ ଦ୍ରୁତ ବିକାଶ ଦେଖିଛି । ଏଆଇର ସୁଦୂରପ୍ରସାରୀ ପ୍ରଭାବରେ ମନୁଷ୍ୟ ପ୍ରଭାବିତ ହେଉଥିବା ବେଳେ ପ୍ରକୃତିର କୋପ ଦୁନିଆକୁ ଗିଳିବାରେ ଲାଗିଛି । ବିକାଶ ନାମରେ ମଣିଷ ପ୍ରକୃତି ସହ ଖେଳି ଚାଲିଛି । ଖଣି ଖାଦାନ ପାଇଁ ଅବାଧ ଜଙ୍ଗଲ ନଷ୍ଟ କରି ଚାଲିଛି । ଅଙ୍ଗରକାମ୍ଳ ଛାଡ଼ି ପରିବେଶ ବିଗାଡ଼ି ଦେଉଛି । ନିଜର ଦୋହନ ଦେଖି ପ୍ରକୃତି ଥରି ଉଠୁଛି । କେଉଁଠି ଭୂକମ୍ପ ଆଳରେ ତ ଆଉ କେଉଁଠି ପ୍ରବଳ ବର୍ଷା, ଖରା ଏବଂ ଶୀତରେ ଶତାଧିକ ଜୀବନ ନେଇଛି । ୨୦୨୫ରେ ପାଣିପାଗ ଜନିତ ଏଭଳି ଚରମ ବ୍ୟତିକ୍ରମ ବିଶ୍ୱରେ ଲକ୍ଷେରୁ ଅଧିକ ଲୋକଙ୍କ ଜୀବନ ନେଇଛି । ୨୦୨୬ରେ ଏହା ବିକଟାଳ ରୂପ ଧାରଣ କରିବ । ଆରବ ମରୁଭୂମିରେ ବରଫପାତ, ଅଦିନିଆ ବନ୍ୟା, ୧୦ ହଜାର ବର୍ଷ ପରେ ଆଗ୍ନେୟଗିରିରେ ବିସ୍ଫୋରଣ: ଇ ।।ଣ୍ଡୋନେସିଆରେ ୩୦ ଦିନରେ ୧୪୦୦ ଭୂମିକଂପ ଏହାର ପ୍ରମାଣ ।

୨୦୨୫ ।।ରେ ପ୍ରକୃତି ଭୟଙ୍କର ରୂପ ଧାରଣ କରି ମନୁଷ୍ୟଠାରୁ ପ୍ରତିଶୋଧ ନେବା ଆରମ୍ଭ କରିଛି । ସାରା ବର୍ଷ କେଉଁଠି ନା କେଉଁଠି ଦୁର୍ବିପାକ ଲାଗି ରହିଥିଲା । ବର୍ଷ ଶେଷ ବେଳକୁ ନଭେମ୍ବରରେ ଝଡ଼ବାତ୍ୟା ସେନୟାର ଇଣ୍ଡୋନେସିଆରେ ୧୧୦୦ରୁ ଅଧିକ ଜୀବନ ନେଇଥିଲା । ବାତ୍ୟା ଫଙ୍ଗୱଙ୍ଗ ଯୋଗୁଁ ଥାଇଲାଣ୍ଡ ଏବଂ ମାଲେସିଆରେ ୬୦୦ରୁ ଅଧିକ ପ୍ରାଣ ହରାଇ ଥିଲେ । ଜାନୁଆରୀରେ ଦକ୍ଷିଣ କାଲିଫର୍ଣ୍ଣିଆରେ ଜଙ୍ଗଲ ନିଆଁ ସହରକୁ ଜାଳିପୋଡ଼ି ପାଉଁଶ କରି ଦେଇଥିଲା । ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ୟୁରୋପରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହୋଇଥିଲା । ଏଥିରେ ୧୬,୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ଜୁନ୍-ସେପ୍ଟେମ୍ବର ମଧ୍ୟରେ ପାକିସ୍ତାନରେ ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ୧୦୫୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିଲେ । ଶ୍ରୀଲଙ୍କାରେ ବାତ୍ୟା ଦିତୱା ୬୫୦ରୁ ଅଧିକ ଜୀବନ ନେଇଥିଲା । ଏସବୁ ଜଳବାୟୁ ପରିବର୍ତ୍ତନର କରୁଣ ପରିଣତି ଥିଲା । ଏଥିଯୋଗୁଁ ଯେ ଋତୁ ଚକ୍ର ପରିବର୍ତ୍ତନ ହେଉଛି ତାହା ନୁହେଁ, ବରଂ ପ୍ରଚଣ୍ଡ ଖରା, ଶୀତ ଏବଂ ବର୍ଷା ଜୀବନହାନିର କାରଣ ପାଲଟି ଯାଉଛି । ଭାରତ ମଧ୍ୟ ଏହି ଦାଉରୁ ମୁକୁଳି ପାରି ନ ଥିଲା । କିସ୍ତୱାରେ ବାଦଲଫଟା ବର୍ଷା ଯୋଗୁଁ ୬୮ ଜଣଙ୍କ ମୃତ୍ୟୁ ହୋଇଥିଲା । ୨୦୨୬ରେ ମଧ୍ୟ ଏହି ଧାରା ଜାରି ରହିବ । ଆସନ୍ତା ବର୍ଷକୁ ପ୍ରାକୃତିକ ବିପର୍ଯ୍ୟୟର ବର୍ଷ କୁହାଯାଉଛି । ଏହି ଅବଧିରେ ଭୂକମ୍ପ, ବନ୍ୟା, ବାତ୍ୟା, ଆଗ୍ନେୟଗିରି ବିସ୍ଫୋରଣ, ପାଣିପାଗରେ ଚରମ ପରିବର୍ତ୍ତନ ଦେଖାଦେବ ବୋଲି ବିଶେଷଜ୍ଞମାନେ କହିଛନ୍ତି । ଏହା ଭାରତ, ଆମେରିକା, ୟୁରୋପୀୟ ରାଷ୍ଟ୍ରମାନଙ୍କୁ ପ୍ରଭାବିତ କରିବ । ଭବିଷ୍ୟ ମାଳିକା, ନୋଷ୍ଟ୍ରାଡମସ ଏବଂ ବାବା ଭେଙ୍ଗା ମଧ୍ୟ ଏ ନେଇ ଭବିଷ୍ୟବାଣୀ କରିଛନ୍ତି । ନୂଆ ବର୍ଷ ପାଇଁ ଲୋକେ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ଏଭଳି ଭବିଷ୍ୟବାଣୀ ମନୁଷ୍ୟ ମନରେ ଭୟ ସୃଷ୍ଟି କରିଛି । ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ ଅନୁଯାୟୀ, ଚରମ ପାଣିପାଗ ଜନିତ ସ୍ଥିତି ଯୋଗୁଁ ଭୟଙ୍କର ବିପର୍ଯ୍ୟୟ ସୃଷ୍ଟି ହେବ । ଏଥିରେ ଅନେକ ଜୀବନହାନୀ ଘଟିବ ।

■ ୧୯ ବର୍ଷରୁ କମ୍ ବିଶ୍ୱକପ୍


# ମାହାତ୍ରେ ଭାରତର ଅଧିନାୟକ



ମୁମ୍ବଇ,୨୭।୧୨(ଏଜେନ୍ସି): ଓପନର ଆୟୁଷ ମାହାତ୍ରେଙ୍କୁ ଆସନ୍ତାବର୍ଷ ଜିମ୍ବାୱେ ଓ ନାମିବ୍ୟାରେ ଖେଳାଯିବାକୁ ଥିବା ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍ ଲାଗି ଭାରତୀୟ ଦଳର ଅଧିନାୟକ ମନୋନୀତ କରାଯାଇଛି। ବିହାନ ମାଲହୋତ୍ରାଙ୍କୁ ତାଙ୍କ ଡେପୁଟି ଭାବେ ଚୟନ କରାଯାଇଛି। ଉଭୟ ଖେଳାଳି ଆହତ ହୋଇଥିବାରୁ ଦକ୍ଷିଣ ଆଫ୍ରିକା ସହ ଜାନୁଆରୀ ୩, ୫ ଓ ୭ରେ ଖେଳାଯିବାକୁ ଥିବା ଦିନିକିଆ ସିରିଜ୍‌ରୁ ବାଦ୍ ଦିଆଯାଇଛି। ଏହି ସିରିଜ୍ ଲାଗି ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଆରୋନ ଜର୍ଜ ଉପଅଧିନାୟକ ମନୋନୀତ ହୋଇଛନ୍ତି। ବିଶ୍ୱକପ୍ ଲାଗି ମନୋନୀତ ଦଳରୁ ଆୟୁଷ ଓ ବିହାନଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକା ସିରିଜ୍ ଲାଗି ଯୁବରାଜ ଗୋହିଲ ଓ ରାହୁଲ କୁମାରଙ୍କୁ ସାମିଲ କରାଯାଇଛି। ବିଶ୍ୱକପ୍‌ରେ ଜାନୁଆରୀ ୧୫ରେ ଆମେରିକା ସହ ଖେଳି ଭାରତ ତାହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଏହା ପରେ ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ସହ ଦଳ ଲିଗ୍ ମ୍ୟାଚ୍ ଖେଳିବ। ଭାରତ ବିଶ୍ୱକପ୍‌ରେ ସର୍ବାଧିକ ୫ଥର ଚାମ୍ପିଅନ ହୋଇଛି।

**ବିଶ୍ୱକପ୍ ଦଳ** : ଆୟୁଷ ମାହାତ୍ରେ (ଅଧିନାୟକ), ବିହାନ ମାଲହୋତ୍ରା (ଉପଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଆରୋନ ଜର୍ଜ, ବେଦାନ୍ତ ତ୍ରିବେଦୀ, ଅଭିଜ୍ଞାନ କୁଣ୍ଡୁ (ୱିକେଟରକ୍ଷକ), ହରବଂଶ ସିଂହ, ଆର୍‌ଏସ୍ ଅମ୍ବରୀଶ, କନିସ୍କ ଚୋହାନ, ଖୀଲନ ଏ ପଟେଲ, ମହମ୍ମଦ୍ ଏନାନ୍, ହେନିଲ ପଟେଲ, ଡି ଦୀପେଶ, କିଶନ କୁମାର ସିଂ ଓ ଉଧବ ମୋହନ।

# ହୃଦ୍‌ଘାତରେ ଟଳିପଡ଼ିଲେ କୋଚ୍



ଢାକା, ୨୭।୧୨ (ଏଜେନ୍ସି): ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ୍) ଦ୍ୱାଦଶ ସଂସ୍କରଣର ଦ୍ୱିତୀୟ ଦିନରେ ଶନିବାର ଏକ ବଡ଼ ଅଘଟଣ ଘଟିଯାଇଛି। ରାଜସାହି ୱାରିୟର୍ସ ବିପକ୍ଷ ମ୍ୟାଚ୍ ପୂର୍ବରୁ ଢାକା କ୍ୟାପିଟାଲ୍ସର ସହାୟକ କୋଚ୍ ମହବୁବ୍ ଅଲି ଜାକି ହୃଦଘାତରେ ପଡ଼ିଆ ଭିତରେ ପ୍ରାଣ ହରାଇଛନ୍ତି। ସିଲହେଟ୍ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଅପରାହ୍ଣ ୧ଟାରେ ଏହି ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ପଡ଼ିଆ ମଧ୍ୟରେ ଏହି ଅଘଟଣ ଘଟିଥିଲା। ଢାକା କ୍ୟାପିଟାଲ୍ସର ମେଡିକାଲ ଷ୍ଟାଫ୍ ତୁରନ୍ତ ୫୯ ବର୍ଷୀୟ ଜାକିଙ୍କ ନିକଟକୁ ଆସି ସିପିଆର୍ ଦେଇଥିଲେ। ଏହାପରେ ତାଙ୍କୁ ଆମ୍ବୁଲାନ୍ସରେ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ଜାକିଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମ୍ୟାଚ୍ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆରମ୍ଭ ହୋଇଥିଲା। ଏଥିରେ ଢାକା ୫ ୱିକେଟ୍‌ରେ ୱାରିୟର୍ସକୁ ପରାସ୍ତ କରିଥିଲା। ମ୍ୟାଚ୍ ପୂର୍ବରୁ ଦୁଇ ଦଳର ଖେଳାଳିମାନେ ନୀରବ ପ୍ରାର୍ଥନା କରିଥିଲେ। ଜାକି ଦ୍ରୁତ ବୋଲିଂ କୋଚ୍ ଭାବେ ପରିଚିତ ଥିଲେ। ୨୦୧୬ ଟି-୨୦ ବିଶ୍ୱକପ୍‌ରେ ତାସକିନ ଅହମ୍ମଦଙ୍କ ବୋଲିଂ ଶୈଳୀ ସନ୍ଦେହ ଘେରକୁ ଆସିଥିବାବେଳେ ଜାକି ଏହାକୁ ସୁଧାରିବାରେ ସହାୟତା କରିଥିଲେ।

## ମେଲବୋର୍ଣ୍ଣ ଲଢ଼େଇ ଦୁଇ ଦିନରେ ଶେଷ

# ୧୫ ବର୍ଷ ପରେ ଅଷ୍ଟ୍ରେଲିଆକୁ ହରାଇଲା ଇଂଲଣ୍ଡ

ମେଲବୋର୍ଣ୍ଣ,୨୭।୧୨(ଏଜେନ୍ସି)







ପାଖାପାଖି ୧୫ ବର୍ଷ ବା ୫୪୬୮ ଦିନର ନିରାଶା ପରେ ଅଷ୍ଟ୍ରେଲିଆ ମାଟିରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଐତିହାସିକ ଟେଷ୍ଟ ବିଜୟ ହାସଲ କରିଛି। ଦୀର୍ଘ ୧୬ ପରାଜୟ, ୨ ଡ୍ର ଓ ଚତୁର୍ଥ ଆସେସ ଟୁର୍‌ରେ ଇଂଲଣ୍ଡକୁ ଏହି ସ୍ମରଣୀୟ ବିଜୟ ମିଳିଛି। ଅଷ୍ଟ୍ରେଲିଆ ମାଟିରେ ଇଂଲଣ୍ଡ ଶେଷଥର ୨୦୧୧ ଜାନୁଆରୀରେ ଅନୁଷ୍ଠିତ ସିଡ୍‌ନୀ ଟେଷ୍ଟରେ ବିଜୟୀ ହୋଇଥିଲା। ଚଳିତ ଆସେସ ଟେଷ୍ଟ ସିରିଜ୍‌ର ଏଠାରେ ଅନୁଷ୍ଠିତ ଚତୁର୍ଥ ମ୍ୟାଚ୍ ମାତ୍ର ୨ ଦିନରେ ଶେଷ ହୋଇଛି। ପୂର୍ବରୁ ପର୍ଥରେ ଖେଳାଯାଇଥିବା ମ୍ୟାଚ୍ ମଧ୍ୟ ୨ ଦିନରେ ଶେଷ ହୋଇଥିଲା। ଫାଷ୍ଟ ବୋଲରଙ୍କ କବ୍‌ଜାରେ ଥିବା ମେଲବୋର୍ଣ୍ଣ ଟେଷ୍ଟରେ ଦମ୍‌ଦାର ଓ ସାହସିକ ଖେଳ ପ୍ରଦର୍ଶନ କରି ଇଂଲଣ୍ଡ ଏହି ମୁକାବିଲାକୁ ୪ ୱିକେଟରେ ଜିତିନେଇଛି। ଏହା ଫଳରେ ପ୍ରଥମ ୩ଟି ମ୍ୟାଚ୍‌କୁ ଏକତରଫା ଭାବେ ଜିତିନେଇଥିବା ଅଷ୍ଟ୍ରେଲିଆ ସିରିଜ୍‌ରେ ୩-୧ରେ ଆଗୁଆ ରହିଛି। ଅବସର ନେବାକୁ ଚିନ୍ତାକରୁଥିବା ଇଂଲଣ୍ଡର ଫାଷ୍ଟ ବୋଲର ଜୋଶ ଟଙ୍ଗ୍ ଏହି ମ୍ୟାଚ୍‌ରେ ୭ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ୪୨ ରନ୍‌ରେ ଆଗୁଆ ଥିବା ଘରୋଇ ଅଷ୍ଟ୍ରେଲିଆ ଦଳ ପ୍ରତିପକ୍ଷ ଇଂଲଣ୍ଡ ଫାଷ୍ଟ ବୋଲରଙ୍କୁ ଉଚିତ ମୁକାବିଲା କରି ନ ପାରି ଦ୍ୱିତୀୟ ଇନିଂସରେ ୩୪.୩ ଓଭରରେ ମାତ୍ର ୧୩୨ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଟ୍ରାଭିସ୍ ହେଡ୍ ସର୍ବାଧିକ ୪୬, ଷ୍ଟିଭେନ୍ ସ୍ମିଥ୍ ଅପରାଜିତ ୨୪ ଓ କାମେରନ ଗ୍ରୀନ୍ ୧୯ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ। ଅନ୍ୟ ବୋଲରଙ୍କ ଅପେକ୍ଷା ପିଚ୍‌ରୁ ଅଧିକ ସହାୟତା ପାଇଥିବା ବ୍ରାଇଡନ କାର୍ସ ସର୍ବାଧିକ ୪ଟି, ବେନ୍ ଷ୍ଟୋକ୍ସ ୩ଟି ଓ ଟଙ୍ଗ୍ ୨ଟି ୱିକେଟ ଅକ୍ତିଆର କରିଥିଲେ। ଏହା ଫଳରେ ଚତୁର୍ଥ ଆସେସ୍ ଟେଷ୍ଟ ଜିତିବାକୁ ଇଂଲଣ୍ଡ ଆଗରେ ୧୭୫ ରନ୍‌ର ଟାର୍ଗେଟ ରହିଥିଲା। ଏହି ଟାର୍ଗେଟକୁ ପିଛା କରି ଇଂଲଣ୍ଡର ଦୁଇ ଓପନର ପ୍ରଥମ ୱିକେଟରୁ ୭ ଓଭରରେ ୫୧ ରନ୍ ଉଠାଇଥିଲେ। ଚଳିତ ଆସେସ୍ ସିରିଜ୍‌ରେ ଇଂଲଣ୍ଡ ଖେଳିଥିବା ୮ମ ଇନିଂସରେ ଏହା ଥିଲା ସର୍ବାଧିକ ଓପନିଂ ପାର୍ଟନରସିପ୍। ୩୫ ବର୍ଷୀୟ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ଇଂଲଣ୍ଡ ଓପନର ବେନ୍ ଡକେଟ (୨୬ବଲ୍‌ରେ ୩୪ରନ୍)ଙ୍କୁ ବୋଲ୍ଡ କରି ଏହି ପାର୍ଟନରସିପ୍ ଭାଙ୍ଗିଦେଇଥିଲେ। ଏହା ପରେ ବ୍ରାଇଡନ କାର୍ସ ୬ ଓ ପରେ ୩୬ ବର୍ଷୀୟ ଫାଷ୍ଟ ବୋଲର ସ୍କଟ୍ ବୋଲାଣ୍ଡଙ୍କ ଦ୍ୱାରା ୩୭ ରନ୍ କରିଥିବା ଜ୍ୟାକ୍ କ୍ରାଲୀ ଆଉଟ ହୋଇଥିଲେ। ୧୧୨ ରନ୍‌ରେ ୩ଟି ୱିକେଟ ହରାଇବା ପରେ ଦମ୍‌ଦାର ବ୍ୟାଟିଂ କରୁଥିବା ଯୁବ ଖେଳାଳି ଜ୍ୟାକବ ବେଥେଲ ସର୍ବାଧିକ ୪୦ ରନ୍ କରି ପାଭିଲିଅନ ଫେରିଥିଲେ। ଜୋ ରୁଟ୍ ୩୮ ବଲ୍‌ରେ ୧୫ ରନର ଏକ କ୍ଷୁଦ୍ର ତଥା ଏହି ଟେଷ୍ଟ ଲାଗି ମାରାଥନ ଇନିଂସ ଖେଳିଥିଲେ। ପ୍ରଥମ ଇନିଂସରେ ୪୧ ରନ୍ କରିଥିବା ହ୍ୟାରୀ ବ୍ରୁକ୍ ୨୨ ବଲ୍‌ରୁ ୧୮ ରନ୍ କରିବା ସହ ଚୌକା ମାରି ଦଳକୁ ଏହି ସ୍ମରଣୀୟ ବିଜୟ ଭେଟିଦେଇଥିଲେ। ଇଂଲଣ୍ଡ ୩୨.୨ ଓଭରରେ ୬ ୱିକେଟ ହରାଇ ୧୭୮ ରନ୍ କରିବା ସହ ମ୍ୟାଚ୍ ଜିତିନେଇଥିଲା। ଷ୍ଟାଡିୟମ୍‌ରେ ଉପସ୍ଥିତ ଥିବା ୯୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଇଂଲଣ୍ଡର ଏହି ବିଜୟକୁ ତାଳି ମାରି ସ୍ୱାଗତ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ, ଝାଇ ରିଚାର୍ଡସନ ଓ ସ୍କଟ ବୋଲାଣ୍ଡ ୨ଟି ଲେଖାଏଁ ୱିକେଟ ନେଇଥିଲେ ମଧ୍ୟ ଏଭଳି ପିଚ୍‌ରେ ଉତ୍ସାହୀ ଇଂଲଣ୍ଡ ବ୍ୟାଟରଙ୍କୁ ନିୟନ୍ତ୍ରିତ କରିପାରି ନଥିଲେ।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ**: ୧୫୨/୧୦, ୪୫.୨ ଓଭର (ନେସର-୩୫, ଖୱାଜା-୨୯, ଟଙ୍ଗ୍-୫/୪୫, ଆଟକିନ୍‌ସନ-୨/୨୮)।
**ଇଂଲଣ୍ଡ ପ୍ରଥମ ଇନିଂସ**: ୧୧୦/୧୦, ୨୯.୫ ଓଭର (ବ୍ରୁକ୍-୪୧, ଆଟକିନ୍‌ସନ-୨୮, ନେସର-୪/୪୫, ବୋଲାଣ୍ଡ-୩/୩୦, ଷ୍ଟାର୍କ-୨/୨୩)।
**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ**: ୧୩୨/୧୦, ୩୪.୩ ଓଭର (ହେଡ୍-୪୬, ସ୍ମିଥ୍-ଅପରାଜିତ ୨୪, କାର୍ସ-୪/୩୪, ଷ୍ଟୋକ୍ସ-୩/୨୪, ଟଙ୍ଗ୍-୨/୪୪)।
**ଇଂଲଣ୍ଡ ଦ୍ୱିତୀୟ ଇନିଂସ**: ୧୭୮/୬, ୩୨.୨ ଓଭର (ବେଥେଲ-୪୦, କ୍ରାଲୀ-୩୭, ଡକେଟ-୩୪,ରିଚାର୍ଡସନ-୨/୨୨, ବୋଲାଣ୍ଡ-୨/୨୯, ଷ୍ଟାର୍କ-୨/୫୫)।

# ଆଜିଠୁ ମହିଳା ଏଚ୍‌ଆଇଏଲ୍

ରାଞ୍ଚି, ୨୭।୧୨ (ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଦ୍ୱିତୀୟ ସଂସ୍କରଣ ରବିବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ପ୍ରଥମ ସଂସ୍କରଣ ଭଳି ଏଥର ମଧ୍ୟ ୪ଟି ଦଳକୁ ନେଇ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଗତ ସଂସ୍କରଣ ରନର୍ସଅପ୍ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ, ଶ୍ରାଚି ବେଙ୍ଗଲ ଟାଇଗର୍ସ, ଏସ୍‌ଜି ପାଇପର୍ସ ଓ ନବାଗତ ଦଳ ରାଞ୍ଚି ରୟାଲ୍ସ ମଧ୍ୟରେ ଟ୍ରଫି ପାଇଁ ଏଥର ଲଢ଼େଇ ହେବ। ଡିଫେଣ୍ଡିଂ ଚାମ୍ପିଅନ ତଥା ପ୍ରଥମ ସଂସ୍କରଣ ଚାମ୍ପିଅନ ଓଡ଼ିଶା ୱାରିୟର୍ସ ଚଳିତ ସଂସ୍କରଣ ପୂର୍ବରୁ ଓହରିଯାଇଥିଲା। ତେଣୁ ଏହା ସ୍ଥାନରେ ନୂତନ ଦଳ ଭାବେ ରାଞ୍ଚି ଏଥର ଖେଳିବ। ଘରୋଇ ରାଞ୍ଚି ଓ ଏସ୍‌ଜି ପାଇପର୍ସ ମଧ୍ୟରେ ରବିବାର ରାତି ୭ଟା ୩୦ରେ ଉଦ୍‌ଘାଟନୀ ଲଢ଼େଇ ଅନୁଷ୍ଠିତ ହେବ। ଲିଗ୍ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ବିପକ୍ଷରେ ୨ଥର ଲେଖାଏ ଖେଳିବେ। ଏହାପରେ ପଏଣ୍ଟ ଟେବଲର ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଜାନୁଆରୀ ୧୦ରେ ଫାଇନାଲ ଲଢ଼େଇ ହେବ। ସମସ୍ତ ମ୍ୟାଚ୍ ରାଞ୍ଚିର ମାରାଙ୍ଗ ଗୋମକେ ଜୟପାଲ୍ ସିଂ ଷ୍ଟାଡିୟମରେ ଖେଳାଯିବ। ସୋନି ସ୍ପୋର୍ଟ୍ସ ନେଟୱର୍କରେ ସମସ୍ତ ମ୍ୟାଚର ସିଧାପ୍ରସାରଣ ହେବ।


ଶ୍ରୀଲଙ୍କା ବିପକ୍ଷ
ମହିଳା ଟି-୨୦ ସିରିଜ୍

# ଚତୁର୍ଥ ବିଜୟ ଲକ୍ଷ୍ୟରେ ଭାରତ

ତିରୁଅନନ୍ତପୁରମ,୨୭।୧୨(ଏଜେନ୍ସି): ଏଠାରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ଟି-୨୦ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍ ଜିତି ଭାରତ ୨ଟି ମ୍ୟାଚ୍ ଆଗରୁ ସିରିଜ୍ କବ୍‌ଜା କରିନେଇଛି। ପ୍ରତ୍ୟେକ ମ୍ୟାଚ୍‌ରେ ଭାରତର ପ୍ରଭାବୀ ଖେଳ ଆଗରେ ହାର୍ ମାନିଛି ଶ୍ରୀଲଙ୍କା। ଦିନିକିଆ ବିଶ୍ୱଚାମ୍ପିଅନ ଭାରତ ସମସ୍ତ ବିଭାଗରେ ଦମ୍‌ଦାର ଖେଳ ପ୍ରଦର୍ଶନ କରିଛି। ଉଭୟ ଦଳ ମଧ୍ୟରେ ଦକ୍ଷତା ଦୃଷ୍ଟିରୁ ଆକାଶ ପାତାଳ ଫରକ ରହିଛି। ଏଭଳି ସ୍ଥିତିରେ ଭାରତର ମୁକାବିଲା କରିବା ନୂଆ ଖେଳାଳିମାନଙ୍କୁ ନେଇ ଗଠିତ ଶ୍ରୀଲଙ୍କା ଦଳ ପକ୍ଷେ କଷ୍ଟକର। ଅଭିଜ୍ଞ ଅଧିନାୟିକା ଚାମରି ଆଟାପାଟୁ ଭାରତୀୟ ବୋଲରଙ୍କ ସମ୍ମୁଖରେ ତିଷ୍ଠିପାରୁ ନାହାନ୍ତି। ହାସିନି ପରେରା ଭଲ ଆରମ୍ଭ ଦେଉଥିଲେ ମଧ୍ୟ ଅନ୍ୟମାନଙ୍କ ସହ ବେଶି ସମୟ କ୍ରିଜ୍‌ରେ ତିଷ୍ଠିରହିବାରେ ଅସମର୍ଥ ହେଉଛନ୍ତି।

ଭାରତ ଶାଣିତ ବୋଲିଂ ଆଗରେ ଶ୍ରୀଲଙ୍କାର ବ୍ୟାଟିଂ ନିଷ୍ପ୍ରଭ ହୋଇଯାଇଛି। ରେଣୁକା ସିଂ ଠାକୁର ଓ ଅନ୍ୟ ଯୁବ ଫାଷ୍ଟ ବୋଲର ବେଶ ପ୍ରଭାବଶାଳୀ ପ୍ରଦର୍ଶନ କରୁଛନ୍ତି। ସ୍ପିନର ଶ୍ରୀ ଚରଣି, ଦୀପ୍ତି ଶର୍ମା, ନବାଗତ ବୈଭବୀ ଶର୍ମାଙ୍କ ସମ୍ମୁଖରେ ଶ୍ରୀଲଙ୍କା ବ୍ୟାଟିଂ ଫେଲ ମାରିଛି। ଭାରତର ଟପ୍ ଅର୍ଡରରେ ସ୍ମୃତି ମନ୍ଧାନା ବଡ ସ୍କୋର କରିନାହାନ୍ତି। କିନ୍ତୁ ତାଙ୍କ ପାର୍ଟନର ଶେଫାଳି ବର୍ମା ଦୁଇଟି ବଡ଼ ଇନିଂସ ଖେଳି ଶ୍ରୀଲଙ୍କା ଲାଗି ଦୁସ୍ୱପ୍ନ ପାଲଟିଯାଇଛନ୍ତି। ଜେମିମା ରୋଡ୍ରିଗ୍ୱେଜ୍ ପ୍ରଥମ ମ୍ୟାଚ୍‌ରେ ବଡ଼ ଇନିଂସ ଖେଳିଥିଲେ। ଏହି ୩ଟି ଦମ୍‌ଦାର ଇନିଂରେ ଭାରତ ସହଜ ବିଜୟ ହାସଲ କରିଛି। ଆସନ୍ତାକାଲି ମଧ୍ୟ ଦଳ ମ୍ୟାଚ୍ ଜିତିବ ବୋଲି ଆଶା କରାଯାଉଛି।

# ୧୦୦୦ ରନ ଓ ୧୫୦ ୱିକେଟ: ବିରଳ କ୍ଲବ୍‌ରେ ଦୀପ୍ତି



ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ଅଭିଜ୍ଞ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ୧୦୦୦ ରନ ସଂଗ୍ରହ କରିବା ଓ ୧୫୦ ୱିକେଟ୍ ନେବାରେ ଦୀପ୍ତି ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି। ଏପରିକି କୌଣସି ପୁରୁଷ କ୍ରିକେଟର୍ ମଧ୍ୟ ଏହି ସଫଳତା ଆଜି ପର୍ଯ୍ୟନ୍ତ ପାଇ ନାହାନ୍ତି। ଶ୍ରୀଲଙ୍କା ବିପକ୍ଷରେ ଶୁକ୍ରବାର ଖେଳାଯାଇଥିବା ୩ୟ ଟି-୨୦ ଅବସରରେ ଦୀପ୍ତି ଏହି କୀର୍ତ୍ତିମାନ ହାସଲ କରିଥିଲେ। ଏହି ମ୍ୟାଚରେ ଦୀପ୍ତି ୪ ଓଭର ବୋଲିଂ କରି ୧୮ ରନ ବ୍ୟୟରେ ୩ଟି ୱିକେଟ୍ ନେଇଥିଲେ। ଫଳରେ ଅନ୍ତର୍ଜାତୀୟ ଟି-୨୦ରେ ତାଙ୍କ ୱିକେଟ୍ ସଂଖ୍ୟା ୧୫୧ରେ ପହଞ୍ଚିଥିଲା। ୧୩୧ତମ ମ୍ୟାଚ୍ ଖେଳିବା ଅବସରରେ ଦୀପ୍ତି ଏହି ସଫଳତା ପାଇଥିଲେ। ସେହିଭଳି ଟି-୨୦ କ୍ରିକେଟ୍‌ରେ ଦୀପ୍ତିଙ୍କ ନାମରେ ୧୧୦୦ ରନ ମଧ୍ୟ ଲିପିବଦ୍ଧ ରହିଛି। ଟି-୨୦ କ୍ରିକେଟ୍‌ର ବୋଲିଂ ତାଲିକାରେ ଦୀପ୍ତି ବର୍ତ୍ତମାନ ଏକ ନମ୍ବର ସ୍ଥାନରେ ରହିଛନ୍ତି।

# ୭ ବର୍ଷ ହେଲା ଅମ୍ପାୟାରଙ୍କ ମ୍ୟାଚ୍ ଫି' ବଢ଼ିନାହିଁ

ନୂଆଦିଲ୍ଲୀ,୨୭।୧୨(ଏଜେନ୍ସି): କ୍ରିକେଟ ଖେଳରେ ଅମ୍ପାୟାରଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଟେକ୍ନୋଲୋଜିର ବିକାଶ ପରେ ଏବେ ଅମ୍ପାୟାରଙ୍କୁ ନିଷ୍ପତ୍ତି ନେବା ଯେମିତି ସହଜ ହୋଇଛି, ସେହିପରି ସେମାନଙ୍କୁ ନିର୍ଭୁଲ ଖେଳପରିଚାଳନା ଏକ ଚ୍ୟାଲେଞ୍ଜ ହୋଇଛି। ଏପରି ସ୍ଥଳେ ଗତ ୭ ବର୍ଷ ହେଲା ଅର୍ଥାତ୍ ୨୦୧୮ ରୁ ଭାରତରେ ମ୍ୟାଚ୍ ପରିଚାଳନା କରୁଥିବା ଅମ୍ପାୟାରଙ୍କ ମ୍ୟାଚ୍ ଫି' ବଢ଼ିନାହିଁ। ଅମ୍ପାୟାରଙ୍କ କାର୍ଯ୍ୟକୁ 'ଥ୍ୟାଙ୍କ୍‌ଲେସ୍ ଜବ୍' ଭାବେ ବିବେଚନା କରାଯାଉଥିଲେ ମଧ୍ୟ ଭାରତୀୟ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ସେମାନଙ୍କ ମ୍ୟାଚ୍ ଫି ବଢ଼ାଉନାହିଁ। ଏ ସମ୍ପର୍କରେ ନିକଟରେ ବସିଥିବା ବିସିସିଆଇ ଆପେକ୍ସ କାଉନ୍ସିଲ ବୈଠକରେ ଆଲୋଚନା ହୋଇଥିଲା। କିନ୍ତୁ ମହିଳାଙ୍କ ମ୍ୟାଚ୍ ଫି ବୃଦ୍ଧି ଉପରେ କେବଳ ମୋହର ବାଜିଥିଲା। ଅମ୍ପାୟାର କମିଟି ମ୍ୟାଚ୍ ଫି ବୃଦ୍ଧି କରିବା ନେଇ ସୁପାରିସ୍ କରିଛି। ପରବର୍ତ୍ତୀ ଆପେକ୍ସ କାଉନ୍ସିଲ ବୈଠକରେ ଏହା ଉପରେ ନିଷ୍ପତ୍ତି ହେବ ବୋଲି ଆଶା କରାଯାଉଛି। ଏବେ ଭାରତରେ ଆୟୋଜିତ ହେଉଥିବା ଶହ ଶହ ଘରୋଇ ମ୍ୟାଚ୍‌କୁ ବିସିସିଆଇ ଦ୍ୱାରା ନିଯୁକ୍ତ ମାତ୍ର ୧୮୬ ଜଣ ଅମ୍ପାୟାର ପରିଚାଳନା କରୁଛନ୍ତି। ଏମାନଙ୍କୁ ୪ଟି କାଟାଗୋରୀରେ ଭାଗ କରାଯାଇଛି। ସେଗୁଡ଼ିକ ହେଲା ଏ' ପ୍ଲସ୍, ଏ', ବି' ଓ ସି'। ଏବେ ବିସିସିଆଇ ଦ୍ୱାରା ନିଯୁକ୍ତ ହୋଇଥିବା ଅମ୍ପାୟାରଙ୍କ ମଧ୍ୟରେ ଏ' ପ୍ଲସ୍ କାଟାଗୋରୀରେ ୯ ଜଣ, ଏ'ରେ ୨୦ଜଣ, ବି'ରେ ୫୮ ଓ ସି' କାଟାଗୋରୀରେ ୯୯ ଜଣ ଅମ୍ପାୟାର ରହିଛନ୍ତି। ଏହା ମଧ୍ୟରୁ ଏ' ପ୍ଲସ୍ ଓ ଏ' କାଟାଗୋରୀ ଅମ୍ପାୟାରଙ୍କୁ ଦିନକୁ ୪୦,୦୦୦, ବି ଓ ସି' କାଟାଗୋରୀ ଅମ୍ପାୟାରଙ୍କୁ ଦିନକୁ ୩୦,୦୦୦ ଲେଖାଏଁ ଟଙ୍କା ଦିଆଯାଉଛି। ଏହା ଛଡ଼ା ଅନ୍ୟାନ୍ୟ ସୁବିଧା ସୁଯୋଗ ମଧ୍ୟ ମିଳୁଛି। କିନ୍ତୁ ଗତ ୭ ବର୍ଷ ଧରି ଏହି ମ୍ୟାଚ୍ ଫି'ରେ ବୃଦ୍ଧି ହୋଇନାହିଁ। ଏହି ଅମ୍ପାୟାର ମାନେ ପୁରୁଷ ଓ ମହିଳା ବିଭାଗରେ ସମସ୍ତ ସିନିଅର, ଜୁନିଅର, ସବ୍ ଜୁନିଅର ମ୍ୟାଚ୍ ପରିଚାଳନା କରୁଛନ୍ତି। ବିସିସିଆଇ ଅମ୍ପାୟର୍ସ କମିଟିର ପ୍ରସ୍ତାବକୁ ପରବର୍ତ୍ତୀ ଆପେକ୍ସ କାଉନ୍ସିଲ ବୈଠକରେ ଗ୍ରହଣ କରାଯିବ ବୋଲି ଆଶା କରାଯାଉଛି।

## ୭୧ତମ ଓଡ଼ିଶା ଷ୍ଟେଟ୍ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟିତ

# କଟକକୁ ୧୨ ପଦକ; ପ୍ରଥମ ଦିନରେ ୪ ନୂଆ ରେକର୍ଡ





ଭୁବନେଶ୍ୱର, ୨୭।୧୨ (ସମିସ): କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ସିନ୍ଥେଟିକ ଗ୍ରାଉଣ୍ଡରେ ଶନିବାର ଓଡ଼ିଶା ଷ୍ଟେଟ୍ ଆଥ୍‌ଲେଟିକ୍ ମିଟ୍‌ର ୭୧ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ କଟକର କ୍ରୀଡ଼ାବିତ୍‌ମାନେ ଦମ୍‌ଦାର ପ୍ରଦର୍ଶନ କରି ୧୨ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୫ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୪ଟି କାଂସ୍ୟ ପଦକ ସାମିଲ ରହିଛି। କଟକ ପଛକୁ ୭ଟି ପଦକ ଜିତି ଯାଜପୁର ଦ୍ୱିତୀୟଶ୍ରେଷ୍ଠ ପ୍ରଦର୍ଶନ କରିଛି। ଅପରପକ୍ଷରେ ପ୍ରଥମ ଦିବସରେ ୪ଟି ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା ହୋଇଛି। କଟକର ମନୀଷା ମେରେଲ ମହିଳା ଲଙ୍ଗ ଜମ୍ପରେ ୫.୭୧ ମିଟର ଲମ୍ଫ ପ୍ରଦାନ କରି ନୂଆ ମିଟ୍ ରେକର୍ଡ କରିଥିଲେ। ସେହିଭଳି ହାଇଜମ୍ପରେ ଅନୁଗୋଳର ସ୍ୱାଧୀନ ମାଝୀ ମଧ୍ୟ ମିଟ୍ ରେକର୍ଡ କରିଛନ୍ତି। ସେ ୨.୧୩ ମିଟର ଉଚ୍ଚକୁ ଡେଇଁ ପୋଡିୟମର ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣପଦକ ଜିତିଥିଲେ। ୧୮ ବର୍ଷରୁ କମ୍ ବାଳିକା ଜାଭେଲିନ ଥ୍ରୋ'ରେ ଯାଜପୁରର ଆଲୋକିକା ସ୍ୱାଇଁ (୪୩.୦୧ ମିଟର) ଓ ୨୦ ବର୍ଷରୁ କମ୍ ବାଳକ ସଟ୍ ପୁଟ୍‌ରେ ଓମକାର ପ୍ରସାଦ ନନ୍ଦ (୧୭.୧୧ ମିଟର) ମଧ୍ୟ ରେକର୍ଡ ନିଜ ନାମରେ କରିଛନ୍ତି।

ପୂର୍ବରୁ କ୍ରୀଡ଼ା ବିଭାଗର କମିଶନର କମ୍ ସେକ୍ରେଟାରୀ ସଚିନ ରାମଚନ୍ଦ୍ର ଯାଦବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମିଟ୍‌କୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲିମ୍ପିଆନ ଶ୍ରାବଣୀ ନନ୍ଦ, କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ୟେଦ୍ଦୁଲା ବିଜୟ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ଓଡ଼ିଶା ଆଥ୍‌ଲେଟିକ ସଂଘ ସମ୍ପାଦକ ଅଭିଜିତ୍ ପାଲ୍ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଡିସେମ୍ବର ୩୦ରେ ଏହି ପ୍ରତିଯୋଗିତା ଉଦଯାପିତ ହେବ।

ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲ

# ଯୁବା-କଟକ ଫାଇନାଲ

ଭୁବନେଶ୍ୱର,୨୭।୧୨(ସମିସ): ସ୍ଥାନୀୟ ୟୁନିଟ-୧ ବାସ୍କେଟବଲ କମ୍ପ୍ଲେକ୍ସ ପରିସରରେ ଖୋର୍ଦ୍ଧା ଜିଲ୍ଲା ବାସ୍କେବଲ ସଂଘ ଓ ସ୍ମୃତି କମିଟି ପକ୍ଷରୁ ପ୍ରଥମ ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଲାଇନ୍‌ଅପ୍‌ସ୍ଥିର ହୋଇଯାଇଛି। ଆସନ୍ତାକାଲି ଖେଳାଯିବାକୁ ଥିବା ପୁରୁଷ ଫାଇନାଲରେ ଶହୀଦ୍ ନଗରର ଯୁବା ବାସ୍କେଟବଲ କ୍ଲବ୍ ସହ କଟକ ବାସ୍କେଟବଲ ଆସୋସିଏସନର ମୁକାବିଲା ହେବ। ସେହିପରି ମହିଳା ଫାଇନାଲରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ସହ ୟଙ୍ଗଷ୍ଟର ବାସ୍କେଟବଲ କ୍ଲବ୍‌ର ମୁକାବିଲା ହେବ। ପୁରୁଷ ବିଭାଗ ପ୍ରଥମ ସେମିରେ ଯୁବା ବାସ୍କେଟବଲ ଟିମ୍ ୬୫-୫୩ ପଏଣ୍ଟରେ କଳିଙ୍ଗ ବାସ୍କେଟବଲ କ୍ଲବ୍‌କୁ ଓ ଦ୍ୱିତୀୟ ସେମିରେ କଟକ ୮୬-୬୬ ପଏଣ୍ଟରେ ୱିନରର୍ସ ଆସୋସିଏସନକୁ ହରାଇଥିଲା।

# ମୁକ୍ତେଶ୍ୱର କପ୍: ସେମିରେ ରେଡ୍ ଷ୍ଟାର୍

ଭୁବନେଶ୍ୱର, ୨୭।୧୨ (ସମିସ): କଟକର ରାଇଜିଂ ଷ୍ଟୁଡେଣ୍ଟ୍‌ସକୁ ୩୫ ରନରେ ପରାସ୍ତ କରି କ୍ଲବ ଦି ରେଡ୍ ଷ୍ଟାର୍ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟରରେ ରେଡ୍ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୩୦ ଓଭରରେ ୮ ୱିକେଟ୍ ହରାଇ ୧୫୦ ରନ କରିଥିଲା। ଦଳ ପକ୍ଷରୁ କ୍ଷୀରୋଦ ଭଞ୍ଜ ସର୍ବାଧିକ ୫୪ ରନ କରିଥିଲେ। ପ୍ରତିପକ୍ଷ ବୋଲର ଦୁର୍ଗାଶିଷ ବେହେରାଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ୧୧୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର ଅସମିତ୍ ୫୨ ରନ କରିଥିଲେ ମଧ୍ୟ ବୃଥା ଯାଇଥିଲା। ରେଡ ଷ୍ଟାରର ମନ୍ମଥ ୩ଟି ଏବଂ ଓମ୍ ସାହୁ ଓ ଦକ୍ଷେଶ୍ୱର ରାଉତଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ନିହାର ରଞ୍ଜନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ କ୍ଷୀରୋଦଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ରବିବାର ଆୟୋଜକ ମୁକ୍ତେଶ୍ୱର କ୍ଲବ ଓ ଜୁଭେନାଇଲ୍ କ୍ରିକେଟ୍ କ୍ଲବ ମଧ୍ୟରେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟର ଫାଇନାଲ ଖେଳାଯିବ।

ଆନ୍ତଃବିଶ୍ୱବିଦ୍ୟାଳୟ
ଭାରୋତ୍ତୋଳନ

# କିସ୍‌ର ସଦାନନ୍ଦଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୭ ।୧୨ (ସମିସ)



ପଞ୍ଜାବରେ ଚାଲିଥିବା ଉତ୍ତର ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ୍ ସାଇସେନ୍ସ (କିସ୍)କୁ ଡବଲ୍ ପଦକ ସଫଳତା ମିଳିଛି। ଶନିବାର କିସ୍ ବିଶ୍ୱବିଦ୍ୟାଳୟର ସଦାନନ୍ଦ ବରିହା ସ୍ୱର୍ଣ୍ଣ ଓ ମୀନା ସାନ୍ତା କାଂସ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପୁରୁଷ ୬୫ କିଗ୍ରା ବିଭାଗରେ ଅଂଶଗ୍ରହଣ କରିଥିବା ସଦାନନ୍ଦ ମୋଟ୍ ୨୫୪ କିଗ୍ରା ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ଯେଉଁଥିରେ ସେ ସ୍ନାଚରେ ୧୧୦ କିଗ୍ରା ଓ କ୍ଲିନ ଆଣ୍ଡ ଜର୍କରେ ୧୪୪ କିଗ୍ରା ଭାର ଉଠାଇଥିଲେ। ସେହିଭଳି ମୀନା ମହିଳା ୫୮ କିଗ୍ରା ବିଭାଗରେ ଭାଗନେଇଥିଲେ। ଏଥିରେ ସେ ସ୍ନାଚରେ ୮୦ କିଗ୍ରା ଏବଂ କ୍ଲିନ ଆଣ୍ଡ ଜର୍କରେ ୯୮ କିଗ୍ରା ସହ ମୋଟ୍ ୧୭୮ କିଗ୍ରା

### ମୀନା ଜିତିଲେ କାଂସ୍ୟ

ଭାରତ୍ତୋଳନ କରିଥିଲେ। ଶୁଭକାନ୍ତ ମଲିଆ ପୁରୁଷ ଦଳର ଓ ରାଣୀ ପାତ୍ର ମହିଳା ଦଳର କୋଚ୍ ଭାବେ ଦଳ ସହ ଗସ୍ତ କରିଛନ୍ତି। ଏହି ସଫଳତା ଲାଗି ପ୍ରଫେସର ଅଚ୍ୟୁତ ସାମନ୍ତ ପଦକ ବିଜୟୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପ୍ରଥମଥର ସିନିଅର ଫାଇନାଲରେ ତନ୍ୱୀ

ଭୁବନେଶ୍ୱର, ୨୬ ।୧୨ (ସମିସ): ଓଡ଼ିଶାର ଯୁବ ସଟଲର୍ ତନ୍ୱୀ ପତ୍ରି କ୍ୟାରିୟରରେ ପ୍ରଥମଥର ଲାଗି ଜାତୀୟ ସିନିଅର ଫାଇନାଲରେ ପ୍ରବେଶ କରି ସ୍ମରଣୀୟ ସଫଳତା ପାଇଛନ୍ତି। ବିଜୟୱାଡାରେ ଅନୁଷ୍ଠିତ ଜାତୀୟ ସିନିଅର ବ୍ୟାଡ୍‌ମିଣ୍ଟନର ମହିଳା ସିଙ୍ଗଲ୍ସରେ ଶନିବାର ଅନୁଷ୍ଠିତ ସେମିରେ ତନ୍ୱୀ ୧୮-୨୧, ୨୧-୧୨, ୨୧-୧୫ରେ ମହାରାଷ୍ଟ୍ରର ଶ୍ରୁତି ମୁନଦାଦାଙ୍କୁ ପରାସ୍ତ କରିଥିଲେ। ରବିବାର ଟାଇଟଲ୍ ଲଢ଼େଇରେ ତନ୍ୱୀଙ୍କ ମୁକାବିଲା ଘରୋଇ ଆନ୍ଧ୍ର ଖେଳାଳି ସୂର୍ଯ୍ୟା ଚାରିସ୍ମାଙ୍କ ସହ ହେବ।

ନନ୍ଦିଘୋଷ
'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ
କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS